# ଗୀତିଗାଥା

ହେମଚନ୍ଦ୍ର ଆଚାର୍ଯ୍ୟ



ଓଡ଼ିଶା ବୁକ୍ ଏମ୍ପୋରିୟମ୍

# ଗୀତିଗାଥା

ହେମଚନ୍ଦ୍ର ଆଚାର୍ଯ୍ୟ

ଓଡ଼ିଶା ବୁକ୍ ଏମ୍ପୋରିୟମ୍

କଟକ-୨

ଗୀତିଗାଥା

GEETIGATHA

ଲେଖକ : ହେମଚନ୍ଦ୍ର ଆଚାର୍ଯ୍ୟ
ଗର୍ଭଣା, ବରଗଡ଼
Written by : Hemachandra Acharya
Garvana, Bargarh

ପ୍ରତିଷ୍ଠାତା ପ୍ରକାଶକ
ଦେବବ୍ରତ କର
ଓଡ଼ିଶା ବୁକ୍ ଏମ୍ପୋରିୟମ୍
କଟକ-୭୫୩୦୦୨

ପ୍ରକାଶକ : ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ - ୭୫୩୦୦୨
Published by : ORISSA BOOK EMPORIUM, Cuttack-2

ପ୍ରଥମ ପ୍ରକାଶ : ୨୦୦୮
1st Edition : 2008

ପ୍ରଚ୍ଛଦ : ତନୁଜ

ମୁଦ୍ରଣ : ଅଲ୍ଟ୍ରା ଇମ୍ପ୍ରେସନ୍, ସୂତାହାଟ, କଟକ-୧
Printed at : Aultra Impression, Sutahat, Cuttack-1

ISBN : 81-8421-080-0

Price : **Rs.82.00**

# ଉତ୍ସର୍ଗ

ମୋର ପୂଜ୍ୟ ଶିକ୍ଷକ
ଶଶୀ ଭୂଷଣ ମିଶ୍ର, 'ବୁଢ଼ା ମାଷ୍ଟ୍ରେ'ଙ୍କ
ହାତରେ

**ହେମଚନ୍ଦ୍ର ଆଚାର୍ଯ୍ୟ**

# ଧନ୍ୟବାଦାର୍ହ

ହେମଚନ୍ଦ୍ର ଆଚାର୍ଯ୍ୟଙ୍କର 'ଗୀତିଗାଥା'ର ପ୍ରକାଶନରେ ଯେଉଁମାନଙ୍କର ପ୍ରତ୍ୟକ୍ଷ ସହଯୋଗ ରହିଛି ସେମାନେ ହେଲେ ସିଦ୍ଧାର୍ଥ ମହାପାତ୍ର, ତନୁଜ ମଲ୍ଲିକ, ଅନିଲ ପ୍ରଧାନ, ଡ଼କ୍ଟର ବିଜୟାନନ୍ଦ ସିଂହ, ଡ଼କ୍ଟର ବସନ୍ତ କୁମାର ପଣ୍ଡା ଏବଂ ଏମ୍. ଏନ୍. ହକ୍। ସେମାନଙ୍କ ସାହାଯ୍ୟ ପାଇଁ ଅଶେଷ ଧନ୍ୟବାଦ।

**ପ୍ରକାଶକ**

# ନିଜକଥା

ମୋର ଜୀବନୀ ନିହାତି ସାଦାସିଧା ଏକ ଜୀବୀର ; ବିଶେଷତ୍ୱ କିଛି ନାହିଁ । ଜନ୍ମ ୨୦.୪.୧୯୨୬ରେ । ଶିକ୍ଷା–ପ୍ରବେଶିକା ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିଲି ୧୯୪୪ରେ । କିଛିଦିନ ଶିକ୍ଷକତା କରିଥିଲି ବିଜେପୁର ମି.ଇ. ସ୍କୁଲ ଏବଂ ବରଗଡ଼ ଡର୍ଜ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ । ୧୯୪୪ରୁ ୧୯୬୬ ପର୍ଯ୍ୟନ୍ତ କୃଷି ବିଭାଗ ଓ ଗ୍ରାମ ଗୋଷ୍ଠୀ ଯୋଜନା (C.W. Deptt.) ବିଭାଗରେ ବିଭିନ୍ନ ପଦପଦବୀରେ ଚାକିରି କରିଥିଲି । ୧୯୬୭ରେ ତ୍ୟାଗପତ୍ର ଦେଇ ରାଜନୀତିରେ ଯୋଗଦାନ କଲି ଏବଂ ତା'ପରେ ଅଦ୍ୟାବଧି ପୈତୃକ ଗ୍ରାମ ଗର୍ଭଣାରେ ଯାଇ ଚାଷବାସ କରୁଛି !

ଲେଖାଲେଖି ପଢୁଥିବା ଅବସ୍ଥାରୁ ଆରମ୍ଭ କରିଥିଲି । ପ୍ରଥମ ଲେଖା ନାଟକ 'ଶାପର ଫଳ' । ତା'ପରେ 'ପ୍ରଣୟ ପ୍ରକାଶ' କାବ୍ୟ । ଏଥିରେ ଓଡ଼ିଆ ଓ ସଂସ୍କୃତ ଭାଷାରେ ମାନ୍ୟତା ପ୍ରାପ୍ତ ସମସ୍ତ ଅଳଙ୍କାର ସ୍ଥାନ ପାଇଛି ।

ତା'ପରେ ନାଟକ ନିର୍ବାସିତା, ପରୀକ୍ଷିତ, ମହାରଥୀ କର୍ଣ୍ଣ, ବିଶ୍ୱାସ ଏବଂ ପ୍ରତୀକ୍ଷା । କାବ୍ୟ 'ଶବରୀ ସନ୍ଦେଶ', ଆଦ୍ୟନ୍ତ 'ଶ' ନିୟମରେ ଲିଖିତ । ଶେଷରେ ଏକ କବିତା ସଂକଳନ 'ପାଥେୟ ମୋ ଜୀବନ ଯାତ୍ରାରେ' ଏବେ ଏବେ ସରିଛି । ଅନେକ ସମୟରେ ଅନେକ ପ୍ରବନ୍ଧ ଓ ଗଳ୍ପ ଲେଖିଥିଲି ଯେଉଁସବୁ ପ୍ରାୟ ବିବିଧ ପତ୍ର ପତ୍ରିକାରେ ପ୍ରକାଶ ପାଇଛି । 'ମହାରଥୀ କର୍ଣ୍ଣ' ନାଟକ ଓ 'ଶବରୀ ସନ୍ଦେଶ' କାବ୍ୟ ବ୍ୟତୀତ ଅନ୍ୟ ସବୁ ଅପ୍ରକାଶିତ ।

ଗୀତ ଲେଖିବା ମୋର ସଉକ । ଅନେକ ଗୀତ ସଂକୀର୍ତ୍ତନ ଓ ସଂଚାର କଳାକାରମାନଙ୍କ ଦ୍ୱାରା ଅନେକତ୍ର ପରିବେଶିତ ହେଉଛି । ସମ୍ବଲପୁରୀରେ ଗୀତ, ଗଳ୍ପ ଓ କାବ୍ୟ 'ସତର ସତୀ ବୃନ୍ଦାବତୀ' ଲେଖିଛି । ଏବେ ସମ୍ବଲପୁରୀ ଗଳ୍ପ କେତୋଟି ଲେଖୁଛି ।

ଲେଖାଲେଖିର ପ୍ରେରଣା ପାଇଥିଲି ପିତା ସ୍ୱର୍ଗତ ପଣ୍ଡିତ ଶ୍ରୀ ଡୋଳାମଣି ଆଚାର୍ଯ୍ୟ, ପିତୃବ୍ୟ ✓ଶ୍ରୀ ମନୋହର ଆଚାର୍ଯ୍ୟ, ଗୁରୁ ✓ଶ୍ରୀ ଶଶିଭୂଷଣ ମିଶ୍ର ଶର୍ମା (ଶିକ୍ଷକ ଜର୍ଜ ହାଇସ୍କୁଲ, ବରଗଡ଼) ଏବଂ ✓ପଣ୍ଡିତ ରାଘବ ମିଶ୍ର ଶିକ୍ଷକ ବରପାଲି ମି.ଇ. ସ୍କୁଲଙ୍କ ଠାରୁ ।

ସ୍ୱର୍ଗତ ସତ୍ୟନାରାୟଣ ବହିଦାର ଓ ଅଧ୍ୟାପକ ନିତ୍ୟାନନ୍ଦ ଦର୍ଜୀ ମୋର ଶିକ୍ଷକ ଥିଲେ ଏବଂ ସେମାନଙ୍କ ଠାରୁ ସମ୍ବଲପୁରୀରେ ଲେଖିବାର ପ୍ରେରଣା ପାଇଥିଲି ।

୩୦-୫-୧୯୯୦ **ହେମଚନ୍ଦ୍ର**

# ମୋ ଦୃଷ୍ଟିରେ କବି ହେମଚନ୍ଦ୍ର ଆଚାର୍ଯ୍ୟ

୧୯୯୩ ମସିହା ଫେବୃଆରୀ ମାସରେ ସ୍ନେହାସ୍ପଦ ମଣିନ୍ଦ୍ର କୁମାର ମେହେରଙ୍କ ନିମନ୍ତ୍ରଣ ପାଇ ମୁଁ ଯାଇଥିଲି ମହାନ୍ କବି ଗଙ୍ଗାଧର ମେହେରଙ୍କ ଜନ୍ମମାଟି ବରପାଲିକୁ, 'ବାସନ୍ତୀ' ସାହିତ୍ୟାନୁଷ୍ଠାନର ବାର୍ଷିକ ଉତ୍ସବରେ ଯୋଗଦେବା ପାଇଁ। ଅତିଥି ହୋଇଥିଲି ବିଶିଷ୍ଟ ସାହିତ୍ୟିକ ତଥା ବରପାଲି ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷ ନାରାୟଣ ପୃଷ୍ଟେଠ୍‌ଙ୍କର। 'ବାସନ୍ତୀ'ର ବାର୍ଷିକ ଉତ୍ସବରେ ମୋର ପ୍ରଥମ ପରିଚୟ ହୋଇଥିଲା କବି ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ସହ। ଅନ୍ୟମାନଙ୍କ ସହ ସେ ବର୍ଷ ଶ୍ରୀଯୁକ୍ତ ଆଚାର୍ଯ୍ୟଙ୍କୁ ସେଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା ତାଙ୍କର ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ। ତା' ପୂର୍ବରୁ ମୁଁ ତାଙ୍କୁ ଜାଣି ନଥିଲି କିମ୍ବା ତାଙ୍କର କୌଣସି ଲେଖା ପଢ଼ି ନଥିଲି, କାରଣ ପଶ୍ଚିମ ଓଡ଼ିଶାର ହାତଗଣତି ଅଳ୍ପ କେତେଜଣ କବି ଲେଖକଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କୁ ଜାଣିବାର ଓ ପଢ଼ିବାର ସୁଯୋଗ ନଥିଲା। ଆଜିପର୍ଯ୍ୟନ୍ତ ସେଭଳି ସୁଯୋଗ ବ୍ୟାପକ ଭାବରେ ସୃଷ୍ଟି ହୋଇନାହିଁ ବା ସୃଷ୍ଟି କରାଯାଇ ପାରିନାହିଁ। ଏଥିପାଇଁ ପ୍ରକୃତରେ କିଏ ଦାୟୀ ମୁଁ ସେ ବିତର୍କ ଏଠାରେ ସୃଷ୍ଟି ନକରି ଏତିକି କହିବି ଯେ ଏହାହିଁ ବାସ୍ତବ ସତ୍ୟ।

ଯା'ହେଉ ଆଜକୁ ୧୪ ବର୍ଷ ତଳେ ମୁଁ ବରପାଲିରେ କବି ହେମଚନ୍ଦ୍ରଙ୍କ ଭଳି ପଶ୍ଚିମ ଓଡ଼ିଶାର କିଛି ସାରସ୍ୱତ ବରପୁତ୍ରଙ୍କୁ ଭେଟି ଯଥେଷ୍ଟ ଆନନ୍ଦ ଲାଭ କରିଥିଲି। ସେମାନଙ୍କର ସାହିତ୍ୟକୃତି ସମ୍ପର୍କରେ କିଞ୍ଚିତ୍ ଜାଣିବାର ସୁଯୋଗ ପାଇଥିଲି। ହେମଚନ୍ଦ୍ର ସେଠାରେ ମୋତେ ତାଙ୍କ ରଚିତ 'ଶବରୀ ସନ୍ଦେଶ' ବହିଟିଏ ଦେଇଥିଲେ। ପ୍ରଚ୍ଛଦ, ମୁଦ୍ରଣ ଆଦି ଏକାନ୍ତ ଅନାକର୍ଷଣୀୟ ଥିଲା ଏ ଛୋଟ ବହିଟିର। ଯେକେହି ସାଧାରଣ ପାଠକ ଏହାର ରୂପ ଦେଖିଲେ ଭିତରକୁ ଯିବାପାଇଁ ଆଦୌ ମନ ନବଳାଇବା ସ୍ୱାଭବିକ। କିନ୍ତୁ ମୁଁ ସେଠାରୁ ଫେରି ଆସିବା ପରେ ବହିଟିକୁ ଓଲଟାଇ ପୃଷ୍ଠା ପରେ ପୃଷ୍ଠା ପଢିବାକୁ ଲାଗିଲି। ଦେଖିଲି, ରାମାୟଣ ବର୍ଣ୍ଣିତ ସେହି ଶବରୀ

ଉପାଖ୍ୟାନକୁ କବି ହେମଚନ୍ଦ୍ର ମଧ୍ୟଯୁଗୀୟ ଆଲଙ୍କାରିକ ରୀତିରେ ଅତି ସୁନ୍ଦର ଭାବେ ରଚନା କରିଛନ୍ତି ଆଦ୍ୟ-ପ୍ରାନ୍ତ ଜମକରେ। କି ଅଦ୍ଭୁତ ତାଙ୍କର ଭାଷାଜ୍ଞାନ ! ଓଡ଼ିଆ ଶବ୍ଦ ଭଣ୍ଡାର ଉପରେ ଅସାଧାରଣ ଦକ୍ଷତା ଓ କାବ୍ୟପଟୁତା ନଥିଲେ ଏଭଳି କାବ୍ୟ ପ୍ରଣୟନ କରିବା ଏକାନ୍ତ ଅସମ୍ଭବ ବୋଲି ମୋର ହୃଦ୍‌ବୋଧ ହେଲା। ପ୍ରାୟ ଅର୍ଦ୍ଧଶତ ପୃଷ୍ଠା ବିଶିଷ୍ଟ ଏହି ପୌରାଣିକ କାବ୍ୟକୁ ସେ 'ଶ' ଆଦ୍ୟ-ପ୍ରାନ୍ତ ଜମକରେ ବିଭିନ୍ନ ରାଗରେ ରଚନା କରି ଯେଉଁ କୁଶଳୀ କାବ୍ୟ ଶିଳ୍ପୀର ପାରଦର୍ଶିତା ଦେଖାଇଛନ୍ତି, ତାହା ଦେଖି ମୁଁ ମୁଗ୍ଧ ହେଲି। ନିମ୍ନରେ ତାର କେତୋଟି ଉଦାହରଣରୁ ଏହା ସ୍ପଷ୍ଟ ସୂଚିତ ହେବ।

(୧) "ଶର୍ବରୀ ପଶୁଥିଲା ମହାଆକାଶେ
 ଶୁଭ୍ର ତାରକା-ରତ୍ନ ନେବାର ଆଶେ,
ଶବଦ ଜଣାଇଲେ ବିହଗବଂଶ
 ଶୁଣି ଆକାଶ ପତି କଲେ ପ୍ରବେଶ ଯେ।"

(୨) "ଶବରୀ-ସୁନ୍ଦରୀ କରୁଁ ସଭାରେ ପ୍ରବେଶ
ଶୁଭିଲା, ଧନ୍ୟ ବିଧାତା ଗଢ଼ିଛି ଏ ବେଶ।
ଶାରଦ ଚନ୍ଦ୍ର ରଖିଛି ଅବା ମୁଖଦେଶେ
ଶ୍ରାବଣୀ ମେଘ ଆପଣା ମନେ ରହେ କେଶେ।
ଶକ୍ରଧନୁ ଭ୍ରୁଲତାରେ ରହିଲା ବିବଶେ
ଶଙ୍କାକରେ ମୃଗନେତ୍ରେ ରହିବାରୁ ପାଶେ।
ଶୁଭ୍ରମୋତି-ଦନ୍ତପତି ମଧ୍ୟେ ଅଛି ପଶି
ଶବ୍ଦହୀନେ ଝରେ ମୁକ୍ତା ହସିଲେ ସୁକେଶୀ।"

'ଶବରୀ ସନ୍ଦେଶ' ପଢ଼ି ମୁଁ ସେତେବେଳେ କବି ହେମଚନ୍ଦ୍ରଙ୍କୁ ପତ୍ର ଦେଇଥିଲି।ସେ ମଧ୍ୟ ପ୍ରତ୍ୟୁତ୍ତରରେ ମୋତେ କୃତଜ୍ଞତା ଜଣାଇଥିଲେ। ଏହା ମଧ୍ୟରେ କିଛିବର୍ଷ ଅତିକ୍ରାନ୍ତ ହୋଇଗଲା। ଅଳ୍ପ କେତେବର୍ଷ ତଳେ ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ Poetry Society of India ଆନୁକୂଲ୍ୟରେ ଆୟୋଜିତ ଏକ 'କବିତା କର୍ମଶାଳା' ର Resource Person ଭାବରେ ଯୋଗଦେବାକୁ ଯାଇଥିଲି। ସେଠାରେ ହଠାତ୍ ପରିଚୟ ହେଲା ଡଃ ପ୍ରୀତୀଶ ଆଚାର୍ଯ୍ୟଙ୍କ ସହିତ। କଥା ପ୍ରସଙ୍ଗରେ ଜାଣିବାକୁ ପାଇଲି ଯେ ସେ ହେମଚନ୍ଦ୍ରଙ୍କ ପୁଅ। ଖୁବ୍ ଖୁସିହେଲି। ଆହୁରି ଆନନ୍ଦିତ ହେଲି, ଯେତେବେଳେ ଜାଣିଲି ଯେ ସେ ତାଙ୍କ ପ୍ରଗତିଶୀଳ

ସମାଜବାଦୀ ଦୃଷ୍ଟିଭଙ୍ଗୀ ହାସଲ କରିଛନ୍ତି ପିତା ହେମଚନ୍ଦ୍ରଙ୍କ ଠାରୁ । ଏକଦା ହେମଚନ୍ଦ୍ର ସୋସିଆଲିଷ୍ଟ ପାର୍ଟି ସହ ସଂପୃକ୍ତଥିଲେ ଏବଂ ବିଖ୍ୟାତ ସମାଜବାଦୀ ନେତା କିଶାନ ପଟ୍ଟନାୟକଙ୍କର ଥିଲେ ଏକାନ୍ତ ସହଯୋଗୀ । ଯାହେଉ ପ୍ରୀତୀଶ ଆଚାର୍ଯ୍ୟଙ୍କ ସହ ଆତ୍ମୀୟତା ଗଢ଼ିଉଠିବା ସଙ୍ଗେ ସଙ୍ଗେ କବି ହେମଚନ୍ଦ୍ରଙ୍କ ସହ ପୁନର୍ବାର ଯୋଗସୂତ୍ର ସ୍ଥାପିତ ହେଲା । ସେ ମୋଠାରୁ ପ୍ରାୟ ଦଶବର୍ଷ ବୟସରେ ବଡ, ମୋର ଅଗ୍ରଜ ସ୍ଥାନୀୟ । କିନ୍ତୁ ତାଙ୍କ ରଚନାବଳୀର ମୁଖବନ୍ଧ ଲେଖିବାକୁ ଦେଇ ସେ ମୋତେ ଧନ୍ୟ କରିଛନ୍ତି । ଗତ ତା ୧୭-୭-୨୦୦୭ରିଖରେ ପ୍ରୀତୀଶବାବୁଙ୍କ ଭୁବନେଶ୍ୱରସ୍ଥ ସରକାରୀ ବାସଭବନରେ ବହୁବର୍ଷ ପରେ ତାଙ୍କ ସହ ସାକ୍ଷାତ ହେବା ଅବକାଶରେ ନିଜର ଅସୁସ୍ଥତା ସତ୍ୱେ ସେ ଦୀର୍ଘସମୟଧରି ବସିରହି ଯେଉଁ ଅନ୍ତରଙ୍ଗ ଆଳାପ-ଆଲୋଚନା କଲେ, ତାହା ତାଙ୍କ ସୌଜନ୍ୟବୋଧ ଓ କବିସୁଲଭ ସୌହୃଦୟତାର ପରିଚାୟକ । ଆଜିକାଲି ଅନେକ କବି-ଲେଖକ-ସାହିତ୍ୟିକଙ୍କ ସୃଜନ ପ୍ରତିଭା ଓ ବ୍ୟକ୍ତିଗତ ଆଚରଣ ମଧ୍ୟରେ ବିରାଟ ତଫାତ୍ ଦେଖି ମୁଁ ବିସ୍ମିତ ହୁଏ । କିନ୍ତୁ କବି ହେମଚନ୍ଦ୍ର ଏହାର ଏକ ବ୍ୟତିକ୍ରମ ବୋଲି ମୋର ମନେହେଲା ।

ସେ ଏକାଧାରରେ ରୀତିଯୁଗୀୟ ଓ ଆଧୁନିକ କାବ୍ୟ ପରମ୍ପରାରେ କବିତା ରଚନାରେ ନିଜ ସର୍ଜନ ଦକ୍ଷତାର ପରିଚୟ ଦେଇଛନ୍ତି, ଯାହା କ୍ୱଚିତ୍ କବିଙ୍କଠାରେ ଦେଖିବାକୁ ମିଳେ । ତାଙ୍କ କାବ୍ୟିକ ଦୃଷ୍ଟିଭଙ୍ଗୀ ଓ ସୃଜନାଭିମୁଖ୍ୟ ପ୍ରଗତୀଶୀଳ ଓ ମାନବବାଦୀ । 'ପାଶାଣରୁ ମଣିଷ' ପର୍ଯ୍ୟନ୍ତ ଏକ କବିତାରେ ସେ ଦେଖାଇବାକୁ ଚେଷ୍ଟା କରିଛନ୍ତି .ଆଦିମ ପ୍ରସ୍ତର ଯୁଗରୁ ବିବର୍ତ୍ତନ ଧାରାରେ ସଭ୍ୟତାର କ୍ରମବିକାଶ ଘଟିଥିଲେବି ମଣିଷ ଭିତରେ ସେହି ଆଦିମ ପାଶବିକ ପ୍ରବୃତ୍ତିର ବିନାଶ ଘଟିନାହିଁ । ବରଂ ସମୟ- ସୁଯୋଗ ପାଇଲେ ତାହା ମଥା ଟେ।ଳୁଛି । ଏହାର ଏକ ସୁନ୍ଦର ଅଭିବ୍ୟକ୍ତି ନିମ୍ନୋକ୍ତ ପଂକ୍ତିରୁ ଜଣାପଡିବ -

"ବିପାସାର ଭୂମିକମ୍ପ ମଣିଷ ଓଠରେ
ବୁଭୁକ୍ଷାର ଉଦ୍ଗୀରଣ ଜନତା ଜଠରେ ।
ଗ୍ରହଯୁଦ୍ଧ, ଗୃହଯୁଦ୍ଧ ନର ପରିବାରେ
ପାରିଲା-ପଣିଆ ଖାଲି ମାରିପାରିବାରେ ।
ମାପିବାକୁ ଚେଷ୍ଟାକରୁଁ ସଭ୍ୟତାର ହାର
ଅଲକ୍ଷ୍ୟରେ ମାତ୍ର ତାହା ସଭ୍ୟତାର ହାର ।।"

ଆଜି ଆମେ ତଥାକଥିତ ସଭ୍ୟ ମଣିଷ ମାନେ ସଭ୍ୟତାର ହାର ବା Percentage

ମାପିବାକୁ ଚେଷ୍ଟା କରୁକରୁ ଅଲକ୍ଷ୍ୟରେ ଆମ ସଭ୍ୟତାକୁ ହରାଇ ଅସଭ୍ୟ ହୋଇଯାଉଛୁଁ। ସେପାଇଁ ଏକ ମାନବିକ ବ୍ୟାକୁଳତାରେ କବି ହେମଚନ୍ଦ୍ର ପୁଣି କହିଛନ୍ତି-

"ହାଡ଼ ଚମ ଆଉ ମାଉଁସର ଖୋଳେ ମୂର୍ତ୍ତ ମଣିଷ ଜୀବ
ଆର୍ତ୍ତ ହୋଇକି ଚିତ୍କାର କରେ ଅନୋକ୍ ବି ଶୁଣିଥିବ।"

ସେ ପ୍ରଶ୍ନ କରିଛନ୍ତି -"ଅପହୃତ ଯହିଁ ମଣିଷତା କାହିଁ ଦିବ୍ୟତା ଅଧିକାର ?"

ଗୀତିକାରଟିଏ ସବୁବେଳେ ଖୋଜୁଥାଏ ଜଣେ ମୁଗ୍ଧ ଶ୍ରୋତା, ଯିଏ ତାର ଗୀତକୁ ଶୁଣି ମୁଗ୍ଧ ହୋଇଯିବ। ସେଥିରେହିଁ ତାର ମୁକ୍ତି। କିନ୍ତୁ ଶ୍ରୋତାର ଯଦି 'ଭଲ ଚିତ୍ତଟିଏ ନଥାଏ, ତାହେଲେ ଗାୟକ ବା ଗୀତିକାରର ପରିଶ୍ରମ ବ୍ୟର୍ଥ ହୋଇଯାଏ। କବି ହେମଚନ୍ଦ୍ର ସାରା ଜୀବନ ଖୋଜିଛନ୍ତି ମୁଗ୍ଧ ଶ୍ରୋତା। ସେଥିପାଇଁ ସେ କହିଛନ୍ତି-

"ମୋହରି ଗୀତରେ ନିଖିଳ ଚିତ୍ତରେ
　　ନ ଉପୁଜେ ଯେବେ ସୁଖ କା'ର
ଦିନ ସରିଯିବ ଗୀତ ନସ୍ଫୁରିବ
　　କି କହିବେ ମୋର ଗୀତିକାର ?"

ଯେଉଁ ମହାନ୍ ଗୀତିକାରର ଗୀତକୁ ନେଇ ସେ ଜୀବନସାରା ଗାଇ ଆସିଲେ, ସେହି ଗୀତରେ ଯଦି ନିଖିଳ ଚିତ୍ତ ଉଲ୍ଲସିତ ନ ହେଲା, ତାହେଲେ ଦିନ ସରିଆସୁଥିବା ବେଳେ ଆଉ କି ଗୀତ ବା ସ୍ଫୁରିବ ? ଗୀତିକାର କଣ ବା କହିବେ ? ଏ କବିତା ଭିତରେ ଏକ ଐଶ୍ୱରୀୟ ଆକୁଳତା ଏବଂ ଆତ୍ମାନୁସନ୍ଧାନର ବ୍ୟାକୁଳତା କବିଙ୍କୁ ଅଥୟ କରିଛି।

ଗାଁ'ର ଛୋଟ ପୋଖରିଟିଏ। ସେଥିରେ କିନ୍ତୁ ପ୍ରତିବିମ୍ବିତ ହୁଏ ବିଶାଳ ଆକାଶ, ଆଉ ସୂର୍ଯ୍ୟ-ଚନ୍ଦ୍ର-ତାରା। ଆକାଶ ପୋଖରିକୁ ଭଲ ପାଇ 'ସଙ୍ଗ ଦିଏ, ଆଉ ଅଙ୍ଗ ଦେଇ ଦେଇଥାଏ ରଙ୍ଗ ।' ତାର ହୃଦୟ ମହାନ୍। ପକ୍ଷାନ୍ତରେ ସୀମିତ ପୋଖରି ବି ନିଜକୁ କେବେ ସାନ ମନେ କରେନା। "ଛୋଟ ବଡ଼ ଯିଏ ଯେତେବେଳେ/ ଆସିଲେବି ଫେରାଏନି କା'ରେ/ ସମସ୍ତଙ୍କୁ ଦେଇଥାଏ ସ୍ଥାନ।/" ଆଶାବାଦୀ ଓ ମାନବବାଦୀ କବି ହେମଚନ୍ଦ୍ର ସେମିତି ଆଶା କରନ୍ତି-

"ଆସିବକି ଏହିପରି ଦିନ ?
ନିଜ ମୁହଁ ଦେଖିବ ମଣିଷ/
ସାନ ବଡ଼ ଦେହ ସରସୀରେ;

ଭଲପାଇ ଦେଇଯିବ ସବୁ
ତାର ଅଧିକାରେ ଥିବା
ଧନ, ମନ ଆଉ ନିଜ ତନୁଟିରେ ?
ସେଦିନ କି ନାହିଁ ବହୁଦୂରେ ?
ହଜିଯିବ ମଣିଷ ଯେ ଦିନ
ଆନ ଜନ ମନ ଅନ୍ତଃପୁରେ ?
ଅନ୍ୟମନ ବ୍ୟଥା ଆପଣାଇ
ହସୁଥିବ, ନିଜ ବ୍ୟଥା ଠେଲିଦେଇ
ତା'ର ଅପହଞ୍ଚ ଦୂରେ ।।"
(ଆମେ ସବୁ ହଜିଯିବା ଆଉ ଏକ ଅନ୍ୟ ଜାତି ହୋଇ)

ଅନ୍ୟ ଏକ କବିତା 'ମଣିଷରେ ! ବୁଲୁଅଛୁ କାହିଁ ଥୋଇ ତୋ ନିଜ ହୃଦୟ ?' କବିଙ୍କର ପ୍ରଶ୍ନର ଉତ୍ତର ଦେବ କିଏ ? ସମସ୍ତେ ତ ଆଜି ଇତର ଜଗତ ପାଇଁ କରୁଛନ୍ତି କେତେ ଅର୍ଥ ବ୍ୟୟ । ଯେତେବେଳେ-'ମଥାପରେ ଛାତ ନାହିଁ/ ଚଲାପଥେ ଶୋଇଛି ମଣିଷ/ କୋଡ଼ଛୁଆ ବିକି ମାଆ/ କିଣିଆଣେ ଖାଇବା ଜିନିଷ ।/ଯଉବନ ବିକି ଚାଲେ/ ପେଟ ପାଇଁ ମାଆ ଜାତି / ମଣିଷରେ କେଉଁଦିନ/ଲାଜ ତୋତେ ଦେଇଗଲା ତେଜି ? ଏହି ପ୍ରଶ୍ନ ଭିତରେ ଲୁଚିରହିଛି କବି ହେମଚନ୍ଦ୍ରଙ୍କ ସମ୍ବେଦନଶୀଳ ହୃଦୟର ବିଦ୍ରୋହୀ ଅଭିବ୍ୟକ୍ତି । ସାଧାରଣ ଦୁଃଖୀ ମଣିଷକୁ ପ୍ରାଣଭରି ଭଲପାଇଥିବା ଜଣେ ଦରଦୀ କବିର ଆକୁଳ ଉଚ୍ଛ୍ୱାସ ।

ଆଜି କବି ହେମଚନ୍ଦ୍ର ବୟସ ଭାରରେ ନଇଁ ପଡ଼ିଛନ୍ତି ସତ, ତେବେ ସେ ନଇଁ ଯାଇନାହାନ୍ତି ସମାଜର ଅନ୍ୟାୟ-ଅନୀତି, ଶୋଷଣ-କଷଣ ବିରୋଧରେ ନିଜର କାବ୍ୟିକ ସ୍ୱର ଉତ୍ତୋଳନ କରିବାକୁ । ମୋ ଦୃଷ୍ଟିରେ ସେ ଏକ ବିପ୍ଳବୀ ଚେତନାର କବି । ଏକ ଅନମନୀୟ ସାରସ୍ୱତ ବ୍ୟକ୍ତିତ୍ୱ । ଉଭୟ ଓଡ଼ିଆ ଓ କୋଶଲୀ ଭାଷାରେ ସାହିତ୍ୟ ସୃଷ୍ଟିକରି ସେ ନିଜ ଲେଖନୀ ପରାକାଷ୍ଠା ପ୍ରତିପାଦନ କରିଛନ୍ତି ଏବଂ ଉଭୟ ଭାଷା-ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ମୁଁ ଏହି ପ୍ରବୀଣ ସାରସ୍ୱତ ସାଧକଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

**ବ୍ରଜନାଥ ରଥ**
ସଦସ୍ୟ, କେନ୍ଦ୍ର ସାହିତ୍ୟ ଅକାଦମି
ସୁନହାଟ, ବାଲେଶ୍ୱର-୨

ତା ୨୫-୯-୨୦୦୭

# ହେମଚନ୍ଦ୍ର ଆଚାର୍ଯ୍ୟ : ଜୀବନ ଓ ସର୍ଜନା

ହେମଚନ୍ଦ୍ର ଆଚାର୍ଯ୍ୟଙ୍କର 'ଶବରୀ ସଂଦେଶ' ଏକ କାବ୍ୟ । ୧୯୭୫ ମସିହାରେ ଯେତେବେଳେ ଆନ୍ତର୍ଜାତିକ ମହିଳାବର୍ଷ ପାଳନ କରାଯାଉଥିଲା, ସେତେବେଳେ ତା'ର ସୃଷ୍ଟି । 'ଶବରୀ' ଆଦିବାସୀ ମହିଳା ଜଣେ, ଯାହାର ପରିଚୟ କେବଳ ତାର ଆଦିବାସୀ ଜାତିରେ, ନାଁରେ ନାହିଁ; ନିଜ ଭକ୍ତି ଓ ପ୍ରେମ ବଳରେ ରାମାୟଣ ଯୁଗର 'ପୁରୁଷୋତ୍ତମ' ରାମଚନ୍ଦ୍ରଙ୍କୁ ସେ ନିଜ ଘରେ ପାଇଛି । ଖାଇବାକୁ ଦେଇଛି । ଭକ୍ତି ବିଭୋର । ଏହି ନାରୀର ଅଇଁଠା ଖାଇବାକୁ ରାମଚନ୍ଦ୍ର ପଶ୍ଚାତପଦ ହୋଇନାହାନ୍ତି । ଭକ୍ତି ଓ ପ୍ରେମର ଏହି ବିଜୟ ଯାତ୍ରା, ଯାହା - ଭଗବାନ ଓ ଭକ୍ତକୁ ଏକାକାର କରିଦିଏ, ତାହା ହେଲା 'ଶବରୀ ସଂଦେଶ'ର ଉପଜୀବ୍ୟ । ପଚିଶଟି ଛାନ୍ଦରେ ଲିଖିତ ଏହି କାବ୍ୟର ପ୍ରତ୍ୟେକ ପଦର ଆରମ୍ଭ ଓ ଶେଷରେ ତାଳବ୍ୟ 'ଶ' । ବାଲୁଗାଁ ଲୋକନାଥ ପ୍ରେସ୍‌ରୁ ଏକ ଚଟି ବହି ଆକାରରେ ପ୍ରକାଶିତ ଏହି କାବ୍ୟରେ ପ୍ରକାଶନ କାଳ କିମ୍ବା ପ୍ରକାଶକଙ୍କର ନାମ ସୁଦ୍ଧା ନାହିଁ । ପ୍ରକାଶନ କାଳ, ସମ୍ଭବତଃ ୧୯୮୫ ! ମୁଦ୍ରଣ ପରିପାଟୀ ଏବଂ କଳେବରକୁ ଦେଖିଲେ କାବ୍ୟଟି ସାହିତ୍ୟକମାନଙ୍କର ଦୃଷ୍ଟି ଆକର୍ଷଣ ନ କରିବା ଅତି ସ୍ୱାଭାବିକ କଥା । ସେ ଯାହାହେଉ, କାବ୍ୟର ପ୍ରଥମ ସର୍ଗର ଶେଷ ପଦରେ କବି ନିଜର ବଂଶ ପରିଚୟ ଦେଇ ଲେଖିଛନ୍ତି —

ଶ୍ରୀରାମ ତନୁଜ ବିଦ୍ୟାଧର ଦ୍ୱିଜ ତାହାଙ୍କ ସୁତ ସୁଧୀଶ
ଶ୍ରୀ ଡ଼ୋଳାମଣିଙ୍କ ସୁତ ହେମଚନ୍ଦ୍ର ସଦା ଅଜ୍ଞତା ବିବଶ
ଶ୍ରମକୁଣ୍ଠ ଶାସ୍ତ୍ରଜ୍ଞାନ ନାହିଁ ଲେଶ;
ଶୁଦ୍ଧ ହୃଦୟରେ ଭଜି ନାହିଁ କେବେ ନେଉଛି ଲେଖିବା କ୍ଳେଶ ।

ଅର୍ଥାତ୍ ଶ୍ରୀରାମ ଆଚାର୍ଯ୍ୟଙ୍କ ଅଣ-ନାତି ହେଲେ କବି ହେମଚନ୍ଦ୍ର ଆଚାର୍ଯ୍ୟ । କବିଙ୍କ ପିତାମହ ବିଦ୍ୟାଧର ଆଚାର୍ଯ୍ୟ ଏବଂ ପ୍ରପିତାମହ ଶ୍ରୀରାମ ଆଚାର୍ଯ୍ୟ ମୁଖ୍ୟତଃ କୁଳ ପୁରୋହିତ ଭାବରେ ଜଜମାନି କରି ଜୀବିକା ନିର୍ବାହ କରୁଥିଲେ । ସାଂଗରେ କୃଷିଯୋଗ୍ୟ ଜମି ମଧ୍ଯ ଶସ୍ତାରେ ଗୌନ୍ତିଆମାନଙ୍କ ପାଖରୁ କିଣି ଚାଷ କରୁଥିଲେ ! ବିଦ୍ୟାଧର ଆଚାର୍ଯ୍ୟଙ୍କ ସାତ ପୁଅ । ସବୁ ପୁଅଙ୍କ ପାଇଁ ଚଳଣି ଯୋଗ୍ୟ ଜମି ସେ ଗର୍ଭଣା, ବୁରୋମାଲ, ମରେକେଲ ଏବଂ ବରମୁଣ୍ଡା ଗାଁରେ କିଣିଥିଲେ । ଏଥିରେ ତାଙ୍କ ବଡ଼ ସହାୟକ ଥିଲେ ବଡ଼ପୁଅ ଡ଼ୋଳାମଣି ଅଚାର୍ଯ୍ୟ । ଡ଼ୋଳାମଣି ସଂସ୍କୃତ ପଣ୍ଡିତ ଥିଲେ । ଖଡ଼ି, ପାଂଜି ଦେଖି ଅନେକ ଭୂତ ଭବିଷ୍ୟତ କଥା କୁଆଡ଼େ କହିପାରୁଥିଲେ । ପ୍ରାଥମିକ ସ୍କୁଲର ଜଣେ ଶିକ୍ଷକ ଭାବରେ ସେ ଅନେକ ବର୍ଷ ବୋଡ଼ାସମ୍ବର ପଦମପୁର ତଥା କନଗାଁ ସ୍କୁଲରେ ଅବସ୍ଥାପିତ ଥିଲେ । ଜଣେ ନାଟ୍ୟକାର ଓ କବି ଭାବରେ ସେ ଅନେକ ସଂସ୍କାରଧର୍ମୀ ନାଟକ ଗାଁରେ ମଞ୍ଚସ୍ଥ କରିଥିଲେ । ୧୯୨୩ ମସିହାରେ ଲେଖିଥିବା ସଂସ୍କୃତ ଭାଗବତ (ଅପ୍ରକାଶିତ), ତାଙ୍କୁ ଅନେକ ଲୋକ ପରିଚିତି ଦେଇଥିବାର ଅନୁମାନ କରିହୁଏ । ୧୯୬୨ ମସିହାରେ ତାଙ୍କର ଦେହାବସାନ ହେଲା । ବୋଡ଼ାସମ୍ବରରେ ଶିକ୍ଷକତା କଲାବେଳେ କୁଆଡ଼େ ତାଙ୍କର ଗଙ୍ଗାଧର ମେହେରଙ୍କ ସହ ବଂଧୁତା ଥିଲା । ପଦମପୁରରୁ ବରପାଲି ପାଦରେ ଯିବା ଆସିବା ବାଟରେ କେବେ କେବେ ଗଂଗାଧରଙ୍କ ସେ ସହଯାତ୍ରୀ ରହୁଥିଲେ । ଡ଼ୋଳାମଣିଙ୍କ ତୃତୀୟ ପୁତ୍ର ହେଲେ ହେମଚନ୍ଦ୍ର ଆଚାର୍ଯ୍ୟ । ଯଦିଓ ମୋର ଜନ୍ମର ବର୍ଷକ ପୂର୍ବରୁ ଡ଼ୋଳାମଣିଙ୍କର ମୃତ୍ୟୁ ହୋଇସାରିଥିଲା, ସ୍କୁଲ୍‌ରେ ତଥା ଅନେକ ଲୋକ ଗହଣରେ ସେତେବେଳେ ମୋର ପରିଚୟ ଥିଲା 'ଡ଼ୋଳାମଣି ଆଚାର୍ଯ୍ୟଙ୍କ ନାତି' । ଅଜାଙ୍କ (ଜେଜେ) ପିଢ଼ି ଶେଷ ହେଲା । ପର ପିଢ଼ିରେ ଆମ ଭାଇଭଉଣୀଙ୍କୁ 'ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ପୁଅ-ଝିଅ ଭାବରେ' ଭାବରେ ପରିଚୟ ମିଳେ । ବାପାଙ୍କ ଡ଼ାକ ନାଁ 'ଚତୁର', ତେଣୁ ଆମ ସେହି ଛୋଟିଆ ଅଞ୍ଚଳରେ 'ଚତୁରର ପୁଅ' କହିଲେ ମତେ ସମସ୍ତେ ଚିହ୍ନନ୍ତି । କିଛି ଅବିବେକୀ କାମ କଲାବେଳେ ବି ଅଜା (ଜେଜେ) ଓ ବାପାଙ୍କ ନାଁ ପ୍ରତିବନ୍ଧକର କାମ କରେ ।

କାଳେ ଲୋକ କହିବେ- ଡ଼ୋଳାମଣି ଆର୍‌ଯ୍ୟର ନାତି ହୋଇ ବା ଚତୁର ଆଚାର୍ଯ୍ୟର ପୁଅ ହୋଇ ଏମିତି ଖରାପ କାମ ତୁ କରିପାରିଲୁ ? ଏହି ଭୟରେ ଅନେକ ବେଳାରେ ଅ - କର୍ମରୁ ନିବୃତ୍ତ ରହିବାକୁ ପଡ଼େ । ନିଜ ଅଜାଣତରେ କେତେ ଯେ ଅବସରରେ ସେହି ନାଁର ଫାଏଦା ମତେ ମିଳିଥିବ, ତାହା ଗଣିବା କଠିନ !

ହେମଚନ୍ଦ୍ର ଆର୍‌ଯ୍ୟଙ୍କର ଜନ୍ମ ଗର୍ଭଣା (ସୋହେଲା)ରେ ୨୦ ଏପ୍ରିଲ୍ ୧୯୨୬ ରେ । ପିତା ଡ଼ୋଳାମଣି ଆର୍‌ଯ୍ୟ ଓ ମାତା କମଳା ଦେବୀ । ପ୍ରାଥମିକ ଶିକ୍ଷା ଆରମ୍ଭ ହେଲା ଗର୍ଭଣାରୁ ଦୁଇ କି.ମି ଦୂର କନଗାଁ ସ୍କୁଲ୍‌ରେ । ମଧ ଇଂରାଜୀ ଶିକ୍ଷା ସୋହେଲାରେ, ଗାଁରୁ ଦୂର ପାଞ୍ଚ କି.ମି । କନଗାଁ ସେ ପ୍ରତିଦିନ ଗାଁରୁ ଯିବା ଆସିବା କରୁଥିଲେ । ତାଙ୍କର ଆଦର୍ଶ ଶିକ୍ଷକଙ୍କ ଭିତରେ ଥିଲେ ପାଣିମୋରା ଗାଁର ଫୁଲଶର ପ୍ରଧାନ । 'ଆମ ପ୍ରଥମ ଶ୍ରେଣୀ ଆଜ୍ଞା' ନାମକ ଏକ ଲେଖାରେ ଫୁଲଶର ବାବୁଙ୍କ ଆଦର୍ଶ ଶିକ୍ଷାର ଏ ସଂକ୍ଷିପ୍ତ ଆଲୋଚନା ସେ କରିଛନ୍ତି । ସ୍କୁଲ୍ ପରିଦର୍ଶକ ବିଶିଷ୍ଟ ଶିକ୍ଷାବିଦ୍ ଶରତ ଚନ୍ଦ୍ର ମହାରଣା ଯେତେବେଳେ ସ୍କୁଲ୍ ପରିଦର୍ଶନରେ ଆସି ପିଲାଙ୍କୁ ନାନା ପ୍ରଶ୍ନ କରନ୍ତି, ଯେମିତି ତୁମକୁ କେଉଁ ଫୁଲ ଭଲ ଲାଗେ ?, କ'ଣ ଖାଇବାକୁ ଭଲ ଲାଗେ. କେଉଁ ରଂଗ ଭଲ ଲାଗେ ? ଇତ୍ୟାଦି, ପିଲା ଭିନ୍ନ ଭିନ୍ନ ଉତ୍ତର ଦିଅନ୍ତି । ମାତ୍ର 'କେଉଁ ଆଜ୍ଞା ଭଲ ଲାଗନ୍ତି' ପ୍ରଶ୍ନର ଏକମାତ୍ର ସାମୂହିକ ଉତ୍ତର 'ପ୍ରଥମ ଶ୍ରେଣୀ ଆଜ୍ଞା' ଅର୍ଥାତ୍ ଫୁଲଶର ପ୍ରଧାନ । କାରଣ ସେ ପାଠବହିର ଉପାଖ୍ୟାନକୁ ନେଇ ନାଟକ କରାନ୍ତି, ସ୍କୁଲ୍ ବଗିଚାରେ ପିଲାଙ୍କୁ ନେଇ ଫୁଲଗଛ ଲଗାନ୍ତି, ଗପ କହନ୍ତି ଇତ୍ୟାଦି । ସ୍କୁଲ୍ ପରିସରରୁ ଯାଇ ଗାଁ ପିଣ୍ଡାରେ ବି ପିଲା ତାଙ୍କ ନେତୃତ୍ୱରେ ନାଟକ କରିଛନ୍ତି, ପରବର୍ତ୍ତୀ ଜୀବନରେ କଳାକାର ହୋଇଛନ୍ତି । ସ୍ୱାଧୀନତା ଆନ୍ଦୋଳନର ଡ଼ାକରାରେ ଏହି ଶିକ୍ଷକ ପୁଣି ଶିକ୍ଷକତା ଛାଡ଼ି ଜେଲ ଗଲେ, ଖଦିକାମ କଲେ । ତାଙ୍କ ନେତୃତ୍ୱରେ ପାଣିମୋରା ଗାଁର ୩୨ ଜଣ ସ୍ୱାଧୀନତା ପାଇଁ ଜେଲ ଯାଇଥିଲେ । ପାଣିମୋରା ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନର ଏକ ତୀର୍ଥଭୂମିରେ ପରିଣତ ହେଲା ।

ସୋହେଲା ମ.ଇ. ସ୍କୁଲ୍‌ରେ ଲେଖକଙ୍କର ଜଣେ ପ୍ରିୟ ଶିକ୍ଷକ ହେଲେ ଖଟି ତ୍ରିପାଠୀ । ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର । ହଷ୍ଟେଲରେ ୯୬ ଜଣ ଛାତ୍ରଙ୍କ ପଢ଼ାକୁ କୁଆଡ଼େ ସେ ପ୍ରତିଦୀନ ସଂଧ୍ୟାରେ ତତ୍ତ୍ୱାବଧାନ କରନ୍ତି । ସେହି ଦୁଇ ଘଣ୍ଟା ସେ କେବଳ ଛିଡ଼ା ହୋଇ ରହନ୍ତି । ପ୍ରତ୍ୟେକ ପିଲା ପାଖକୁ ଯାଇ ତାର ଅବୁଝା ପାଠ ବୁଝେଇ ଦିଅନ୍ତି । ଥରେ ଜଣେ ସହପାଠୀ ରୋଗଗ୍ରସ୍ତ ହେବାର ଖବର ପାଇ ତାଙ୍କ

ଘରଲୋକ କୁଆଡ଼େ ଆସିଲେ ପିଲାଟିକୁ ଘରକୁ ନେଇଯିବେ ବୋଲି । ସେତେବେଳକୁ ପିଲାଟି ଆଜ୍ଞାଙ୍କର ଘରେ ଶୁଶ୍ରୂଷା ପାଉଥାଏ 'ଗୁରୁମା'ଙ୍କ ପାଖରୁ । ଯେତେବେଳେ ତାକୁ ଗାଁକୁ ଯିବାପାଇଁ ତାର ପରିବାର ଜନ କହିଲେ, ପିଲାଟି ଚାହିଁଲା ଆଜ୍ଞାଙ୍କ ଘରେ.ରହିବାକୁ । ଷଷ୍ଠ-ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ୧୨-୧୩ ବର୍ଷର ପିଲାଟି ଘର ବଦଳରେ ଆଜ୍ଞାଙ୍କ ଘରେ ଅର୍ଥାତ୍ ହଷ୍ଟେଲରେ ରହିବାକୁ ଚାହିଁଲା । ଏଥିରୁ ବଳି ଶିକ୍ଷକଙ୍କ ଛାତ୍ରବତ୍ସଳତାର ଆଉ କ'ଣ ଅଧିକ ପ୍ରମାଣ ଦିଆଯାଇ ପାରେ ?

ହେମଚନ୍ଦ୍ରଙ୍କ ହାଇସ୍କୁଲଶିକ୍ଷା ହେଲା ୧୯୨୧ ମସିହାରେ ପ୍ରତିଷ୍ଠିତ ହୋଇଥିବା ବରଗଡ଼ ଜର୍ଜ ହାଇସ୍କୁଲ୍‌ରୁ । ୧୯୪୪ ମସିହାରେ ସେ ଉକ୍ତ ହାଇସ୍କୁଲରୁ ମେଟ୍ରିକ ପାସ୍ କଲେ । ହାଇସ୍କୁଲର ବିଭିନ୍ନ ଶିକ୍ଷକଙ୍କର ମଧ୍ୟରେ ସେ ଶଶିଭୂଷଣ ମିଶ୍ରଙ୍କ କଥା ବାରମ୍ବାର କହନ୍ତି; ଲେଖିଛନ୍ତି ମଧ୍ୟ । ଶଶିଭୂଷଣ ବାବୁଙ୍କ ପାରିବାରିକ ଜୀବନ ବଡ଼ ଦୁଃଖମୟ ଥିଲା । ପତ୍ନୀ ବିକ୍ଷିପ୍ତମସ୍ତିଷ୍କା । ଏକମାତ୍ର ଝିଅ ଓ ବଡ଼ ପୁଅର ଆକସ୍ମିକ ମୃତ୍ୟୁ ଘଟିଥାଏ । ମାତ୍ର ଏହି ସବୁ ସାଂସାରିକ ଦୁଃଖ ତାଙ୍କ ଶିକ୍ଷକତା ଆଗରେ ପ୍ରତିବଂଧକ ହୋଇ ରହିପାରିନି । ସବୁ ବିଷୟ ସେ ପଢ଼ାନ୍ତି । ପାଠ-ବହି ବାହାରେ ତାଙ୍କ ସଂଯୋଜନାରେ ସ୍କୁଲରେ ପ୍ରାଚୀର-ପତ୍ର 'ମଧୁଚକ୍ର' ଲେଖାହୁଏ । ସମ୍ବଲପୁରୀରେ ଲେଖିବାର ଆତ୍ମବିଶ୍ୱାସ କବିଙ୍କୁ ମିଳିଛି ତାଙ୍କର ଏହି ଶିକ୍ଷକଙ୍କ ପାଖରୁ । ନିଜେ ଲେଖନ୍ତି, ପିଲାଙ୍କୁ ଲେଖିବା ପାଇଁ ଉତ୍ସାହିତ କରନ୍ତି । ହଷ୍ଟେଲର ସୁପରିଟେଣ୍ଡେଣ୍ଟ ଭାବରେ ପିଲାଙ୍କ ରହଣିଠାରୁ ଆରମ୍ଭ କରି ପାଠପଢ଼ା ଯାଏ ସବୁ କଥା ବୁଝନ୍ତି; ବୋର୍ଡ଼ିଂ ଆଗରେ ସ୍ଥିତ ଛୋଟିଆ ଜାଗାଟିରେ ବଗିଚା କରନ୍ତି, ପିଲାଙ୍କୁ ବଗିଚା ଶିକ୍ଷା ଦିଅନ୍ତି । ଏତେ କାମ ପାଇଁ ଆଜ୍ଞାଙ୍କୁ ସମୟ ମିଳେ କେମିତି ? ଛାତ୍ର ହେମଚନ୍ଦ୍ର ପଚାରନ୍ତି । କୌଣସି ବ୍ୟାଖ୍ୟାନ ବା ପ୍ରବଚନ ମାଧ୍ୟମରେ ନୁହେଁ, ବରଂ ନିଜ ଆଚରଣ ଦ୍ୱାରା 'ଶଶି ମାଷ୍ଟ୍ରେ' ଯେଉଁ ପାଠଟି ଛାତ୍ର ମନରେ ଦେଇଯା'ନ୍ତି, ଛାତ୍ର ସମାଜ ତାଙ୍କୁ ହୃଦୟଙ୍ଗମ କରି ପାରିଲେ, ସମାଜକୁ ନିରାଶା କେବେ ଘୋଟି ପାରିବନି । ନିଜ ଅବର୍ତ୍ତମାନରେ ସୁଦ୍ଧା ଶିକ୍ଷକ ଛାତ୍ରର କାନେ କାନେ କହନ୍ତି 'ମୁଁ ତୋ ଭିତରେ ଅଛି, ମୋର ସାହାଯ୍ୟ ତୋ ପାଇଁ ସର୍ବଦା ଉନ୍ମୁକ୍ତ ରହିଛି ।' ଆଜି ଅଶୀତିପର ବୟସରେ ବି ଲେଖକ (ହେମଚନ୍ଦ୍ର) ସେହି ଶାନ୍ତ ସରଳ ଗୁରୁବାଣୀ ଶୁଣନ୍ତି, ଅନ୍ୟକୁ ଶୁଣିବାପାଇଁ କୁହନ୍ତି । ନିରାଶାକୁ ଏଡ଼ିଯିବା ପାଇଁ ସେହି ଗୁରୁବାଣୀ 'ମନ୍ତ୍ର' ପରି କାମ୍ କରେ ।

ହେମଚନ୍ଦ୍ରଙ୍କ ଚାକିରି ଜୀବନ ଆରମ୍ଭ ହୁଏ ଶିକ୍ଷକତାରୁ । ପରେ ଗ୍ରାମସେବକ ଏବଂ ବ୍ଲକରେ ସୋସିଆଲ ଏଡୁକେଶନାଲ୍ ଅଫିସର ପଦରେ ସୁନ୍ଦରଗଡ଼, ବିନିକା, ଉଲୁଣ୍ଡା, ନୁଆପଡ଼ା, ବିସ୍ରା, ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା, ସୁନ୍ଦରଗଡ଼ ଜିଲ୍ଲାର ହେମଗିରି, ଏବଂ ସମ୍ବଲପୁର ଜିଲ୍ଲାର ଗାଇସିଲେଟ ବ୍ଲକରେ କାର୍ଯ୍ୟରତ । ୧୯୬୬ ମସିହାରେ ଗାଇସିଲେଟ ବ୍ଲକରେ ଥିଲାବେଳେ ଆସିଷ୍ଟାଣ୍ଟ୍ ବିଡ଼ିଓ ପଦରୁ ଇସ୍ତଫା ଦେଇ ସେ ସୋସିଆଲିଷ୍ଟ ପାର୍ଟିରେ ଯୋଗଦାନ କଲେ ।

ହେମଚନ୍ଦ୍ରଙ୍କର ଏକ ବଡ଼ ପରିଚୟ ହେଲା ତାଙ୍କ ସୋସିଆଲିଷ୍ଟ ରାଜନୀତି । ୧୯୬୭ ମସିହାରେ ମେଲଛାମୁଣ୍ଡାରୁ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟି ପକ୍ଷରୁ ବିଧାନ ସଭା ପାଇଁ ପ୍ରାର୍ଥୀ ମଧ ହୋଇଥିଲେ । ନିର୍ବାଚନରେ ପରାଜୟ ପରେ ସୋହେଲା ବ୍ଲକ ଚେୟାରମ୍ୟାନ ନିର୍ବାଚନରେ ମଧ ପ୍ରତିଦ୍ୱନ୍ଦିତା କରି ପରାଜୟର ଶିକାର ହେଲେ । ତା'ପରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ନାହାନ୍ତି, ମାତ୍ର ସୋସିଆଲିଷ୍ଟ ରାଜନୀତିରୁ ମଧ ନିଜକୁ ଦୂରରେ ରଖି ନାହାନ୍ତି । କିଶନ ପଟ୍ଟନାୟକ ଥିଲେ ତାଙ୍କର ଦୀକ୍ଷାଗୁରୁ । ଶେଷଯାଏ ସେ ଅନ୍ୟ ରାଜନୀତିକ ଦଳକୁ ଯାଇନାହାନ୍ତି, 'ସମାଜବାଦୀ' ହୋଇ ରହିଯାଇଛନ୍ତି । ଜଣେ ସମାଜବାଦୀ ଭାବରେ ଜୀବନସାରା ସେ ଖଦି ପିନ୍ଧନ୍ତି; ଜାତିର ବାରଣ ମାନନ୍ତି ନାହିଁ; କିଶନ ବାବୁ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ପରିଚାଳିତ 'ସମତା ସଂଗଠନ' 'ସମାଜବାଦୀ ଜନପରିଷଦ'ର 'କୃଷକ ଆନ୍ଦୋଳନ' ଆଦିରେ ଯଥାଶକ୍ତି ଅଂଶଗ୍ରହଣ କରନ୍ତି । ୧୯୯୧ ମସିହାରେ ଦିଲ୍ଲୀରେ ଜଗତୀକରଣ ବିରୁଦ୍ଧରେ ଏକ ବଡ଼ ରେଲି ଆୟୋଜିତ ହୋଇଥିଲା । ସେଥିରେ ମଧ ସେ ଯୋଗଦାନ କରିଥିଲେ । ଏହା ଥିଲା ତାଙ୍କର ପ୍ରଥମ ଦିଲ୍ଲୀ ଯାତ୍ରା । ଏହି ସମୟରେ ସେ ଦିଲ୍ଲୀ ବ୍ୟତୀତ ଆଗ୍ରା, ମଥୁରା, ଋଷିକେଶ, ହରଦ୍ୱାର, ବନାରସ ଓ ଆଲ୍ଲାହାବାଦ ଦର୍ଶନ କରି ରାୟପୁର ଦେଇ ଗାଁକୁ ଫେରିଥିଲେ । ସାଂଗରେ ମୋର ମା' ମଧ ଯାଇଥିଲା ।

ତାଙ୍କ ରାଜନୀତିର ଅନେକ ପ୍ରଭାବ ପଡ଼ିଥିଲା ଆମମାନଙ୍କ ଜୀବନ ଓ ବ୍ୟକ୍ତିତ୍ୱରେ । ବ୍ୟକ୍ତିଗତ ଭାବରେ ମୁଁ ଗୋଟିଏ ଘଟଣାର ଉଲ୍ଲେଖ କରିବି । ମୁଁ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଆମ ସ୍କୁଲର ସଂସ୍କୃତ ଶିକ୍ଷକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ କର୍ମୀ ଖଗେଶ୍ୱର ବେହେରାଙ୍କ ସଂପର୍କରେ ଆସି ଆର.ଏସ୍.ଏସ୍‌ର ଏକ 'କେଂପ୍'ରେ ଯୋଗ ଦେବାକୁ ବାହାରିଥିଲି । ଆର.ଏସ୍.ଏସ୍‌ର ରାଜନୀତି ସଂପର୍କରେ ସେତେବେଳେ ମୋର ଆଦୌ ଧାରଣା ନଥିଲା । 'ଆଜ୍ଞା କହିଛନ୍ତି, ମୁଁ

ଯିବି ।' ଏହା ହିଁ ଥିଲା ମୋର ଯୁକ୍ତି । ଶେଷ ମୁହୂର୍ତ୍ତରେ ବାପା ମନା କରି ଦେଇ କହିଲେ 'ସେମାନେ ମୁସଲମାନଙ୍କୁ ଦେଶର ଶତ୍ରୁ ବୋଲି ମଣନ୍ତି । ସେମାନଙ୍କ ସଂଗରେ ସମ୍ପର୍କ ରଖିବା ତୋ ପକ୍ଷେ ଭଲ ହେବ ନାହିଁ ।' ଆଜି ଲାଗେ, ବାପା କହି ନଥିଲେ ମୁଁ ଆର.ଏସ୍.ଏସ୍‌ରେ ପଶିଯାଇଥାନ୍ତି । କୈଶୋରାବସ୍ଥା; ବିଚାର ଅପେକ୍ଷା ବ୍ୟକ୍ତି ପ୍ରତି ଅଧିକ ଆକୃଷ୍ଟ ହେବାର ସମୟ ! ଏମିତି ଆମରି ଅଜାଣତରେ ତାଙ୍କଠାରୁ କେତେ ଯେ ସୁରକ୍ଷା ମିଳେ, ତାର ହିସାବ ନାହିଁ; ଏହା ତାଙ୍କ ଧର୍ମନିରପେକ୍ଷତାକୁ ମଧ୍ୟ ଦର୍ଶାଏ ।

ସାହିତ୍ୟ ଲେଖିବା ପାଇଁ ହେମଚନ୍ଦ୍ରଙ୍କୁ ଆଗକରି ପ୍ରେରଣା ମିଳିଛି ବରଗଡ଼ ଜର୍ଜ ହାଇସ୍କୁଲର ତାଙ୍କ ଆରାଧ୍ୟ ଶିକ୍ଷକ ଓ ସଂପର୍କୀୟ ମାମୁଁ ଶଶିଭୂଷଣ ମିଶ୍ରଙ୍କ ଠାରୁ । ଶଶି ମାଷ୍ଟ୍ରେ' ତଥା 'ବୁଢ଼ା ମାଷ୍ଟ୍ରେ' ନାମରେ ପରିଚିତ ଏହି ଶିକ୍ଷକ ଜଣକ ଜଣେ ଆଦ୍ୟ ସମ୍ବଲପୁରୀ ଲେଖକ ଭାବରେ ଖ୍ୟାତ ଯଦିଓ ପ୍ରକାଶିତ ପୁସ୍ତକମାଳା ତାଙ୍କର ବିଶେଷ ନାହିଁ ବୋଲି ମନେହୁଏ । କିନ୍ତୁ ବଡ଼ ପ୍ରଭାବଶାଳୀ ଲେଖକ ଥିଲେ ବୋଧହୁଏ । ଗାଁ ପରିବେଶ ଏବଂ ସମାଜବାଦୀ ରାଜନୀତି ତାଙ୍କୁ (ହେମଚନ୍ଦ୍ରଙ୍କୁ) ଲେଖିବା ପାଇଁ ପ୍ରେରଣା ଦେଇଛି । ତେଣୁ ଚାକିରିରୁ ଇସ୍ତଫା, ଗାଁରେ କେବଳ ଚାଷକୁ (ଜମି ଅଣ-ଜଳସେଚିତ) ଆଶ୍ରୟ କରି ଚଳଣି, ନିର୍ବାଚନ ରାଜନୀତିରେ ଅସଫଳତା ଏବଂ ପାରିବାରିକ ଦୁଃଖ ଯନ୍ତ୍ରଣା (୧୯୭୨ ମସିହାରେ ୨୨ ବର୍ଷ ବୟସରେ ବଡ଼ ପୁଅ ସତୀଶ ଦର୍ଶନଶାସ୍ତ୍ରରେ ଉପାଧି ପରୀକ୍ଷା ଦେବା ଆଗରୁ ସମ୍ବଲପୁରରୁ କେଉଁଆଡ଼େ ଗଲା ଯେ, ଶେଷ ଯାଏଁ ତାର କୌଣସି ଖବର ବି ମିଳିଲା ନାହିଁ ।) ତାଙ୍କ ସୃଜନୀକୁ ପ୍ରତିରୋଧ କରିପାରିନି, ବରଂ ଦୁରବସ୍ଥାକୁ ହଜମ କରିବା ସକାଶେ ଅଧିକରୁ ଅଧିକ ଲେଖିବାକୁ ବାଧ୍ୟ କରିଛି । ଲେଖିବା ପାଇଁ ତାଙ୍କୁ କେବେ ଟେବୁଲ ଚେୟାର ମିଳିନି, ରାଇଟିଂ ବୋର୍ଡ଼ ମିଳିନି । ୧୯୮୧-୮୨ ଯାଏଁ ଘରେ ବିଜୁଳି ଆଲୁଅ ନଥିଲା । ଚାଷ, ବଡ଼ ପରିବାର; ଗାଁ ଜୀବନରେ ନିର୍ଜନତା ମିଳିବା କଷ୍ଟ । ତା' ସତ୍ତ୍ୱେ ତାଙ୍କ ଲେଖା ବାଧାପ୍ରାପ୍ତ ହୋଇନି । ତାଙ୍କର ଅଧିକାଂଶ ଲେଖାକୁ ସେ କ୍ଷେତର ଗଛମୂଳେ ବସି ଲେଖିଛନ୍ତି । ରାତିରେ ଲଣ୍ଠନ ବା ଡ଼ିବିରି ଆଲୁଅରେ ଦଉଡ଼ିଆ ଖଟରେ ବସି ଲେଖାଗୁଡ଼ିକୁ ପୂରା କରନ୍ତି । ଲେଖା ସାମଗ୍ରୀ ଭିତରେ ୧/୮ ଡ଼ିମାଇ ସାଇଜର ଗୋଟିଏ କପି । କଲମରେ କିଛି ବାଛ ବିଚାର ନଥାଏ । ମାତ୍ର ତାଙ୍କ କଲମଟି ଯଦ ଖୋଜିଲା ବେଳେ ମିଳେନି ପିଲାଙ୍କ ଉପରେ ଭୀଷଣ ବିରକ୍ତ ହୁଅନ୍ତ । ବିଚାର ବାଧାପ୍ରାପ୍ତ ହେବାର ଡ଼ର ଥାଏ । ତା'ଠାରୁ ବଡ଼ କଥା, ସ୍ୱତଃ

ଆସୁଥିବା ଭାବକୁ କାଗଜ କଲମରେ ଧରି ନ ରଖିଲେ, ଭାବ ଚାଲିଯାଇ ପାରେ ।

ଘରେ ବାପାଙ୍କ କୋଠରୀର ଗୋଟାଏ ବଡ଼ ବିଶେଷତ୍ୱ ହେଲା - ତାର ଦୁଇଟି ବାଟ - ଗୋଟାଏ ଘରର ବାହାରକୁ ଏବଂ ଅନ୍ୟଟି ଘର ପଟକୁ , ଯଦିଓ ସେଇଟା ଘରପାଇଁ ମୁଖ୍ୟ ପ୍ରବେଶଦ୍ୱାର ନୁହେଁ । ବାପା ଥିବା ବେଳେ ରାତିକୁ ବାଦ ଦେଲେ ସର୍ବଦା ଦୁଇଟି ଯାକ କବାଟ ମେଲାଥାଏ । 'ବାଟଘର' ନାମରେ ପରିଚିତ ଏହି କୋଠରୀରେ ବସି ବାପା ଗୁହାଳର ଗାଈଗୋରୁ ,ଘରର ହାନିଲାଭ, ତାଙ୍କୁ ଭେଟିବା ପାଇଁ ଆସୁଥିବା ଲୋକ, ସମସ୍ତଙ୍କୁ ଭେଟନ୍ତି, ସମସ୍ତଙ୍କ କଥା ବୁଝନ୍ତି । ସାହିତ୍ୟ ସୃଷ୍ଟି ସକାଶେ ଏହି କାମ ସବୁ ଉପେକ୍ଷିତ ହୁଅନ୍ତି ନାହିଁ । ବରଂ ଗାଁର ପରିବେଶରେ ସାହିତ୍ୟ କଦାପି ପ୍ରାଥମିକତା ପାଏ ନାହିଁ । ସାହିତ୍ୟ ଓ ପରିବାର କାମ ଏକାସାଙ୍ଗରେ ଚାଲନ୍ତି । ଉଭୟେ ଉଭୟଙ୍କର ପରିପୂରକ । 'ବାଟଘର'ର ଦୁଇଟି ବାଟରୁ ଗୋଟାଏ ଯଦି ତାଙ୍କୁ ଅନ୍ତର୍ମୁଖୀ କରାଏ, ଅନ୍ୟଟି ବାହାର ଦୁନିଆଁକୁ ଦେଖିବା ପାଇଁ ଆଖି ଭଳି କାମ କରେ ।

ହେମଚନ୍ଦ୍ରଙ୍କ ସାହିତ୍ୟ ଲେଖା ଆରମ୍ଭ ହେଲା ବୋଧେ ମେଟ୍ରିକ୍ ପଢ଼ା ବେଳେ ବା ତତ୍ ପରେ ପରେ । ସେତେବେଳେ ଗାଁ ଗାଁରେ କୀର୍ତ୍ତନ ମଣ୍ଡଳୀ ସବୁ ଥାଏ । ଦିନର ପରିଶ୍ରମ ପରେ ଆମ ଗାଁରେ ପୁରଷ ଲୋକ ଅନ୍ଧାର ରାତିରେ ଗାଁ 'ଭାଗବତ ଗୁଡ଼ି' ରେ ଅର୍ଥାତ୍ ଟୁଙ୍ଗି ପିଣ୍ଡାରେ ବସି କୀର୍ତ୍ତନ କରନ୍ତି । କେବେ କେବେ ଡ଼କରା ପାଇ କୀର୍ତ୍ତନ ଦଳ ଅନ୍ୟ ଗାଁକୁ ମଧ କୀର୍ତ୍ତନ ନାଚିବାକୁ ଯାଆନ୍ତି । ଅବସର ବିନୋଦନ ସକାଶେ ଗାଁ ଜୀବନରେ କୀର୍ତ୍ତନ ଏକ ବଡ଼ ସାଧନ । ୧୯୪୪ ମସିହାରେ ମେଟ୍ରିକ ପାସ କଲା ଉତ୍ତାରୁ ବା ସେହି ସମୟରେ କୀର୍ତ୍ତନର ପ୍ରଭାବରେ ହେମଚନ୍ଦ୍ର ଭଜନ ଲେଖିବା ଆରମ୍ଭ କଲେ । ସେତେବେଳେ ବଂଗଳା କୀର୍ତ୍ତନର ହିଁ ପ୍ରଚଳନ ଚାରିଆଡ଼େ । ଓଡ଼ିଆରେ କୀର୍ତ୍ତନ ଗୀତ ଲେଖିବାର ଆବଶ୍ୟକତାରୁ କବିଙ୍କର ସୃଷ୍ଟି ଆରମ୍ଭ ହେଲା । ଲୋକଙ୍କର ଏହା ସହଜରେ ବୋଧଗମ୍ୟ ହେଲା; କୀର୍ତ୍ତନ ଲୋକପ୍ରିୟତା ବଢ଼ିଲା । ବାପାଙ୍କର ସଂପୃକ୍ତି ଯୋଗୁଁ ଆମ ଗାଁରେ କୀର୍ତ୍ତନ ସମସ୍ତ ଶିକ୍ଷିତ, ଅଶିକ୍ଷିତ, ଆଦିବାସୀ-ଅଣ ଆଦିବାସୀ, 'ଉଚ୍ଚ' ଜାତି - 'ତଳ' ଜାତି ମଧ୍ୟରେ ଏକ ସମନ୍ୱୟର ସୂତ୍ର ଭଳି କାମ କଲା । ଅନ୍ୟଥା ଅନ୍ୟ ଲୋକକଳା ଭଳି କୀର୍ତ୍ତନକୁ 'ତଳ' ସ୍ତର କଳା ବୋଲି ବିବେଚନା କରାଯାଏ । ଶିକ୍ଷିତ ଲୋକ କ୍ୱଚିତ ତହିଁରେ ପ୍ରତ୍ୟକ୍ଷ ଭାବେ ଭାଗ ନିଅନ୍ତି । କୀର୍ତ୍ତନରେ ''ଅସ୍ପୃଶ୍ୟ' ଜାତିର ଲୋକଙ୍କର ସାଧାରଣତଃ ପ୍ରବେଶ ରହେନା । ସେମାନଙ୍କ ପ୍ରବେଶ ପାଇଁ ଆମ ଗାଁରେ ମଧ

ଯଥେଷ୍ଟ ପଦକ୍ଷେପ ନିଆଯାଇଛି ବୋଲି କହି ହେବନି । ଜାତି ବାରଣ ନମାନି ବାପା ହରିଜନ ଘରକୁ ଯାଆନ୍ତି, ବିଶେଷ କରି ଶିକ୍ଷିତ ଲୋକ ଭାବରେ ରୋଗର 'ପାଷ୍ଟଏଡ୍' ଦେଲାବେଳେ । ତା' ପାଇଁ ସେ ଲୁଗା ବଦଳାନ୍ତି ନାହିଁ । ଘରେ ତାଙ୍କ ମା' ଆଦି ଏହାକୁ ସ୍ୱୀକାର କରନ୍ତି ନାହିଁ ବୋଲି ସେ ହରିଜନ ସାହିକୁ ଯିବା କଥା ଘରେ ଜଣାନ୍ତି ନାହିଁ । ମାତ୍ର କୀର୍ତ୍ତନରେ ହରିଜନଙ୍କ ପ୍ରବେଶ ପାଇଁ ତାଙ୍କ ପକ୍ଷରୁ ଗାଁରେ ଯଥେଷ୍ଟ ପଦକ୍ଷେପ ନିଆଯାଇଛି ବୋଲି ମନେ ହୁଏନା ।

ବାପାଙ୍କର କୀର୍ତ୍ତନ ଗୀତର ଲୋକପ୍ରିୟତା ବଢ଼ିବା ଯୋଗୁଁ ଆଖ ପାଖର ଗାଁ ଲୋକ ମଧ ତାଙ୍କୁ କୀର୍ତ୍ତନ ଗୀତ ଲେଖିବା ପାଇଁ ଅନୁରୋଧ କଲେ । ପିଲାଦିନେ ଦେଖିଛି ଅନ୍ୟ ଗାଁରୁ ଦୁଇଚାରିଜଣ ଲୋକ ଆସି ଖାତାଟିଏ ଦେଇ ଗୀତ ଲେଖିବା ପାଇଁ ଅନୁରୋଧ କରନ୍ତି । କିଛି ଦିନ ଉତ୍ତାରୁ ବାପା ସେହି ଖାତାଟିରେ ନୂଆ ନୂଆ ଗୀତ ଲେଖିଦିଅନ୍ତି । ଖାତାଟି ଅର୍ଥାତ୍ ତାଙ୍କ ସର୍ଜନାର 'ଅରିଜିନାଲ୍ କପି' ଚାଲିଯାଏ । ପରବର୍ତ୍ତୀ ସମୟରେ ତାଙ୍କ ପାଖରେ ନିଜର ଅନେକ କୃତିର କପି ନ ରହିବା ପଛରେ ତାହା ହିଁ ବଡ଼ କାରଣ । 'କୃଷ୍ଣ ଜନ୍ମ', 'ରାଧା ସନ୍ୟାସ' ଏବଂ 'ଶରତ ରାସ' ଆଦି ହେଲେ ହେମଚନ୍ଦ୍ରଙ୍କର ପ୍ରକାଶିତ କୀର୍ତ୍ତନ ଗୀତର କାବ୍ୟ । ତାକୁ ବାଦ ଦେଲେ ଆହୁରି ୩୦୦ରୁ ଅଧିକ ଭଜନ ଲେଖିଛନ୍ତି ସେ ।

କବି ହେମଚନ୍ଦ୍ରଙ୍କ ପାଇଁ ଏକ ବଡ଼ ଆକର୍ଷଣ ହେଲା ନିଜ ଗାଁ । ପଞ୍ଚମ ଶ୍ରେଣୀ ପରେ ଶେଷରେ ଅର୍ଥାତ ଗାଁ ବାହାରେ ରହି ପାଠ ପଢ଼ିଛନ୍ତି । ମେଟ୍ରିକ ପାସ କଲା ଉତ୍ତାରୁ ଚାକିରୀ ଯାଗାରେ ଅର୍ଥାତ୍ ଗାଁ ବାହାରେ ରହିଛନ୍ତି । ତା' ସତ୍ତ୍ୱେ ଗର୍ଭଣା ସାଙ୍ଗରେ ତାଙ୍କର ସଂପର୍କ ଅତୁଟ ରହିଛି । ତେଣୁ ନାଁ ସାଙ୍ଗରେ ଗାଁ ସ୍ୱତଃ ଯୋଡ଼ିଯାଏ ତାଙ୍କୁ ମନେ ପକାଇଲା ବେଳେ ହେମଚନ୍ଦ୍ର ଆଚାର୍ଯ୍ୟ ଗର୍ଭଣା ! ଗାଁର କୀର୍ତ୍ତନ୍ୟ ମଣ୍ଡଳୀ, ଯୁବକ ସଂଘ ନାଟକ ମଣ୍ଡଳୀ, ଦୁର୍ଗା ପୂଜା ଆଦି ସାମୂହିକ କାମ ପଛରେ ସେ ମୁଖ୍ୟ ପ୍ରତିଷ୍ଠାତା, ମୁଖ୍ୟ ସଂପାଦକ । ସମ୍ବଲପୁର ଜିଲ୍ଲାରେ ଗର୍ଭଣାକୁ ସମାଜବାଦୀ ରାଜନୀତିର ମୁଖ୍ୟ କେନ୍ଦ୍ର କରି ଗଢ଼ିବାରେ ମଧ ଗାଁର ଅନ୍ୟ ଜଣେ ବନ୍ଧୁ ଲାଲ୍ ପ୍ରଧାନଙ୍କ ସାଙ୍ଗରେ ତାଙ୍କ ଭୂମିକା କେବେ ଗୌଣ ନୁହେଁ ।

ପଶ୍ଚିମ ଓଡ଼ିଶାରେ ଦଶହରାର ଏକ ବିଶେଷ ମହତ୍ତ୍ୱ ରହିଛି । ବିବାହିତା ଝିଅମାନେ ସେତେବେଳେ ମା' ଘରକୁ ଆସନ୍ତି । ପିଲାଙ୍କ ସ୍କୁଲ ଛୁଟୀ ହୁଏ । ଚାଷର ଭିଡ଼ ନଥାଏ । ଖରା, ବର୍ଷା ବା ଶୀତ - କାହାରି ପ୍ରକୋପ ଅଧିକ ନଥାଏ ସେତେବେଳେ । ଏହି ସମୟରେ ଦୁର୍ଗାପୂଜା ପରିବେଶକୁ ଅଧିକ ଆନନ୍ଦଦାୟୀ

କରେ । ଆଗରୁ ଆମ ଗାଁରେ ଦୁର୍ଗା ପୂଜା ହେଉ ନଥିଲା । ମନୋରଂଜନର ଏକ ବଡ଼ ସାଧନ ରୂପେ ଗାଁର ଯୁବକ ସଂଘ ଦୁର୍ଗାପୂଜା ଆରମ୍ଭ କଲେ । ମୁଖ୍ୟ ଉଦ୍ୟୋକ୍ତା ଥିଲେ ହେମଚନ୍ଦ୍ର ଏବଂ ତାଙ୍କ ବଡ଼ ଭାଇ ଚିତ୍ତ ରଂଜନ ଏବଂ ବଂଧୁ ଲାଲ ପ୍ରଧାନ, ଜୀବର୍ଦ୍ଧନ ଗୌନ୍ତିଆ, ହର ସାହୁ ଆଦି । ଏହା ୧୯୪୮ ମସିହାର କଥା । ଦୁର୍ଗା ପୂଜାରେ ଅଭିନୀତ ହେବା ପାଇଁ ଗାଁ କଳାକାରମାନେ ନାଟକ କଲେ। ଗାଁ ପରିବେଶରେ ସେ ଏକ ବଡ଼ କୃତିତ୍ୱ - ନୂଆଁ କରି ଅନୁଷ୍ଠାନଟିଏ ସୃଷ୍ଟି ହେଲା ।

ଗାଁର କଳାକାରମାନଙ୍କୁ ଦୃଷ୍ଟିରେ ରଖି ହେମଚନ୍ଦ୍ର ସଂସ୍କାରଧର୍ମୀ ନାଟକମାନ ଲେଖିଲେ । ମାସ ମାସ ଧରି ରାତିରେ ନାଟକ ପାଇଁ ଆଖଡ଼ା ହେବ । ଶେଷରେ ନାଟକର ମଂଚାଭିନୟ ହେବ । ଆଖପାଖ ଅଞ୍ଚଳରେ ଦୁର୍ଗାପୂଜା ସାଂଗକୁ ନାଟକ ପାଇଁ ଗର୍ଭଣାର ପ୍ରସିଦ୍ଧି ବଢ଼ିଲା । ଏ କ୍ଷେତ୍ରରେ ହେମଚନ୍ଦ୍ରଙ୍କର ବଡ଼ ଭାଇ ଚିତ୍ତରଂଜନ ଥିଲେ ବଡ଼ ସହଯୋଗୀ । ସମ୍ବଲପୁରରେ ସେ ପୋଲିସ ବିଭାଗରେ ଚାକିରି କରୁଥିଲେ । ସେ ମଧ ନାଟକ ଲେଖିଲେ ଏବଂ ସମ୍ବଲପୁରର ଦଳେ ବଂଧୁଙ୍କୁ ନେଇ ନାଟକ କରାନ୍ତି । ତାଙ୍କ ସୌଖିନ ନାଟକ ଦଳ ଆସି ଗର୍ଭଣାର ପୂଜାରେ ମଂଚାଭିନୟ କରନ୍ତି । ପୂଜା, ମଂଚ ସାଜସଜ୍ଜା ଓ ଆୟୋଜନରେ ମଧ ଏହି ସହରିଆ କଳାକାର ବଂଧୁମାନେ ସକ୍ରିୟ ଭୂମିକା ନିର୍ବାହ କରନ୍ତି । ଅନ୍ୟ ଶବ୍ଦରେ କହିଲେ, ପୂଜା, ନାଟକ ଏବଂ ଆଚାର୍ଯ୍ୟ ଭ୍ରାତୃଦ୍ୱୟଙ୍କୁ ନେଇ ଗର୍ଭଣା ଗାଁ ଏବଂ ସମ୍ବଲପୁର ସହର ମଧରେ ଏକ ସମନ୍ୱୟର ସୂତ୍ର ପ୍ରସ୍ତୁତ ହେଲା । ଗାଁ ଲୋକ ଗର୍ବିତ ଯେ, ତାଙ୍କ ପିଲା ସମ୍ବଲପୁର କଳାକାରଙ୍କ ଅପେକ୍ଷା ଭଲ ନାଟକ କରନ୍ତି । ସହରକୁ ପାଖରୁ ଦେଖିବାର ଏହି ଅନୁଭୂତି ଯୋଗୁଁ ଗର୍ଭଣାବାସୀଙ୍କ ମନରେ ସହର ପ୍ରତି ଭୟ ନାହିଁ, ବରଂ ତାଙ୍କର ସାହସ ଓ ଆତ୍ମବିଶ୍ୱାସ ବଢ଼ିଛି । ପରବର୍ତ୍ତୀ ସମୟରେ ଅନେକ ପରିସ୍ଥିତିରେ ଗର୍ଭଣା ନିଡ଼ର, ନିର୍ଭୟ । ତାର ପୋଲିସ୍‌କୁ ଭୟ ନାହିଁ ; ସହରକୁ ସେ ଖାତିର କରେ ନା, ମରାଠା ଅମଳରୁ ରହିଆସିଥିବା ସେହି ନିର୍ଭୟ ଭାବର ପରଂପରା ଯଦି ଆଜି ବି ଗାଁରେ ବଞ୍ଚିରହିଛି, ଦୁର୍ଗାପୂଜାର ଅନୁଷ୍ଠାନ ଏବଂ ଆଚାର୍ଯ୍ୟ ଭ୍ରାତୃଦ୍ୱୟଙ୍କର ଭୂମିକା ତା' ପଛରେ ଏକ ବଡ଼ କାରଣ । ମରାଠା ଆକ୍ରମଣକୁ ପ୍ରତିହତ କରିବା ପାଇଁ ଗର୍ଭଣାର ଚମରା ଗୌନ୍ତିଆ କୁଆଡ଼େ ଉନବିଂଶ ଶତାବ୍ଦୀର ଆରମ୍ଭରେ ସମ୍ବଲପୁର ରାଜା ପକ୍ଷରୁ ସିଂଘୋଡ଼ା ଘାଟିରେ ଯୁଦ୍ଧ କରିଥିଲେ । ଯୁଦ୍ଧରେ ଅନେକ ମରାଠା କୁଆଡ଼େ ନିହତ ହୋଇଥିଲେ । ଇତିହାସର ଆଉ କେଉଁ ଏକ କାଳଖଣ୍ଡରେ ଜଣେ ଗର୍ବୀ ବରକଂଦାଜକୁ ଘନାସାଲର ଗୁଡ଼ ରଂଧା ଝୁଲିରେ (ଚୁଲିରେ) ଝୁକି

(ପୋଡ଼ି)ଦିଆଯାଇଥିଲା । ତେଣୁ ସ୍ଥାନୀୟ ସ୍ତରରେ ଗାଁକୁ ଝୁଲି ଝୁକା ଗର୍ଭଣା ବୋଲି କୁହାଯାଏ । ପ୍ରଥମ ଘଟନା ସଂପର୍କରେ ସମ୍ବଲପୁର ଗେଜେଟିଅରରେ ଉଲ୍ଲେଖ ରହିଛି । ଦ୍ୱିତୀୟ ଘଟଣାଟି କିମ୍ବଦନ୍ତୀ ପ୍ରସୂତ । ତାକୁ ମନଗଢ଼ା ବୋଲି ବି କୁହାଯାଇ ନପାରେ । ଗାଁର ଏ ଯେଉଁ ଇତିହାସ ତାହା ହେମଚନ୍ଦ୍ରଙ୍କର ବ୍ୟକ୍ତିତ୍ୱ ଗଠନରେ ମଧ୍ୟ ଯଥେଷ୍ଟ ସାହାଯ୍ୟ କରିଛି - ଏହା ଅସ୍ୱୀକାର କରାଯାଇ ନପାରେ, ଗାଁ ପ୍ରତି ଦୃଢ଼ ଆକର୍ଷଣ ପଛରେ ଗାଁକୁ ନେଇ ସ୍ୱାଭିମାନ ଏକ ପ୍ରମୁଖ କାରଣ । ପୁଣି ସେହି ଆକର୍ଷଣ ଯୋଗୁଁ ଚିରକାଳ ଗାଁର ମଣିଷ ହୋଇ ରହିବାରେ ତାଙ୍କର ଆଦୌ ଆପତ୍ତି ନାହିଁ । ଅନ୍ୟ ଅର୍ଥରେ, ଗାଁରୁ ଅଲଗା କରି ହେମଚନ୍ଦ୍ରଙ୍କର ସୃଷ୍ଟିଶୀଳତାକୁ ବୁଝିବା ସହଜ ନୁହେଁ ।

ଗାଁର ଦର୍ଶକ ମଣ୍ଡଳୀକୁ ଦୃଷ୍ଟିରେ ରଖି ଗାଁ କଳାକାରମାନଙ୍କୁ ନେଇ ହେମଚନ୍ଦ୍ର ଏକାଧିକ ନାଟକ ଲେଖିଛନ୍ତି । ତନ୍ମଧ୍ୟରେ ରହିଛି ଅଭିଶାପ (୧୯୪୫), ନିର୍ବାସିତା (୧୯୪୬) ମହାରଥୀ କର୍ଣ୍ଣ (୧୯୪୮-୪୯), ବିଶ୍ୱାସ (୧୯୫୪), ପ୍ରତୀକ୍ଷା (୧୯୭୭) ଏବଂ ସମ୍ବଲପୁରୀ ନାଟିକା, 'ମୁଇଁ ମର୍ଲେ ଯାଇ' (୧୯୯୦) । କେବଳ ମହାରଥୀ କର୍ଣ୍ଣକୁ କଟକ ଟ୍ରେଡ଼ିଂ କମ୍ପାନୀ ୧୯୫୫-୫୬ ରେ ପ୍ରକାଶିତ କରିଥିଲେ । ଏହି ନାଟକକୁ ବାଦ ଦେଲେ ଅନ୍ୟ ସବୁଗୁଡ଼ିକ ଅପ୍ରକାଶିତ । ପ୍ରତ୍ୟେକ ନାଟକ ସଂସ୍କାରଧର୍ମୀ । 'ମହାରଥୀ କର୍ଣ୍ଣ' ରେ ନାୟକ କର୍ଣ୍ଣ ଅବିବେକୀ କୌରବ ବଂଶର ପକ୍ଷ ନେଇଛନ୍ତି ମହାଭାରତ ଯୁଦ୍ଧରେ ସତ, ମାତ୍ର ତା' ପଛରେ ବଡ଼ କାରଣ ତାଙ୍କ ବିବେକଶୀଳତା । ଦୁର୍ଯ୍ୟୋଧନ ତାଙ୍କୁ ଜଣେ ବଂଧୁର ସମ୍ମାନ ଦେଇଛନ୍ତି । ଯୁଦ୍ଧରେ ସେ ଦୁର୍ଯ୍ୟୋଧନକୁ ପ୍ରତାରିତ କରି ନପାରନ୍ତି । କଥା ଦେଇ କଥା ରଖିଥିବା, ରୋକଠୋକ କଥା କହୁଥିବା, ପୁତ୍ରର ପ୍ରାଣ ବିନିମୟରେ ହେଉ ପଛେ ଅସତ୍ୟର ଆଶ୍ରୟ ନେଇ ନଥିବା ଜଣେ ବାଉଁଶ ପରି ସିଧା ମଣିଷ କର୍ଣ୍ଣ । ତେଣୁ, ଆଦିବାସୀ ଠାରେ, ଗାଁ ଲୋକଠାରେ ଏବଂ ବିଶେଷ କରି ପଶ୍ଚିମ ଓଡ଼ିଶା ବାସୀ 'ସମ୍ବଲପୁରୀଆ' ଠାରେ ଲେଖକ ଯେଉଁ **ସିଧା** ଓ ଟାଣପଣ ରହି ଥିବାର ଆଶା ପ୍ରକାଶ କରନ୍ତି, ତାଙ୍କ କର୍ଣ୍ଣ ତାର ପ୍ରତିନିଧିତ୍ୱ ମାତ୍ର କରେ । ଠିକ ସେହିଭଳି 'ବିଶ୍ୱାସ' ନାଟକରେ ଲୋକଙ୍କ ଭିତରେ ଆପୋଷ ବିଶ୍ୱାସ ଓ ପରସ୍ପର ସହଯୋଗ ବଳରେ ଗାଁ ଏକ ଆଦର୍ଶ ସମାଜରେ ପରିଣତ ହୋଇଛି । ତା' ପାଇଁ ନା ସହର ଅନୁକରଣୀୟ ନା ଅନୁକରଣୀୟ ପାଶ୍ଚାତ୍ୟ ସଭ୍ୟତା । ନିଜ ଅନ୍ତଃଶକ୍ତି ବଳରେ ଗାଁ ବଳିୟାନ, ସ୍ୱର୍ଗ, ସୁଖ, ସଂପଦ, ସହଯୋଗ ଓ ଶାନ୍ତିର ପ୍ରାଣକେନ୍ଦ୍ର । 'ପ୍ରତୀକ୍ଷା' ନାଟକରେ

ରାଜନେତାର ଶଠତାର ପର୍ଦ୍ଦାଫାଁସ ହୋଇଛି । 'ମୁଇଁ ମଲେଁ ଯାଇଁ' ସମ୍ବଲପୁରୀ ନାଟକ ନା ପ୍ରକାଶିତ ହୋଇଛି, ନା ମଂଚସ୍ଥ ହୋଇଛି । କାରଣ ସୁଯୋଗର ଅଭାବ । ଗାଁରେ ତାର ଅଭିନୟ ହୋଇ ନାହିଁ । ୧୯୯୦ ରେ ନାଟକ ଲେଖା ହେଲାବେଳକୁ, ଗାଁ ପିଲା ଟି.ଭି, ଫିଲ୍ମର ମୋହରେ । ଲେଖକ ଚାହିଁଛନ୍ତି ତାକୁ ସମ୍ବଲପୁର ବେତାର କେନ୍ଦ୍ର ଯାଏଁ ପହଞ୍ଚାଇବାକୁ । ଆବଶ୍ୟକ ଲୋକ ସଂପର୍କ ଅଭାବରେ ତା' ବି ସମ୍ଭବପର ହୋଇନାହିଁ । ତାର ପାଠକ ନାହାନ୍ତି, ଦର୍ଶକ ନାହାନ୍ତି, ଅନାଲୋଚିତ ସେ । ତାକୁ ଆବିଷ୍କାର କରିବା ପାଇଁ କାହାରି ଆଗ୍ରହ ନାହିଁ । ପ୍ରତିଭାର ଏହି ଅଲୋଡ଼ା ଅପଚରା ହେବାର କ୍ରୁର ସତ୍ୟକୁ ଉତ୍ଥାପନ କରି ଲେଖକ ଅଭିଯୋଗ କରିଛନ୍ତି ଯେ ସମାଜ ପ୍ରତିଭାର ମଲା ପରେ ଯାଇ ପ୍ରତିଭା ପୂଜା କରେ । ସମୟ ଗଡ଼ି ଗଲାପରେ କ'ଣ ମୂଲ୍ୟଥାଏ ସେ ପ୍ରତିଭା ପୂଜାର ! ସମାଜର ହିତ ପାଇଁ କୁହାଯାଉଥିବା କେଇଁପଦ କଥା ଅଶୁଣା ରହିଯାଏ । ଏ କ'ଣ ଏକ ସାମାଜିକ ସଂକଟକୁ ଇଂଗିତ କରେନି ?

ଜଣେ କବି ଭାବରେ ହେମଚଂନ୍ଦ୍ର 'ଶ୍ରବଣ କୁମାର' , 'ଶକ୍ତିବିଦ୍ଧ ରାମ', 'ବ୍ରହ୍ମ ବି ବ୍ରହ୍ମଂଙ୍କୁ ଚିହ୍ନିଲେ ନାହିଁ', 'ଶବରୀ ସଂଦେଶ', 'ପରୀକ୍ଷିତ', 'ପ୍ରଣୟ ପ୍ରକାଶ', ଆଦି ଲେଖିଛନ୍ତି । 'ପ୍ରଣୟ ପ୍ରକାଶ' ଓ 'ପରୀକ୍ଷିତ' ୧୯୪୦-୫୦ ଦଶକରେ ଲେଖା । ଅନ୍ୟଗୁଡ଼ିକ ୧୯୭୦ ଦଶକରେ ଲେଖା । ପୌରାଣିକ ବିଷୟବସ୍ତୁର ଆଧାରରେ ଲିଖିତ ଏଗୁଡ଼ିକୁ କାବ୍ୟ ବା କବିତା ନ କହି କବି 'ଗୀତିଗାଥା' ଶ୍ରେଣୀରେ ରଖିଛନ୍ତି । ପ୍ରତ୍ୟେକଟି ଲେଖା ପଛରେ ଗୋଟାଏ ଗୋଟାଏ ଲମ୍ବା କାହାଣୀ ।

ସଂଚରର ବା ସ୍ଥାନୀୟ ଭାଷାରେ ଯାହାକୁ 'ଗାହାକ-ବାହାକ' ବୋଲି କୁହାଯାଏ, ପଶ୍ଚିମ ଓଡ଼ିଶା ଓ ଓଡ଼ିଆଭାଷୀ ଛତିଶଗଡ଼ର ଏକ ପରିଚିତ ଲୋକ କଳା । ଜଣେ ବାହାକ (ମୃଦଙ୍ଗ ବାଦ୍ୟକାର) ଏବଂ ଦୁଇଜଣ ପାଲିଆଙ୍କୁ ନେଇ ଗଠିତ ହୁଏ ସଂଚରର ଦଳ । ମୃଦଙ୍ଗ ଏବଂ ଝାଂଞ୍ଜ ଏହାର ମୁଖ୍ୟ ବାଦ୍ୟଯନ୍ତ୍ର । ଚଂପୁ, ଚଉତିଶା, ଓଡ଼ିଶୀ, ସମ୍ବଲପୁରୀ ଆଦି ବିଭିନ୍ନ ଗୀତ ଓ ନୃତ୍ୟ ମାଧମରେ ବିଭିନ୍ନ ପୁରାଣ ଆଖ୍ୟାନକୁ ସଂଚରର ଦଳ ପରିବେଷଣ କରନ୍ତି, ଲୋକପ୍ରିୟ କରାନ୍ତି, ସାଂଗରେ ଲୋକଶିକ୍ଷା ଦିଅନ୍ତି । ଭାଷା ଓଡ଼ିଆ ଯେତିକି, ଶ୍ରୋତାମଣ୍ଡଳୀ ବୁଝିପାରିବେ ବୋଲି ସମ୍ବଲପୁରୀ ମଧ ସେତିକି । ସଂଚରର ଏକ ବଡ଼ ବିଶେଷତ୍ୱ ହେଲା ଯେ କଳାକାର ଏଠି ସ୍ୱୟଂ ଗାଏ, ନାଚେ, ବଜାଏ ଏବଂ ବ୍ୟାଖ୍ୟାନ ଦିଏ । ଘଣ୍ଟା ଘଣ୍ଟା ଧରି ଚାଲେ ଏହି କାର୍ଯ୍ୟକ୍ରମ । ମାଟି ହାଣିବା, ଗଛ ଫାଡ଼ିବା ଠାରୁ ଏ କମ୍ ପରିଶ୍ରମ କାମ ନୁହେଁ ।

ତେଣୁ, ସାଧାରଣତଃ ପରିଶ୍ରମୀ 'ତଳ' ଜାତିର ଲୋକ ଏ କଳାର କଳାକାର । ଉଚ୍ଚ ଜାତିର ଲୋକ କ୍ୱଚିତ ଦେଖାଯାଆନ୍ତି ସଂଚାର କଳାକାର ଭାବରେ । ଲୋକ ପରିଚିତି ସତ୍ତ୍ୱେ ଅନ୍ୟ ଲୋକକଳା ପରି ଏହା ମଧ ରାଜ ସମ୍ମାନର ବିଶେଷ ଅଧିକାରୀ ହୋଇ ପାରିନାହିଁ । ଶିକ୍ଷିତ ଏବଂ ଉଚ୍ଚ ଜାତିର ଲୋକ ଏଥିରେ ସାମିଲ ନ ହେବା ବି ତା ପଛରେ ଏକ କାରଣ । ତା' ସତ୍ତ୍ୱେ, ରାମାୟଣ,ମହାଭାରତ, ବେଦ,ଉପନିଷଦ ଭଳି ମହାନ ମହାନ ସୃଷ୍ଟି ଏବଂ ଚଂପୁ, ଓଡ଼ିଶୀ ଆଦି ଉଚ୍ଚାଂଗ କଳା ପରଂପରାକୁ ଲୋକ ସ୍ତରରେ ପହଁଚାଇବାରେ ସଂଚାର କଳାର ଯେଉଁ ଯୋଗଦାନ, ତାହା ଏକ ସ୍ୱତନ୍ତ୍ର ଗବେଷଣାର ବିଷୟ ହେବ। ଠିକ୍ ସେହିଭଳି ବିନା ଅପରାଧବୋଧରେ ସଂବଲପୁରୀ ଗୀତ ଗାଇବା , ସଂବଲପୁରୀରେ ବକ୍ତବ୍ୟ ଦେବା ମାଧ୍ୟମରେ ସଂଚାର କଳାକାରମାନେ ସଂବଲପୁରୀକୁ ସ୍ୱାଭିମାନ ଦେଇଛନ୍ତି, ସ୍ଥାନୀୟ ଲୋକଭାଷାକୁ ଲେଖାର ଭାଷା, କଳାର ଭାଷା ହେବାରେ ସାହାଯ୍ୟ କରିଛନ୍ତି।

ହେମଚଂଦ୍ରଂକର ସଂଚାର କଳାକାରମାନଙ୍କର ସହ ପରିଚୟ ହେଲା। ସେ ସଂଚାର ପାଇଁ ଭଜନ, ଗୀତିଗାଥାମାନ ଲେଖିଲେ। ତାଙ୍କ ରଚନା ଲୋକପ୍ରିୟ ହେଲା। କଳାକାରମାନଙ୍କର ସୁନାମ ବଢ଼ିଲା। ଆଜି ପଶ୍ଚିମ ଓଡ଼ିଶାର ଅନେକ ସଂଚାରକଳାକାର ହେମଚଂଦ୍ରଂକ ରଚନାରୁ ନିଶ୍ଚୟ କିଛି ନା କିଛି ପରିବେଷଣ କରନ୍ତି। ତାଂକର ନିକଟତର ହୋଇଥିବା କଳାକାରମାନଂକ ମଧ୍ୟରେ ଗଣ୍ଡିଆପାଲିର ଗଜରାଜ ପଶାୟତ ଏବଂ ତାଂକ ଶିଷ୍ୟ ବାସୁଦେବ ପଶାୟତ, ଚିଚିଣ୍ଡାର ଅମୃତ ବାହକ ଅନ୍ୟତମ। ହେମଚଂଦ୍ରଂକର ରଚନା ସଂଚାରରେ ଲୋକପ୍ରିୟତା ପାଇବା ପଛରେ ଗୋଟାଏ ବଡ଼ କାରଣ ହେଲା ତାହା ସହଜବୋଧ୍ୟ। ପଶ୍ଚିମ ଓଡ଼ିଶାର ଗାଁ ଗଣ୍ଡାର ପରିବେଶରୁ ସୃଷ୍ଟି ପ୍ରତ୍ୟେକ ରଚନା, ଯଦିଓ ସେଗୁଡ଼ିକର ଆଧାର ହେଲା କୌଣସି ନା କୌଣସି ପୌରାଣିକ ଉପାଖ୍ୟାନ। ପୁଣି ମାଟି ସାଂଗରେ ସଂପର୍କିତ ହୋଇ ପ୍ରତ୍ୟେକ କୃତି ଆକାଶକୁ ଛୁଇଁବାର ଉଦ୍ୟମ କରନ୍ତି, ଏକ ଆଦର୍ଶ ସମାଜ ଗଢ଼ିବାର ପରିକଳ୍ପନା କରନ୍ତି, କିଛି ସଂସ୍କାରର ବାର୍ତ୍ତା ଦିଅନ୍ତି। ତେଣୁ କବିଂକର ଦେଶାତ୍ମବୋଧକ ଗୀତ 'ମୁଇଁ ଭାରତ ଦେଶର ପିଲା' 'ଦେଶ ଜାତିର ଗୁଟେ ବାପ କରମଚାଂଦ ଗାଂଧି' ବୋଲି ସୂଚନା ଦିଏ, 'ଦେଶ ଯାକର ସଭେ ଗୁଟେ ଡୁରେ ହେଇଛୁଁ ବାଂଧି' ବୋଲି ଦେଶର ଐକବଦ୍ଧତାକୁ ଦର୍ଶାଏ ଏବଂ ତା ସାଂଗରେ 'ଦିନ ଆସବା ଫେର ଫଲବା ଆମର ଦେଶେ ସୁନା, ଦୁର୍ଖେ ମରବାର ଭୁର୍ଖେ ମରବାର କଥା ହେବା ଦୁନ୍‌ହାଁ' ବୋଲି ଦୃଢ଼ତାର ସହ ଆଶା ପ୍ରକାଶ କରେ।

ବାସ୍ତବିକତା ସହ ଓତଃପ୍ରୋତଃ ହେଇ ଆଦର୍ଶର ବିକଳ୍ପ ଖୋଜିବାର ଯେଉଁ ସ୍ୱଭାବ ସୁଲଭ କବିପ୍ରାଣ, ତାହା ହେମଚଂଦ୍ରଂକର ପ୍ରତ୍ୟେକ କାବ୍ୟ କବିତାରେ ସୁସ୍ପଷ୍ଟ ହୋଇ ଦେଖାଯାଏ।

ବଡ଼ ପରିବାର, ଛଅ ଛଅଟା ଛୁଆ, ଚିର ମରୁଡ଼ି ଗ୍ରସ୍ତ, ପଦମପୁର ଅଞ୍ଚଳର ଚାଷୀ, ଏତେ ସବୁ ଅଭାବ ଅନଟନ, ମାନସିକ ଦୁଃଶ୍ଚିନ୍ତାରେ ରହି ସୁଦ୍ଧା ତାଙ୍କ କାବ୍ୟ-କବିତାରେ ନିରାଶା ନାହିଁ । ପାଠକଙ୍କୁ କବି ନିରାଶା ଭିତରକୁ କଦାଚିତ୍ ଠେଲି ଦେଇ ନ ପାରନ୍ତି । ସମ୍ବଲପୁରୀ 'ସୁରୁ ସୁରୁ କୁରିଆ ଉପରେ ଦୁରା ଦୁରା ପୁଆଲ' ଗୀତରେ ଗାଁର କୁଡ଼ିଆ ଘରର ବର୍ଣ୍ଣନା କରିବାକୁ ଯାଇ 'ରଂଧାଘର' ଏବଂ 'ଗୁହାଳ' ଏକା ସ୍ଥିତିରେ ଥିବାରକରୁଣତାକୁ ଦେଖିଛନ୍ତି । କେଉଁଠି 'କାନ୍ଥି' 'ଧସକି' ଯାଇ 'ପାଟି' 'ମସକି' ନେବାର ଦେଖିଛନ୍ତି, ସାଙ୍ଗରେ କୁଡ଼ିଆର ଦାରିଦ୍ର୍ୟ ଓ ଦୁଃସ୍ଥିତି ର କାରଣ ରୂପେ 'ଗାଁ ବାହାରେ ଫେର ମୁଁଡ଼ ଟେକିଛେ ବଢ୍ଢେ ମହଲା' କୁ ଦେଖିଛନ୍ତି, ସେଇ ମହଲାରେ ଗାଁର ଧନସଂପତ୍ତି ସବୁ ସାଂଗଲି ହୋଇ ରହିବାର ଦେଖିଛନ୍ତି । ସାଙ୍ଗରେ ପ୍ରଶ୍ନ ପଚାରିଛନ୍ତି - 'କେତେ ଦିନ ଇ କୁଡ଼ିଆ' ଆଉ 'ମହଲା' ଭିତରେ 'ଜବାବ - ସୁଆଲ' (ଲଢ଼େଇ) ଚାଲିବ ? ସମତାର ଅନ୍ୱେଷଣରେ କବି ତାଙ୍କର ଅନ୍ୟ ଏକ ଗୀତରେ ପ୍ରଜାକୁ ଜଣେଇ ଦେଇଛନ୍ତି, 'ପରଜାରେ ତୁଇଁ ରଜା ହେଲୁ ନ ପରେ ନୁହେଁ ଜାନୁ ତାଏଲ' ।

ମାଟି ଓ ଆକାଶ, ବାସ୍ତବତା ଓ କଳ୍ପନା ମଧ୍ୟରେ ସଂପର୍କ ଯୋଡୁଥିବା ତାଙ୍କର ସମ୍ବଲପୁରୀ ଓ ଓଡ଼ିଆ ଗୀତଗୁଡ଼ିକ ସଂଗୀତ କଳାକୁ ସମ୍ମାନର କଳା ହେବାରେ ସାହାଯ୍ୟ କରିଛି । ସାଙ୍ଗରେ କବିଙ୍କୁ ଲୋକ ପରିଚିତି ଦେଇଛି, ନୂଆଁ ନୂଆଁ କିଛି ନା କିଛି ସର୍ଜନା କରିବାକୁ ଅହରହ ପ୍ରେରଣା ଦେଇଛି । କୀର୍ତ୍ତନ ଶ୍ରୋତା, ସଂଗୀତ ଦର୍ଶକ ମଣ୍ଡଳୀର ପ୍ରତିକ୍ରିୟା କବିଙ୍କୁ ଆହୁରି ଲେଖିବାକୁ ପ୍ରୋତ୍ସାହିତ କରେ । ଅନ୍ୟଥା ୧୯୮୫ ମସିହା ଯାଏ, ମହାରଥୀ କର୍ଣ୍ଣକୁ ବାଦ ଦେଲେ (୧୯୫୫) ତାଙ୍କର କୌଣସି ପୁସ୍ତକ ପ୍ରକାଶିତ ହୋଇନାହିଁ । କୌଣସି ସରକାରୀ ଅନୁଷ୍ଠାନ ପକ୍ଷରୁ ତାକୁ ସାହିତ୍ୟକ ସମ୍ମାନ ମିଳିନି, ପଦ-ପଦବୀ ମିଳିନି । ରାଜ୍ୟସ୍ତରର କୌଣସି ସାହିତ୍ୟ ସଭାକୁ ତାଙ୍କର ପ୍ରବେଶ ସୁଦ୍ଧା ନାହିଁ । ୧୯୯୦ ପର୍ଯ୍ୟନ୍ତ ସମ୍ବଲପୁରର ସାହିତ୍ୟିକ ଗତିବିଧି ସାଙ୍ଗରେ ବି ତାଙ୍କର ପ୍ରତ୍ୟକ୍ଷ ସଂପର୍କ ନାହିଁ । ନିଜର ତଥା ଆଖପାଖରେ କେତେଖଣ୍ଡି ଗାଁ, ପରିବାର, ଚାଷଜମି, ବଂଧୁବାନ୍ଧବ ଭିତରେ ସୀମିତ ତାଙ୍କର ଦୁନିଆଁ । ତା ସତ୍ତ୍ୱେ ତାଙ୍କର ଲେଖା ନିୟମିତ ଢ଼ଙ୍ଗରେ ଚାଲିଛି , ତାଙ୍କୁ

ଲୋକସ୍ୱୀକୃତି ମିଳିଛି ସଂଗୀତ କଳାକାର, କୀର୍ତ୍ତନ କଳାକାର, ଦଣ୍ଡ କଳାକାର, ଗ୍ରାମ୍ୟ କଳାକାର ମାନଙ୍କଠାରୁ । ଅପଚରା ନୁହନ୍ତି ସେ । ନିଜର ସର୍ଜନା ବଳରେ କବି ସେହିଲୋକ କଳାଗୁଡ଼ିକୁ ନୂଆଁ ଦୃଷ୍ଟିକୋଣ ଦେଇଛନ୍ତି, ସଭ୍ୟ ସମାଜରେ ସମ୍ମାନ ଓ ସଂବୃଦ୍ଧି ଦେବାକୁ ପ୍ରୟାସ କରିଛନ୍ତି । ପ୍ରତିବଦଳରେ ସେହି ସମ୍ମାନ ଓ ବଂଚିରହିବାର ତଥା ନିରନ୍ତର ସର୍ଜନା କରିବାର କଳା ତାଙ୍କୁ ମିଳିଛି ସେହି ଲୋକ ସଂସ୍କୃତିରୁ । ଏହି ଅନୁପୂରକତାରୁ ଜନ୍ମ ନେଇଛି 'ସତର ସତୀ ବୃନ୍ଦାବତୀ' (୧୯୯୨), 'ନୁନୀ' (୧୯୯୪) 'ଶବରୀ ସଂଦେଶ' (୧୯୭୫), ସଂସ୍କାରମୂଳକ ଦଣ୍ଡନାଟିକା 'କୃଷ୍ଣକେଳି' (୧୯୭୩) ଆଦି ।

ଗର୍ଭଣାଠାରୁ ୧୨-୧୪ କିଲୋମିଟର ଦୂରରେ ଏକ ଆଦିବାସୀ ବହୁଳ ଛୋଟ ଗାଁ ବୁରୋମାଲ । ହେମଚନ୍ଦ୍ରଙ୍କର ଦୁଇଜଣ କାକା ଓ ସେମାନଙ୍କ ପରିବାର ରହନ୍ତି ସେଠି । ସେହି ସୂତ୍ରରେ ବୁରୋମାଲ ବି ତାଙ୍କ ଗାଁ । ଗାଁର ଆଦିବାସୀ ଓ ଅଣ-ଆଦିବାସୀ ପିଲା ମିଶି ଦଣ୍ଡ ନୃତ୍ୟ କରନ୍ତି । ଦଣ୍ଡନୃତ୍ୟ ଏକ ପରିଚିତ ଲୋକକଳା, ଯେଉଁଥିରେ କୃଷ୍ଣପ୍ରେମର ବିସ୍ତୃତ ଚର୍ଚ୍ଚା ରହିଥାଏ । ସଭ୍ୟ ସମାଜରେ ତାର ବିଶେଷ ସମ୍ମାନ ନଥାଏ ଅନ୍ୟ ସବୁ ଲୋକକଳା ପରି । ଗାଁ (ବୁରୋମାଲ) ଲୋକଙ୍କ ଆଗ୍ରହରେ ସେ ୧୯୭୩ ମସିହାରେ ସଂସ୍କାରମୂଳକ ଦଣ୍ଡନୃତ୍ୟ 'କୃଷ୍ଣ କେଳି' ଲେଖିଲେ ଓ ନିର୍ଦ୍ଦେଶନା ଦେଲେ । ତାଙ୍କ ଲିଖିତ କୃଷ୍ଣକେଳିର ବୈଶିଷ୍ଟ୍ୟ ହେଲା ଯେ ଏଥିରେ ଉଭୟ ସମ୍ବଲପୁରୀ ଓ ଓଡ଼ିଆ ମିଳିମିଶି ହୋଇରହିଛି । ଚଂପୁ, ଓଡ଼ିଶୀ ଅଛି, ସାଂଗରେ ଡ଼ାଲଖାଇ, ରସର କେଲି ମଧ୍ୟ ଅଛି । କଳାକାର ହେଲେ ଗାଁର ଆଦିବାସୀ ଓ ଅଣ-ଆଦିବାସୀ ପିଲା । ପ୍ରମୁଖ ଭୂମିକା ନିର୍ବାହ କରନ୍ତି ହେମଚନ୍ଦ୍ରଙ୍କର କାକାପୁଅ ଭାଇମାନେ, ଗୁରୁ ଚରଣ, ଧ୍ରୁବ ଚରଣ, ଆଦି । ରାଧାକୃଷ୍ଣ ପ୍ରେମର ବ୍ୟାଖ୍ୟାନ ଏଥିରେ ଯେଉଁଭଳି ଭାବେ ରୂପାୟିତ ହୋଇଛି, ତହିଁରେ ରାଧା ଏବଂ ଗୋପୀମାନଙ୍କୁ ବାଦ ଦେଲେ ଆଉମାନେ ବି ରଂଗାୟିତ, ଫଳରେ ରାଧାଙ୍କ ପ୍ରଥମ ପତି 'ଚନ୍ଦ୍ରସେଣା' ଜଣେ ହିଂଜଡ଼ା, ମାଇଚିଆ, ନିଜ ପତ୍ନୀଙ୍କୁ ଯୌନ ସୁଖ ଦେଇପାରୁ ନଥିବା ଜଣେ ଅସଫଳ ବ୍ୟକ୍ତି ନୁହେଁ, ବରଂ ସେ ମଧ୍ୟ ରାଧା ପରି ସେହି ଅନନ୍ତ ପ୍ରେମର ଜଣେ ପିପାସୁ । କୃଷ୍ଣପ୍ରେମରେ ଯେମିତି ସମଗ୍ର ଗୋପପୁର ସମାହିତ, ଠିକ ସେମିତି 'କୃଷ୍ଣକେଳି'ରେ ଭାଷା, ଭାବ, ସମ୍ବଲପୁରୀ, ଓଡ଼ିଆ, ଚଂପୁ, ଓଡ଼ିଶୀ ଡ଼ାଲଖାଇ, ରସରକେଲି, ଆଦିବାସୀ, ଅଣ-ଆଦିବାସୀ, ସବୁ ମିଶି ଯାଇଛନ୍ତି । ହେମଚନ୍ଦ୍ରଙ୍କର 'କୃଷ୍ଣକେଳି' ଦର୍ଶକକୁ ସମନ୍ୱୟର ପାଠ ପଢ଼ାଏ । ସାଙ୍ଗରେ ଅନନ୍ତ

କୃଷ୍ଣପ୍ରେମରେ ଏକାକାର କରାଇବାର ବି ସାମର୍ଥ୍ୟ ରଖେ । ଭବିଷ୍ୟତରେ କେବେ ପ୍ରକାଶିତ ହୋଇପାରେ ଆଶା କରି ଦଣ୍ଡନୃତ୍ୟ ପରଂପରା ସମ୍ବନ୍ଧରେ କବି ଏକ ଲମ୍ବା ମୁଖବନ୍ଧ ଲେଖିଛନ୍ତି । ତହିଁରେ ଏହି ଲୋକକଳା ଏବଂ ତାକୁ ବଂଚେଇ ରଖିଥିବା ଗାଁର ନିରକ୍ଷର ଲୋକ ସମାଜକୁ ସମ୍ମାନ ଓ ସମାଜିକ ସ୍ୱୀକୃତି ଦେବାକୁ କବି 'ସଭ୍ୟ' ସମାଜକୁ ବିନୀତ ନିବେଦନ କରିଛନ୍ତି ।

ସମ୍ବଲପୁରୀ ହେଉଛି ଲେଖକଙ୍କର ମାତୃଭାଷା, ଆରମ୍ଭରୁ ସେ ସମ୍ବଲପୁରୀରେ ଲେଖି ଆସିଛନ୍ତି । ସମ୍ମାନ ଓ ଉପାଧିର କାମନା ବଦଳରେ ମନଖୋଲି ଅଭିବ୍ୟକ୍ତିଙ୍କୁ ପ୍ରକାଶ କରି ପାରିବାର ସନ୍ତୁଷ୍ଟୀ ତାଙ୍କୁ ସମ୍ବଲପୁରୀରେ ଲେଖିବା ପାଇଁ ନିରନ୍ତର ଅନୁପ୍ରେରିତ କରିଛି । ପ୍ରକାଶନ ନିମିତ୍ତ ସୁଯୋଗର ଅଭାବ ସେଥିପାଇଁ ବାଧକ ହୋଇନାହିଁ । ସାଂଗରେ ଓଡ଼ିଆରେ ବି ଲେଖିଛନ୍ତି । ଓଡ଼ିଆ ତାଙ୍କ ପାଠ ବହିର ଭାଷା, ସମଗ୍ର ଓଡ଼ିଶା ଆଗରେ ନିଜ ବକ୍ତବ୍ୟକୁ ଜଣାଇବାର ମାଧମ । ଯାହା ଓଡ଼ିଆରେ ଲେଖିଛନ୍ତି, ତାକୁ ମଧ ଆଖପାଖର ଶ୍ରୋତା ପାଖରେ ବ୍ୟକ୍ତ କଲାବେଳେ ସମ୍ବଲପୁରୀର ସହାୟତା ନେଇଛନ୍ତି । ତାଙ୍କ ସର୍ଜନାର ଗୁଣଗ୍ରାହୀଙ୍କ ମଧରେ 'ପାଠକ'ଙ୍କ ସଂଖ୍ୟା କମ୍, 'ଶ୍ରୋତା'ର ସଂଖ୍ୟା ଅଧିକ । ଯେଉଁଠି ସେ ନିଜେ ଶ୍ରୋତା ପାଖରେ ପହଂଚିବାରେ ଅସମର୍ଥ ହୋଇଛନ୍ତି, ସେଇଠି କୀର୍ତ୍ତନ, ସଂଗ୍ରର କଳାକାର ଆଦି ଗ୍ରାମ୍ୟ କଳାକାରମାନେ, କବିଙ୍କ ତରଫରୁ ସମ୍ବଲପୁରୀରେ ବ୍ୟାଖ୍ୟାନ କରିଛନ୍ତି । ଏହି ଦୃଷ୍ଟିରୁ ହେମଚନ୍ଦ୍ର ଆଗ ସମ୍ବଲପୁରୀ ଲେଖିଲେ, ନା ଓଡ଼ିଆରେ ତାହା ଧାର୍ଯ୍ୟ କରିବା କାଠିକର । ବରଂ କହିଲେ ଭଲ ହେବ ଯେ, ସେ ଏକା ସମୟରେ ଉଭୟ ଓଡ଼ିଆ ଓ ସମ୍ବଲପୁରୀରେ ଲେଖିଛନ୍ତି । ଆରମ୍ଭରେ ତାଙ୍କ ସମ୍ବଲପୁରୀ ରଚନା ଗୀତ, ଭଜନ ଯାଏଁ ସୀମିତ, କାରଣ ସେତେବେଳେ ସମ୍ବଲପୁରୀରେ ନାଟକ, କାବ୍ୟ ଆଦି ବଡ଼ ଲେଖାର ପ୍ରକାଶନ ପାଇଁ 'ଫୋରମ'ର ଆଭାବ ରହିଥିଲା ।

ଏହି ପରିପ୍ରେକ୍ଷୀରେ ହେମଚନ୍ଦ୍ରଙ୍କର 'ଶବରୀ ସଂଦେଶ' (୧୯୭୫) ର ବିଶେଷ ପ୍ରାସଂଗିକତା ରହିଛି । ୧୯୭୫ ମସିହାରେ ଆନ୍ତର୍ଜାତିକ ସ୍ତରରେ 'ମହିଳା ବର୍ଷ' ପାଳିତ ହେଉଥାଏ । ତାକୁ ଲକ୍ଷ୍ୟରେ ରଖି କବି ଓଡ଼ିଆରେ 'ଶବରୀ ସନ୍ଦେଶ' ଲେଖିଲେ । ଶବରୀ ହେଲା ରାମାୟଣ ଯୁଗର କିମ୍ବଦନ୍ତୀ ପ୍ରସୂତ ଆଦିବାସୀ ମହିଳା । ଶିକ୍ଷା ଓ ସଭ୍ୟତାର ଦୂରରେ ସେ, ଭକ୍ତି ବଳରେ ପୁରୁଷୋତ୍ତମ ରାମଙ୍କୁ ସ୍ୱ-ଗୃହରେ ଅତିଥି ରୂପେ ପାଇଲା । ଭକ୍ତି ବିଭୋର ଶବରୀର ଅଇଁଠା ଖାଇବାକୁ ସୁଦ୍ଧା ରାମ ମନା କଲେ ନାହିଁ । ପ୍ରେମ ଓ ଭକ୍ତି ବଳରେ ଅସାଧକୁ ସାଧ୍ୟ କରିବାର

କଲା ଶବରୀ ସମାଜକୁ ଶିଖାଇ ଦେଲା । ପୂଜା, ଆରାଧନା, ଜପ, ତପ ଆଦି ତୁଳନାରେ ସ୍ନେହ ଓ ପ୍ରେମର ମହନୀୟତାକୁ ଦର୍ଶାଏ ଶବରୀ ଉପାଖ୍ୟାନ । ସେହି ମହନୀୟତାକୁ କବି 'ଶବରୀ ସଂଦେଶ'ରେ ଦର୍ଶାଇଛନ୍ତି । କାବ୍ୟଟିରେ ୨୫ଟି ଛାନ୍ଦ ବା ସର୍ଗ । ସର୍ଗଗୁଡ଼ିକ 'ମଙ୍ଗଳ କାମୋଦୀ', 'କଳହଂସ କେଦାର', ବଂଗଳାଶ୍ରୀ, 'ବସନ୍ତ', 'ରାମକେରୀ', 'କେଦାର କାମୋଦୀ', 'କୁମ୍ଭ କାମୋଦୀ, 'ଶଂକରା ଭରଣ', ନଳୀନୀ ଗୌଡ଼ା, 'କଲ୍ୟାଣ ଆହାରୀ', 'ନଟବାଣୀ' ଇତ୍ୟାଦି ବିଭିନ୍ନ ରାଗରେ ଲିଖିତ । ତା'ଠାରୁ ବଡ଼ କଥା ପ୍ରତ୍ୟେକ ସର୍ଗର ପ୍ରତିଟି ପଦର ଆରମ୍ଭ ଓ ଶେଷ ଅକ୍ଷର ତାଳବ୍ୟ 'ଶ'ର୍ଗ କବିଙ୍କର ଏତେ ଗୁଡ଼ାଏ ରାଗକୁ ବ୍ୟବହାର କରିବାର ପାରଂଗମତା ଏବଂ ଓଡ଼ିଆ ଭାଷା ଓ ଶବ୍ଦ ଉପରେ ଗଭୀର ଜ୍ଞାନ ଶ୍ରୋତାକୁ ଆଶ୍ଚର୍ଯ୍ୟ ଚକିତ କରେ । ପୁଣି ଶବ୍ଦର ସନ୍ଧାନବେଳେ କବିଙ୍କର ଭାବ ଝୁଣ୍ଟି ପଡ଼ିନି । ତେଣୁ, ଶବରୀର 'ସନ୍ଦେଶ'ରେ କେବଳ ଶବ୍ଦର କସରତ ରହିଛି ବୋଲି କହିହେବ ନାହିଁ; ସାଙ୍ଗରେ ଭାବର ଗଭୀରତା ବି ରହିଛି । ରୀତିଯୁଗୀୟ ପରଂପରାରେ ଲିଖିତ ଏହି କାବ୍ୟଟିକୁ ସଂଗୀତ କଳାକାର ଗଜରାଜ ପସାୟତ ପ୍ରଥମେ ପରିବେଷଣ କରି ଦର୍ଶକ ଗହଣରେ ବିଶେଷ ଖ୍ୟାତି ଅର୍ଜନ କଲେ ।

ଓଡ଼ିଆ ସାହିତ୍ୟର ଏହିଭଳି ଏକ ଅନନ୍ୟ କୃତି ପାଇଁ ପ୍ରକାଶକ ମିଳିଲେ ନାହିଁ । ନିଜ ସ୍ତରରେ କବି ପ୍ରକାଶକ ପାଇଁ ଚେଷ୍ଟା କରିଥିବେ ନିଶ୍ଚୟ । ମାତ୍ର ପ୍ରକାଶକ ମହଲରେ ତାଙ୍କର କୌଣସି ପରିଚୟ ନଥିବାରୁ ସେଥିରେ ସଫଳତା ମିଳିନି । ଶେଷରେ କାବ୍ୟ ଲେଖାର ଦଶବର୍ଷ ପରେ ତାଙ୍କର ବଂଧୁ (ସମୁଧି) ଓ ପଣ୍ଡିଚେରୀର ସାଧକ ମଧୁସୂଦନ ମିଶ୍ରଙ୍କର ଜଣେ ବଂଧୁ ତାକୁ ପୁରୀ ବାଲୁଗାଁରୁ ପ୍ରକାଶିତ କଲେ । 'ପ୍ରକାଶକ' ଯେହେତୁ ପେଷାରେ ପ୍ରକାଶକ ନୁହନ୍ତି, ଏକ ଚଟି ବହି ଆକାରରେ 'ଶବରୀ ସଂଦେଶ' ପ୍ରକାଶିତ ହେଲା, ଯେଉଁଥିରେ ପ୍ରକାଶନର ନାଁ, ପ୍ରକାଶନ କାଳ ଆଦିର ମଧ ଉଲ୍ଲେଖ ନାହିଁ । ଏମିତି ଏକ ପ୍ରକାଶନର ଓଡ଼ିଆ ସାହିତ୍ୟ ଜଗତରେ କୌଣସି ଚର୍ଚ୍ଚା ନ ହେବା ସ୍ୱାଭାବିକ । ନିଜ କୃତିର ପ୍ରଚାର, ପ୍ରସାର ନ ହେବାର ଏହି ଯେଉଁ ତିକ୍ତ ଅନୁଭୂତି ତାହା ତାଙ୍କୁ ନିଶ୍ଚିତ ରୂପେ କଷ୍ଟ ଦେଇଛି । ପରବର୍ତ୍ତୀ ସମୟରେ ଓଡ଼ିଆ ଲେଖାରୁ ତାଙ୍କର ବିତସ୍ପୃହ ହେବା ପଛରେ ଏହା ଏକ ବଡ଼ କାରଣ । ଏହାର ପରିଣାମ ସ୍ୱରୂପ ୧୯୯୦ ଦଶକରେ ବିଶେଷ କରି ସମ୍ବଲପୁରୀରେ ହିଁ ସେ ଲେଖିଥିଲେ ।

୧୯୮୪-୮୬ ରେ ସମ୍ବଲପୁରୀରେ ତାଙ୍କର ବଡ଼ ରଚନା ହେଲା 'ରାମରାହା', ଯାହାକୁ ସଂପୂର୍ଣ୍ଣ କରିବାକୁ କବି ପ୍ରାୟ ପାଞ୍ଚ ବର୍ଷ ସମୟ ନେଇଛନ୍ତି । 'ଶବରୀ

ସନ୍ଦେଶ'ର ବର୍ଦ୍ଧିତ ରୂପ ଭାବରେ ଏଥିରେ ଭକ୍ତି ମାର୍ଗରେ ଭଗବାନଙ୍କୁ ପ୍ରାପ୍ତ କରିବା କଥା କବି କହିଛନ୍ତି । କଥାବସ୍ତୁ ହେଲା 'ରାମକଥା'। ମାତ୍ର ତାକୁ ବାଲ୍ମୀକି ରାମାୟଣ ବା ଅନ୍ୟ କେଉଁ ରାମାୟଣର ଅନୁବାଦ ବୋଲି କହିହେବନି। ନିଜ ପରିବେଶରେ ରାମକଥାକୁ ପ୍ରାସଙ୍ଗିକ କରିବା ନିମିତ୍ତ 'ରାମରାହା' ହେଲା ଏକ ସୃଜନାତ୍ମକ ପ୍ରୟାସ। ଅନ୍ୟ କୃତିଗୁଡ଼ିକ ପରି 'ରାମରାହା' ଲେଖିବା ପଛରେ ମୁଖ୍ୟ ପ୍ରେରଣା ସ୍ରୋତ ହେଲେ ଗାଁର ଶ୍ରୋତାମଣ୍ଡଳୀ । ବିଭିନ୍ନ ଅବସରରେ ଏବଂ ପରେ ନିୟମିତ ଭାବରେ ଗାଁ ଭାଗବତ ଗୁଡ଼ି (ମନ୍ଦିର) ରେ ସନ୍ଧ୍ୟାରେ ପୁରାଣ ଆଲୋଚନା ହୁଏ । କବି ପୁରାଣ ବ୍ୟାଖ୍ୟାତା । ସରଳ, ତରଳ ଭାଷାରେ ସେ ରାମାୟଣର ବିଭିନ୍ନ ପ୍ରସଂଗକୁ ଗାଁ ଲୋକଙ୍କୁ ବୁଝାନ୍ତି । ସେଥିରେ ସାଂପ୍ରତିକ ପରିସ୍ଥିତିରେ କାବ୍ୟଟିର ପ୍ରାସଙ୍ଗିକତା କଥା ରହିଥାଏ । ତେଣିକି ଏମିତି ହେଲା ଯେ ଦିନରେ କିଛି ଲେଖିବେ; ସଂଧ୍ୟାରେ ତାର ପାଠ ଆଲୋଚନା ଓ ସମୀକ୍ଷାକୁ ଦୃଷ୍ଟିରେ ରଖି ରାତିରେ ଲେଖାର ପୁର୍ନଲିଖନ ହେବ, ନୋହିଲେ ନୂଆଁ ଲେଖା ହେବ । ଅନେକ ଦିନ ଧରି ଗୋଟାଏ ଗତାନୁଗତିକ ଢଙ୍ଗରେ ଏହା ଚାଲିଲା । ଏହି ପ୍ରକ୍ରିୟାରେ ତହିଁରେ ସର୍ଜନା, ପଠନ, ଆଲୋଚନା, ମତାମତ, ସମୀକ୍ଷା, ପୁର୍ନଲିଖନ ଏବଂ ସର୍ଜନା ସବୁ ସାମିଲ ଥିଲା । ସଂଧ୍ୟାରେ ଅପେକ୍ଷାରତ ଶ୍ରୋତାମଣ୍ଡଳୀର ସାମାଜିକ ଚାପରେ ଲେଖା ଆଗକୁ ଆଗକୁ ବଢ଼ି ଚାଲିଲା । ନୂଆଁ କରି ପ୍ରତିଦିନ କିଛି ଲେଖା ନ ହେଲେ ଶ୍ରୋତା ନିରାଶ ହେବେ । କବି, ସର୍ଜନା ଓ ଶ୍ରୋତା ମଧରେ ଏ ଯେଉଁ ଅନୁପୂରତା ସୃଷ୍ଟି ହେଲା, ତାହା ରାମରାହାର କଳେବରକୁ ବୃଦ୍ଧି କଲା । ମା' କହେ, ଅନେକ ରାତିରେ ସେ (ବାପା) ଅଧରାତିରେ ଉଠି ଲେଖିବା ଆରମ୍ଭ କରିଦିଅନ୍ତି । ଅନେକ ଥର ଲେଖି ସାରି କାନ୍ଦନ୍ତି । କାରଣ ତାଙ୍କର ବିଶ୍ୱାସ ହୁଏ ନି ଯେ, ସେହି ପଦ ବା ସର୍ଗର ସେ ନିଜେ ଲେଖକ । କିଏ ଯେମିତି ହାତଧରି ତାଂକୁ ଲେଖାଇ ଦେଇଛି । କୃତି ଓ ତାର ସୃଷ୍ଟି ଭିତରେ ବୁଡ଼ି ରହିବାର ସେହି ଅଭିନବ ଅନୁଭୂତି ଓ ସନ୍ତୁଷ୍ଟୀ ଯୋଗୁଁ ବିଜୁଳି ବତିର ମିଞ୍ଜି ମିଞ୍ଜି ଆଲୁଅ (ସେତେବେଳେକୁ ଘରେ ବିଜୁଳି ସଂଯୋଗ ହୋଇସାରିଥିଲା) ଲେଖାରେ ଅସୁବିଧା ସୃଷ୍ଟି କରିନି । ଷାଠିଏ ବର୍ଷ ପୁରି ସାରିଥିଲାଣି ସେତେବେଳକୁ ତାଙ୍କୁ । ତଥାପି ଦଉଡ଼ି ଖଟରେ ଘଣ୍ଟା ଘଣ୍ଟା ବସି ଲେଖିବା କଷ୍ଟକର ହୋଇନି । ତା'ଠାରୁ ବଡ଼ କଥା, ସର୍ଜନା ପାଇଁ କବି କ୍ଷେତକାମରୁ ଅବ୍ୟାହତି ନେଇ ନାହାନ୍ତି । ସାମାଜିକ ସମ୍ବନ୍ଧକୁ ଏଡ଼ାଇ ନାହାନ୍ତି, ଲେଖିବା ପାଇଁ କିଛି ଅଧିକ ସୁଖ ସୁବିଧା ମାଗି ନାହାନ୍ତି; ପାଇ ନାହାନ୍ତି । ୨୦୦୦ ମସିହାରେ

ସମ୍ବଲପୁର ବିଶ୍ୱବିଦ୍ୟାଳୟ 'ରାମରାହା' ପାଇଁ ହେମଚନ୍ଦ୍ରଙ୍କୁ ସମ୍ମାନିତ କଲା; ୨୦୦୧ ମସିହାରେ 'ରାମରାହା'କୁ ଦୁଇଟି ଖଣ୍ଡରେ ପ୍ରକାଶିତ କଲା । ସେ ବାବଦରେ ତାଙ୍କୁ ଏକକାଳୀନ ୨୫,୦୦୦ ଟଙ୍କା 'ରୟାଲ୍ଟି' ଦେଲା । ବୋଧିହୁଏ ଏହି ଟଙ୍କା ବାହାରେ ସେ କେବେ ନିଜର କୃତି ପାଇଁ 'ରୟାଲ୍ଟି' ପାଇନାହାନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ତରୀୟ ସମ୍ମାନକୁ ବାଦ ଦେଲେ ଆଉ କୌଣସି ସରକାରୀ ବା ଅର୍ଦ୍ଧ ସରକାରୀ ସଂସ୍ଥା କବିଙ୍କୁ ସମ୍ମାନିତ କରିନାହାନ୍ତି । ବିଶ୍ୱବିଦ୍ୟାଳୟର ଏହି ସମ୍ମାନ ଓ ପ୍ରକାଶନ ପଛରେ କୁଳପତି ଧ୍ରୁବରାଜ ନାୟକଙ୍କର ବ୍ୟକ୍ତିଗତ ଉଦ୍ୟମ ରହିଥିଲା । ବ୍ୟକ୍ତିଗତ ପରିଚୟ ନଥିବା ସତ୍ତ୍ୱେ ପ୍ରଫେସର ନାୟକ ସମ୍ବଲପୁରୀ ସାହିତ୍ୟ ଓ ସଂସ୍କୃତିର ଉନ୍ନତି ପାଇଁ ଯେଉଁ କେତୋଟି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ, ତହିଁରେ 'ରାମରାହା'ର ପ୍ରକାଶନ ଅନ୍ୟତମ । ଓଡ଼ିଆ ଅଧ୍ୟାପକ ନିମାଇଁ ଚରଣ ପଣ୍ଡାଙ୍କର ମଧ୍ୟ ଏଥିରେ ପ୍ରତ୍ୟକ୍ଷ ସହଯୋଗ ରହିଥିଲା ।

୨୦୦୦ ମସିହା ଯାଏ 'ରାମରାହା' ଓ ତାର କବିଙ୍କୁ ସରକାରୀ ଅନୁଷ୍ଠାନିକ ସମ୍ମାନ ମିଳି ନଥିଲା ସତ, ମାତ୍ର ଲୋକସ୍ତରରେ, ଗାଁ ଗାଁ ରେ ଲୋକ ତାଙ୍କୁ ସମ୍ମାନିତ କରିଥିଲେ, ପଦପଦବୀ ଦେଉଥିଲେ । 'କୋଶଳ ବାଲ୍ମିକି ପଦବୀ ତାଙ୍କ ମଧ୍ୟରେ ଅନ୍ୟତମ । ସେଭଳିଆ କେତୋଟି ଗ୍ରାମ୍ୟ ସ୍ତରର ସାହିତ୍ୟିକ ସଂସ୍ଥା ହେଲେ : ମନୋହର ସାଂସ୍କୃତିକ ସଂସଦ, ଭେଡ଼େନ (୧୯୯୭), ନିସାନ ସାହିତ୍ୟ ସଂସଦ, ସମ୍ବଲପୁର (୧୯୯୩), ସଂଗୀତ ସାହିତ୍ୟ ନାଟକ ଏକାଡ଼େମୀ ସମ୍ବଲପୁର (୧୯୯୪), ଡ଼େବ୍ରିଗଡ଼ କଳା ସାହିତ୍ୟ ସଂସଦ, ଭଟଲି (୧୯୯୫) କେଦାରନାଥ ସାହିତ୍ୟ ସଂସଦ, ଅଂବାଭୋନା , ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସ (୧୯୯୪), ଖଗେଶ୍ୱର ସାହତ୍ୟ ସଂସଦ, ଚିଚିଣ୍ଡା (୧୯୯୬) ସଏଲତା ମହାସମ୍ମେଳନ, ଘେଁସ (୧୧୯୪) , ବୋଡ଼ାସଂବର ଭେଟଘାଟ, ପଦମପୁର (୧୧୯୮), ଅନୁଗୁଳ ଜିଲ୍ଲା ଲେଖକ ସଂଘ, ଅନୁଗୁଳ (୨୦୦୨) ପ୍ରଜ୍ଞାଭାରତୀ ସାହିତ୍ୟ-ସଂସ୍କୃତି ସଂସଦ, କେର୍ମେଲି (୨୦୦୩) ନୂଆଁଖାଇ ଭେଟଘାଟ, ଭୁବନେଶ୍ୱର (୨୦୦୨) ସୋସିଆଲ୍ କ୍ଲବ୍, ବରଗଡ଼, ବାସନ୍ତୀ ବରପାଲି ମହାବିଦ୍ୟାଳୟ, ବରପାଲି, ଭରନି ସାହିତ୍ୟ ସଂସଦ, ସମ୍ବଲପୁର (୨୦୦୬), ପଡ଼ା ସାହିତ୍ୟ ସଂସଦ, ପଡ଼ା ବିଜେପୁର (୨୦୦୪) ।

'ରାମରାହା'କୁ ବାଦ ଦେଲେ ହେମଚନ୍ଦ୍ରଙ୍କ ଅନ୍ୟାନ୍ୟ ସମ୍ବଲପୁରୀ ରଚନା ଭିତରେ 'ସତର ସତି ବୃନ୍ଦାବତୀ' (୧୯୯୨), 'କଥାନି ସତସତାନୀ' (୧୧୯୨),

'କଥାନି ଲେଖେଁ ଲାଗସି' (୧୯୯୫), 'ନୁନୀ' (୧୯୯୪) ଆଦି ଅନ୍ୟତମ । ଅଧିକାଂଶ ୧୯୯୦ ଦଶକରେ ଲିଖିତ । ଦ୍ୱିତୀୟରେ ସବୁଗୁଡ଼ିକ ପ୍ରକାଶିତ। କବିଙ୍କର ଏହି ରଚନା ଏବଂ ପ୍ରକାଶନକୁ ସମ୍ବଲପୁରୀ ଭାଷା ଆନ୍ଦୋଳନ ପରିପ୍ରେକ୍ଷୀରେ ହିଁ ଦେଖିହେବ । ୧୯୯୦ ଦଶକରେ ଆରମ୍ଭରେ ପାରିବାରିକ ସୂତ୍ରରେ ସମ୍ବଲପୁରୀ ଭାଷା ଆନ୍ଦୋଳନର ଜଣେ ପ୍ରମୁଖ କର୍ତ୍ତା ଏବଂ ନେଂତାକ ଧନପତି ମହାପାତ୍ରଙ୍କ ସଂଗେ ତାଙ୍କର ସଂବଧ ସ୍ଥାପିତ ହେଲା । ଧନପତି ମହାପାତ୍ରଙ୍କର ଯେହେତୁ ଆନ୍ଦୋଳନର ଅନ୍ୟାନ୍ୟ ନେତୃସ୍ଥାନୀୟ ବ୍ୟକ୍ତି, ଯଥା ନୀଳମାଧବ ପାଣିଗ୍ରାହୀ, ପ୍ରୟାଗ ଦତ୍ତ ଜ୍ୟୋଷୀ ଦ୍ୱାରିକା ନାଥ ନାଏକ ଶ୍ୟାମ ସୁନ୍ଦର ଧର, ଆଦିଙ୍କ ସହିତ ସାହିତ୍ୟିକ ସଂପର୍କ ରହିଥିଲା, ହେମଚନ୍ଦ୍ର ମଧ ସେହି ସଂପର୍କ ସୂତ୍ରର ପରିଧିକୁ ଆସିଲେ । ତେଣିକି ଭାଷା ଆନ୍ଦୋଳନର ବିଭିନ୍ନ ସଭାସମିତିରେ କବି ଯୋଗଦେଲେ, ଆନ୍ଦୋଳନର ବିଭିନ୍ନ କର୍ତ୍ତାଙ୍କ ସହ ପତ୍ରାଚାର କଲେ । ଅନ୍ୟ ଶବ୍ଦରେ କହିଲେ, ଗର୍ଭଣା ଗାଁ ଏବଂ ଆଖପାଖର କେତେ ଖଣ୍ଡି ଗାଁ ଯାକେ ସୀମିତ ହେମଚନ୍ଦ୍ର ଆଚାର୍ଯ୍ୟ ଏଣିକି ପଶ୍ଚିମ ଓଡ଼ିଶା ସ୍ତରର ସାହିତ୍ୟିକ ଗତିବିଧିରେ ସ୍ଥାନ ପାଇଲେ । ଏଥିପାଇଁ ଧନପତି ବାବୁଙ୍କ ବ୍ୟତୀତ ଯେଉଁ ଦ୍ୱିତୀୟ ବ୍ୟକ୍ତିଙ୍କର ପ୍ରମୁଖ ଯୋଗଦାନ ରହିଥିଲା ସେ ହେଲେ ଡ଼ଃ ନୀଳମାଧବ ପାଣିଗ୍ରାହୀ ।

ସମ୍ବଲପୁରୀ କାବ୍ୟ 'ନୁନୀ' ପ୍ରକାଶିତ ହେଲା । ପ୍ରକାଶ ଚନ୍ଦ୍ର ଦେବତାଙ୍କ ଆର୍ଥିକ ସହଯୋଗ ଏବଂ ଟେକଚାନ୍ଦ ଦୁଆନ ଆଦିଙ୍କ ଉଦ୍ୟମରେ 'ସତର ସତି ବୃନ୍ଦାବତୀ'କୁ ଧନପତି ମହାପାତ୍ରଙ୍କ ପ୍ରଚେଷ୍ଟାରେ 'ସମ୍ବଲପୁରୀ ପ୍ରକାଶନ' ପକ୍ଷରୁ ପ୍ରକାଶିତ କରାଗଲା । 'କଥାନି ସତ୍ ସତାନି' ଗଳ୍ପ ସଂକଳନକୁ ଡ଼ଃ ନୀଳମାଧବ ପାଣିଗ୍ରାହୀଙ୍କ ଉଦ୍ୟମରେ 'ନିସାନ' ସାହିତ୍ୟ ସଂସଦ ପକ୍ଷରୁ ପ୍ରକାଶିତ କରାଗଲା । 'କଥାନି ଲେଖେଁ ଲାଖସି' ଆଉ ଏକ ଗଳ୍ପ ସଂକଳନ । ତାକୁ ବରଗଡ଼ର ଆନନ୍ଦ ଆଚାର୍ଯ୍ୟଙ୍କ ଆର୍ଥିକ ସହଯୋଗରେ ପ୍ରକାଶ କରାଗଲା । ଯଦିଓ ପ୍ରକାଶକ ଭାବରେ ନାଁ ରହିଲା ଦ୍ୟୁତୀଶ ଆଚାର୍ଯ୍ୟଙ୍କର (ହେମଚନ୍ଦ୍ର ଆଚାର୍ଯ୍ୟଙ୍କର କନିଷ୍ଠ ପୁତ୍ର) । ହେମଚନ୍ଦ୍ରଙ୍କର ବିଭିନ୍ନ ସମୟରେ ଲେଖା ହୋଇଥିବା ୩୪ଟି ସମ୍ବଲପୁରୀ ଗୀତକୁ ତାଙ୍କ କାକାପୁଅ ଭାଇ ମଂଗଳ ଚରଣ ଆଚାର୍ଯ୍ୟ ସଂଗ୍ରହ କରିଥିଲେ । ଗୀତଗୁଡ଼ିକୁ ୨୦୦୪ରେ ଦ୍ୟୁତୀଶ ଆଚାର୍ଯ୍ୟ ପ୍ରକାଶିତ କଲେ । ହେମଚନ୍ଦ୍ରଙ୍କର ସମଗ୍ର ଲେଖାକୁ ଗ୍ରନ୍ଥାବଳୀ ଆକାରରେ ପ୍ରକାଶିତ କରିବାର ଉଦ୍ୟମ ମଝିରେ ହୋଇଛି । ମାତ୍ର ପ୍ରକାଶକ ଅଭାବରେ ସଫଳତା ମିଳିନି । ଲେଖାଗୁଡ଼ିକୁ ସଂଗ୍ରହ କରିବାରେ ମଂଗଳ ଚରଣ

ଆଚାର୍ଯ୍ୟଙ୍କ ବ୍ୟତୀତ ଆଉ ଜଣେ କାକାପୁଅ ଭାଇ ଗିରିଜାଶଙ୍କର ଆଚାର୍ଯ୍ୟଙ୍କର ମଧ୍ୟ ଯଥେଷ୍ଟ ଭୂମିକା ରହିଛି । ୨୦୦୪ ଜୁଲାଇ ମାସରୁ ଆରମ୍ଭ କରି କବି ଆଜିଯାଏଁ ଶଯ୍ୟାଶାୟୀ । ବୟସ ଅଶୀତିପର । ଲେଖାଟି ଏ ଲେଖି ସାରିଥିଲେ ଆବଶ୍ୟକ ମତେ ତାର 'ଫାଇନାଲ୍ କପି' ତିଆରି କରିବା ମଧ୍ୟ ତାଙ୍କ ପକ୍ଷେ କଷ୍ଟକର। ଏହିଭଳି ସ୍ଥିତିରେ ଗିରିଜା ଶଙ୍କରଙ୍କର ନିରନ୍ତର ସହଯୋଗ ତାଙ୍କୁ ମିଳିଛି।

ସମ୍ବଲପୁରୀ ଭାଷା ଆନ୍ଦୋଳନର ଏକ ମହତ୍ତ୍ୱପୂର୍ଣ୍ଣ ଏବଂ ମୋ ମତରେ ଦୁର୍ବଳ ଦିଗ ହେଲା ପ୍ରତିଯୋଗୀ ଭାଷା ମନେ କରି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅନେକ ସମୟରେ ଅସୂୟାଭାବ ପ୍ରକଟ କରିବା । ଶହେ ବର୍ଷ ତଳେ ବଂଗଳା ଭାଷା ଓ ସଂସ୍କୃତି ପ୍ରତି ଓଡ଼ିଆ ଭାଷା ଆନ୍ଦୋଳନର ଯେଉଁ ଭାବ ଥିଲା, ତାର ଏକ ଭିନ୍ନ ରୂପ ଭାବେ ଏହାକୁ ଦେଖାଯାଇ ପାରେ । 'ସମ୍ବଲପୁରୀ'ର ଅସ୍ମିତା ଜାହିର କରିବା ପାଇଁ ଯେମିତି 'ଓଡ଼ିଆ'କୁ ଗାଳିଗୁଲଜ କରିବା ଏକ ଆବଶ୍ୟକ ପଦକ୍ଷେପ ! ଏହି ପରିପ୍ରେକ୍ଷୀରେ ହେମଚନ୍ଦ୍ରଙ୍କ ସର୍ଜନା ସେହି ଗାଳିଗୁଲଜରୁ ଦୂରରେ ରହି ସୃଷ୍ଟିଶୀଳତା ପ୍ରତି ଅଧିକ ଧ୍ୟାନ ଦିଏ ବୋଲି କୁହାଯାଇପାରେ । 'ରାମରାହା' ହେଉ ବା 'ନୁନୀ', କୌଣସି ରଚନାରେ କବି କୌଣସି ଭାଷା ଓ ସଂସ୍କୃତି ପ୍ରତି ଅସୂୟା ଭାବ ପ୍ରକଟ କରିନାହାନ୍ତି । ସମ୍ବଲପୁରୀ 'ଲେଖାର ଭାଷା', 'ଭାବର ଭାଷା', 'ସାହିତ୍ୟର ଭାଷା' ହେବାର ସାମର୍ଥ୍ୟ ରଖେ, ଏହା ଜଣାଇ ଦେବାକୁ ପ୍ରୟାସ କରନ୍ତି। ତାଙ୍କପାଇଁ ସମ୍ବଲପୁରୀ ଓ ଓଡ଼ିଆ ଦୁଇଟି ସଂଘର୍ଷର ଭାଷା ନୁହନ୍ତି; ଉଭୟେ ଅନୁପୁରକତାର ଭାଷା। ତାଙ୍କ ସର୍ଜନାକୁ ସମ୍ବଲପୁରୀରେ ଅନ୍ତଃଶକ୍ତି ଖୋଜିବା ନିମନ୍ତେ ଏକ ବ୍ୟକ୍ତିକ ଉଦ୍ୟମ ରୂପେ ଦେଖାଯାଇପାରେ । ହେମଚନ୍ଦ୍ରଙ୍କର ସମ୍ବଲପୁରୀ ଲେଖାର ଆଉ ଏକ ବିଶେଷତ୍ୱ ହେଲା ବ୍ୟାକରଣ। ଅନେକ ସମ୍ବଲପୁରୀ ଲେଖକ ଓଡ଼ିଆ ତାଳବ୍ୟ 'ଶ' ଏବଂ ମୂର୍ଦ୍ଧନ୍ୟ 'ଷ' ର ବ୍ୟବହାର ସ୍ଥାନରେ କେବଳ ଦନ୍ତ୍ୟ 'ସ'ର ବ୍ୟବହାର କରନ୍ତି । ଦୀର୍ଘ 'ଈ'ର ସ୍ଥାନରେ କେବଳ ହ୍ରସ୍ୱ 'ଇ'ର ଏବଂ ଅବର୍ଗ୍ୟ 'ଯ'ର ସ୍ଥାନରେ କେବଳ 'ବର୍ଗ୍ୟ' 'ଜ'ର ବ୍ୟବହାର କରନ୍ତି । ସେମାନଙ୍କ ଯୁକ୍ତି ଯେ ସମ୍ବଲପୁରୀ ଉଚ୍ଚାରଣରେ ଯେହେତୁ ତିନୋଟି 'ସ'ର ଭିନ୍ନତା ନଥାଏ, ଦୀର୍ଘ 'ଈ'ର ଦରକାର ପଡ଼େନି, ଲେଖାରେ ସେ ସବୁ ରହିବା କଥା ନୁହେଁ । ବରଂ ସେ ସବୁ ଅନାବଶ୍ୟକ ଅକ୍ଷର ଭାଷାକୁ ଅଯଥା କ୍ଲିଷ୍ଟ ଓ ଜଟିଳ କରେ, ଭାବ ପ୍ରକାଶରେ ବାଧକ ସାଜେ । ମାତ୍ର ସଂସ୍କୃତ ପଣ୍ଡିତ ଡ଼ୋଳାମଣି ଆଚାର୍ଯ୍ୟଙ୍କର ପୁତ୍ର ହେମଚନ୍ଦ୍ର ଏହାକୁ ସହଜରେ

ସ୍ୱୀକାର କରିପାରନ୍ତି ନାହିଁ । ସମ୍ବଲପୁରୀ ଲେଖା ମଧ୍ୟ ତାଙ୍କର କଦାଚିତ୍ ଓଡ଼ିଆ ବ୍ୟାକରଣର ପ୍ରଭାବରୁ ମୁକ୍ତ ହୋଇପାରେନା । ତାଙ୍କର ବୋଧହୁଏ ଯୁକ୍ତି ଯେ ସଂସ୍କୃତ ବ୍ୟାକରଣକୁ ମୁଖ୍ୟ ଆଧାର କରି ଯେମିତି ଓଡ଼ିଆ ବ୍ୟାକରଣ ସୃଷ୍ଟି ହୋଇଛି ଏବଂ ତା' ସତ୍ତ୍ୱେ ଉଭୟେ ଦୁଇଟି ସ୍ୱତନ୍ତ୍ର ଭାଷା ହୋଇ ରହନ୍ତି, ଠିକ ସେମିତି ସଂସ୍କୃତ ଓ ଓଡ଼ିଆ ବ୍ୟାକରଣକୁ ଆଧାର କରି ସମ୍ବଲପୁରୀ ବ୍ୟାକରଣର ପରିଯୋଜନା ହୋଇପାରିବ । ଏହାଦ୍ୱାରା ସମ୍ବଲପୁରୀର ମହତ୍ତ୍ୱ ଊଣା ହେବ ନାହିଁ । ଦ୍ୱିତୀୟତଃ, ସାହିତ୍ୟ ମଧ୍ୟ ଏକ ସାଧନା । ବ୍ୟାକରଣକୁ ଆୟତ୍ତ କରି । ସାଧନାର ଏକ ନିମ୍ନତମ ଆବଶ୍ୟକତା । ସେହି ନିମ୍ନତମ ସାଧନାର ଅଭାବରେ କେବଳ ଲେଖକର ଉଚ୍ଚାକାଂକ୍ଷା ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟିରେ ସହାୟକ ହେବ ନାହିଁ । ତାଙ୍କର ଏହା ସ୍ୱକୀୟ ଅବଧାରଣା । ତାକୁ 'ଭୁଲ୍' ବା 'ଠିକ୍' ବୋଲି ରାୟ ନ ଦେଇ ସେ ନେଇ ଅଧିକ ଆଲୋଚନା ହେବା କଥା ।

'ଶବରୀ ସଂଦେଶ'ର ପ୍ରକାଶନକୁ ନେଇ ଲେଖକଙ୍କର ଓଡ଼ିଆ ପ୍ରତି ମୋହଭଂଗ ହୋଇଛି ସତ । ମାତ୍ର ଏହା ତାଙ୍କୁ ଓଡ଼ିଆ ସାହିତ୍ୟରୁ ପୁରାପୁରି ବିଚ୍ୟୁତ କରିନାହିଁ । ଏହାର ପ୍ରମାଣ ମିଳେ ତାଙ୍କର ୨୦୦୨ -୨୦୦୪ ମଧ୍ୟରେ ଲେଖିଥିବା, କୋଡୋଡି ଓଡ଼ିଆ ଗଦ୍ୟରୁ । ନିଜ ପିଲାଦିନର ସ୍ମୃତିରୁ ସେ 'ପ୍ରଥମ ଶ୍ରେଣୀ ଆଙ୍କା', 'ସୁନ୍ଦର ସାଏ ଓ ସାଇ ଦୁଏଲ', 'ଡ଼ାକୁଆ ବୁଢ଼ାର ସ୍କୁଲ୍', 'ପଇସା ନେଲେ ବିଦ୍ୟା କାଟୁ କରେ ନାହିଁ, ଆଦି ଶୀର୍ଷକରେ ଅନେକଗୁଡ଼ିଏ ଲେଖା ଲେଖିଛନ୍ତି, ସେଗୁଡ଼ିକ ଓଡ଼ିଆ ପତ୍ରିକା ସଂବାଦ ପୃଷ୍ଠାରେ ପ୍ରକାଶିତ । 'ସଂବାଦ' ରେ ପ୍ରକାଶିତ ହେବାର ଭରସା ମିଳିନଥିଲେ ବୋଧହୁଏ ସେହି ସ୍ମୃତିକୁ ସାଇତି ନଥାନ୍ତେ । ଅର୍ଥାତ୍ ଶ୍ରୋତା ମିଳିଲେ ଯେମିତି ଗୀତ କାବ୍ୟ ଲେଖି ହୋଇଯାଏ ଗଦ୍ୟ ପାଇଁ ଦରକାର ପଡ଼େ ପାଠକର । ପ୍ରକାଶନ ଦିଏ ପାଠକ ଗୋଷ୍ଠୀ । ୨୦୦୪ ଜୁନ୍ ୩୦ ତାରିଖରେ ଗୋଡ଼ ଭାଂଗି ଶଯ୍ୟାଶାୟୀ ହୋଇ ନଥିଲେ ନିଜର ଅଂଗେ ନିଭା ଆହୁରି ଅନେକ ଘଟଣାକୁ ସେ ଗଦ୍ୟର ରୂପ ଦେଇଥାନ୍ତେ ନିଶ୍ଚୟ । ଶଯ୍ୟାଶାୟୀ ହେଲା ପରେ ପରାଧୀନତା ତାଙ୍କ ଲେଖନୀକୁ ଯେମିତି ବଂଦ କରିଦେଲା । ଫଳରେ ତା ପରଠାରୁ ଲେଖାର ପରିମାଣ ହ୍ରାସ ପାଇଛି । ଲେଖିବା ପାଇଁ ଦୃଢ଼ ପ୍ରୟାସ କରନ୍ତି, ସକ୍ରିୟ ହେବା ପାଇଁ ଉଦ୍ୟମ କରନ୍ତି, ଖଟରେ ବସି ବସି ଅନେକ ଅସମାପ୍ତ ଲେଖାକୁ ସଂପୂର୍ଣ୍ଣ କରିବାର ଯୋଜନା କରନ୍ତି । ତାଙ୍କ ମନରେ ନିରାଶା ନାହିଁ । ତାଙ୍କର ଆଶା ପୁଣି ସେ ସୁସ୍ଥ ହେବେ,

ଲେଖିବା ପାଇଁ ବଂଚିବେ ଏବଂ ବଂଚିବା ପାଇଁ ଲେଖିବେ । ଏହି ଆଶାବାଦୀତା ତାଙ୍କର ସଂପତ୍ତି, ଅଜାଚିତ ଭାବରେ ସେ ପରପିଢ଼ିକୁ ମଧ୍ୟ ଏହି ସଂପତ୍ତି ଦିଅନ୍ତି ।

ସମ୍ବଲପୁରୀ ସାହିତ୍ୟକୁ ଯଦି ବିଚାର କରାଯାଏ ହେମଚନ୍ଦ୍ର ଆଚାର୍ଯ୍ୟ ଜଣେ ଆଗାଧାଡ଼ିର ଲେଖକ । ଉଭୟ ସମ୍ବଲପୁରୀ ଓ ଓଡ଼ିଆରେ ତାଙ୍କର ଲେଖାର ପରିମାଣ କମ୍ ନୁହେଁ - ନାଟକ କାବ୍ୟ, ପ୍ରବନ୍ଧ, ଅନୁବାଦ (ପ୍ରଭୁଦତ୍ତ ବ୍ରହ୍ମଚାରୀଙ୍କ ହିନ୍ଦୀ 'ଭଗବତ କଥା'ର ଦୁଇଖଣ୍ଡ ସେ ୧୯୭୨-୭୩ ମସିହାରେ ଓଡ଼ିଆରେ ଅନୁବାଦ କରିଛନ୍ତି । ବିଜେପୁରର ତୁଳସୀ ପ୍ରସାଦ ଗଉତିଆ ଓଡ଼ିଆ ଅନୁବାଦକୁ ପ୍ରକାଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପ୍ରକାଶନ ହୋଇପାରିଲା ନାହିଁ । ଫଳରେ ଦୁଇଖଣ୍ଡ ପରେ ଅନୁବାଦ ବି ଆଗକୁ ବଢ଼ି ପାରିଲା ନାହିଁ ।), ଗୀତ, ଭଜନ - ସବୁ ସାମିଲ୍ ଅଛି ସେ ଲେଖାରେ । ପୃଷ୍ଠା ଗଣିଲେ କେବଳ ତାହା କେତେ ହଜାରରୁ ଊଣା ନୁହେଁ । ତା'ସତ୍ତ୍ୱେ ଓଡ଼ିଆର ଜଣେ 'ଲେଖକ' ବୋଲାଇବା ପାଇଁ ଯାହା ସବୁ ଲୋଡ଼ା, ତାହା ତାଙ୍କ ପାଖରେ ନାହିଁ । ଏହି ପରିସ୍ଥିତିରେ ଓଡ଼ିଆ ସାହିତ୍ୟରେ ତାଙ୍କୁ ନେଇ ଆଲୋଚନାର କ'ଣ ଯଥାର୍ଥତା ରହିଛି - ତାହା ଇତିହାସ ବିଚାର କରିବ । ୧୯୬୬ ମସିହାରେ ମାତ୍ର ଚାଳିଶ ବର୍ଷ ବୟସରେ ସେ ଚାକିରିରୁ ଇସ୍ତଫା ଦେଲା ପରେ କୃଷି ତାଙ୍କର ଏକମାତ୍ର ବୃତ୍ତି । ଏମିତିରେ ଦେଖିଲେ କଲମ ସାଂଗରେ ଛିନ୍ନ ହେବାର ସେ ସମୟ । ଖାତାଟିଏ କିଣିବା, କଲମଟିଏ ରଖିବା ମଧ୍ୟ ଜଣେ କୃଷକ ପାଇଁ ଯେତେବେଳେ ବିଳାସିତା ସେତେବେଳେ ସେ ନିରବଚ୍ଛିନ୍ନ ଭାବେ ଲେଖିଛନ୍ତି । ପ୍ରକାଶିତ ହୋଇନାହିଁ । ସାହିତ୍ୟିକ ପରିବେଶ ମିଳିନି । ପଦ, ପଦବୀ ମିଳିନି । ସାହିତ୍ୟିକ ଗତିବଧି ସାଂଗରେ ପ୍ରତ୍ୟକ୍ଷ ସମ୍ବନ୍ଧ ନାହିଁ । ଅନ୍ୟପକ୍ଷରେ ଲେଖାପଢ଼ା ପାଇଁ ମଧ୍ୟ ସୁଯୋଗ ନାହିଁ । ପାଖରେ ଓଡ଼ିଆ ଅଭିଧାନଟିଏ ମଧ୍ୟ ନାହିଁ । କେଉଁ ଶବ୍ଦକୁ ନେଇ ସଂଶୟ ହେଲେ କାକା ପୁଅ ଭାଇ ଓ ସୋହେଲା ହାଇସ୍କୁଲରେ ଶିକ୍ଷକତା କରୁଥିବା ଗିରିଜା ଶଙ୍କରଙ୍କୁ ହାଇସ୍କୁଲ୍‌ରେ ଉପଲବ୍ଧ ଅଭିଧାନରୁ ଦେଖି କହିବା ପାଇଁ ଅନୁରୋଧ କରିବେ । ଦୁଇଦିନ ପରେ ଯାଇ ସଂଶୟ ଦୂର ହୁଏ । ଏହିସବୁ ପ୍ରତିକୂଳ ପରିସ୍ଥିତି ତାଙ୍କ ସୃଜନୀ ଆଗରେ ପ୍ରତିବନ୍ଧକ ସୃଷ୍ଟି କରି ନାହିଁ । ଏହା କମ୍ ବଡ଼ କଥା ନୁହେଁ । ବରଂ ସେହି ସ୍ଥିତି ତାଙ୍କୁ ନିରୋଳା ଭାବ ଦେଇଛି । ଅନ୍ୟ କିଏ କଣ ସମୀକ୍ଷା, ସମାଲୋଚନା କରିବ ସେଥିପ୍ରତି ଦୃଷ୍ଟି ନ ଦେଇ ନିରନ୍ତର ଲେଖିବା ପାଇଁ ଉତ୍ସାହିତ କରିଛି । ତାଙ୍କ ଆଗରେ ସଦାବେଳେ ଶ୍ରୋତା ରହିଛନ୍ତି ତାଙ୍କ ଅଭିବ୍ୟକ୍ତିକୁ ଶ୍ରୋତାମଣ୍ଡଳୀରେ

ପହଞ୍ଚାଇବା ସକାଶେ ଗ୍ରାମ୍ୟକଳାକାର ଅଛନ୍ତି । ତାଙ୍କ ପାଖରେ ଶ୍ରୋତାର ମନଖୋଲା ପ୍ରତିକ୍ରିୟା ମଧ୍ୟ କଳାକାରମାନଙ୍କ ମାଧ୍ୟମରେ ପହଞ୍ଚିଛି । ସେସବୁ ତାଙ୍କୁ ଆହୁରି ଆହୁରି ଲେଖିବା ପାଇଁ ଖୋରାକ ଯୋଗାଇଛି । ଏହି ଦୃଷ୍ଟିରୁ ପ୍ରତିକୂଳ ପରିସ୍ଥିତିର ଆଳରେ ଚୁପ୍ ନିସ୍ତେଜ୍ ପଡୁଥିବା ସମାଜ ଏବଂ ଆଗାମୀ ପିଢ଼ି ଆଗରେ କବି ହେମଚନ୍ଦ୍ର ସର୍ବଦା ପ୍ରଶଂସିତ ରହିବେ । ସ୍ୱାଧୀନତୋତର ଭାରତର କେତେକ ଅର୍ଗାନିକ ଇଣ୍ଟେଲ୍‌କ୍‌ଚ୍ୟୁଆଲ୍ ବା ସଶ୍ରମୀ ବୁଦ୍ଧିଜୀବୀ ବା ଶରୀରଶ୍ରମୀ ବୁଦ୍ଧିଜୀବୀର କଥନଶୈଳୀ, ଭାଷା, ଭାବ, ବିଷୟବସ୍ତୁ, ଶବ୍ଦଚୟନ ଆଦିକୁ ନେଇ କେବେ ଯଦି ବିସ୍ତାରରେ ବିଚାର ଆଲୋଚନା ହୁଏ ସେତେବେଳେ ସମ୍ବଲପୁରୀ ଓ ଓଡ଼ିଆରେ ୧୯୪୪ ମସିହାରୁ ଆଜି ପର୍ଯ୍ୟନ୍ତ ନିରନ୍ତର ଲେଖିଥିବା ଏହି କୃଷକଲେଖକ ହେମଚନ୍ଦ୍ର ଆଚାର୍ଯ୍ୟଙ୍କୁ ବାଦ୍ ଦିଆଯାଇପାରିବ ନାହିଁ । ଏହା ନିଶ୍ଚିତ କଥା । ସମ୍ବଲପୁରୀରେ ଓଡ଼ିଆ ଏବଂ ଓଡ଼ିଆରେ ସମ୍ବଲପୁରୀ ପେଟପାଟଣାର ସାଧାରଣ ବକ୍ତବ୍ୟ ଭିତରେ ଆଧ୍ୟାତ୍ମିକତା ଏବଂ ଆଧ୍ୟାତ୍ମିକତା ମଧ୍ୟରେ ପେଟପାଟଣାର କଥାକୁ ସଫଳ ଭାବେ ଫେଣ୍ଟିବାକୁ ସମାହିତ କରିବାକୁ ସେ ଜୀବନସାରା ପ୍ରୟାସ କରିଛନ୍ତି । କାରଣ ତାଙ୍କର ବିଶ୍ୱାସ ଯେ କେହି କାହାଠାରୁ ଅଲଗା ନୁହଁନ୍ତି । ସମସ୍ତେ ସେହି 'ଏକ'ରୁ ସୃଷ୍ଟ, ଅଲଗା ଅଲଗା ନୁହନ୍ତି । ତାଙ୍କୁ ରାମ କୁହ କି କୃଷ୍ଣ, କି ପରମାତ୍ମା, କି ଇଂରାଜିରେ the wholebeing ଏହି ସତ୍ୟକୁ ଅନ୍ତର ମନରେ ଅନୁଭବ କରିପାରିଥିବା ବ୍ୟକ୍ତିଟି ସେ ଚାଷୀ ହେଉ ବା ଋଷି, କବି ହେଉ ବା କୃଷକ, ଚାକର ହେଉ ବା ଚାକିରିଆ,କେବେ ନିରାଶ ହେବ ନାହିଁ। ସେ କେବେ ଭାଷା, ସଂପ୍ରଦାୟ, ଜାତି, ଧର୍ମର ବାହ୍ୟ ପ୍ରଭେଦକୁ ସ୍ୱୀକାର ଯିବ ନାହିଁ । ଏହା ନିଶ୍ଚିତ କଥା ସେ ବିଶ୍ୱ ଜାତିର ମଣିଷ । ତାର ସୃଜନୀ ବିଶ୍ୱ ସଂସ୍କୃତିର, ପ୍ରତିଫଳନ । ପୁରସ୍କାର ପଦବୀର ନିକିତିରେ ତାକୁ ମାପିବା ଠିକ୍ ହେବ ନାହିଁ ।

ହେମଚନ୍ଦ୍ର ଆଚାର୍ଯ୍ୟ ମୋର ବାପା । ଅତି ନିକଟ ସଂପର୍କୀୟଙ୍କ ସମ୍ବନ୍ଧରେ ଟିକ୍‌କା ଟିପଣୀ କଲାବେଳେ ସାଧାରଣତଃ ଯେଉଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ସେହି ଅସୁବିଧା ଏହି ଲେଖା ପ୍ରସ୍ତୁତ କଲାବେଳେ ମୋର ବି ହୋଇଛି । ତାଙ୍କର ସାହିତ୍ୟିକ ଦିଗକୁ ଆଲୋଚନା କଲାବେଳେ ବ୍ୟକ୍ତିଗତ ସମ୍ବନ୍ଧ ଯେ ତାକୁ ପ୍ରଭାବିତ କରିବ ଏହା ଅସ୍ୱୀକାର କରାଯାଇ ନପାରେ । ବାପ ପୁଅର ସମ୍ବନ୍ଧରେ ଯେଉଁ ନିବିଡ଼ତା, ସେଥିରେ ପରପିଢ଼ି ଭାବରେ ମୋର ତାଙ୍କର କେତେଗୁଡ଼ାଏ କାର୍ଯ୍ୟ ଓ ଆଚରଣକୁ ପସନ୍ଦ ନ ହେବା ଯେତିକି ସ୍ୱାଭାବିକ ଅନ୍ୟମାନଙ୍କ

ତୁଳନାରେ ତାଙ୍କ ପ୍ରତି ଅଧିକ ଭକ୍ତି ଓ ମୋହ ରହିବା, ତାଙ୍କ ପ୍ରସିଦ୍ଧି ପାଇଁ ପ୍ରୟାସ କରିବା ମଧ ସ୍ୱାଭାବିକ । ସେହି ଦୃଷ୍ଟିରୁ ଏହି ଆଲୋଚନାର ବସ୍ତୁନିଷ୍ଠା ପ୍ରତି ପାଠକମନରେ ସନ୍ଦେହ ରହିବା ଅତି ସାଧାରଣ କଥା । ଆଲୋଚନାର ଏହା ଏକ ଦୁର୍ବଳତା । ଅନ୍ୟ ଏକ ପକ୍ଷରେ କବି ହେମଚନ୍ଦ୍ର ଏବଂ ତାଙ୍କ ସାହିତ୍ୟକୁ ଅତି ପାଖରୁ ଦେଖିବାର ଅବସର ମିଳିଛି ମୋତେ । ଫଳରେ ତାଙ୍କ ସାହିତ୍ୟର ଆଲୋଚନା ମୋ ପାଇଁ ବିଶେଷ ପରିଶ୍ରମର କାମ ହୋଇନାହିଁ । ତାଙ୍କ ସାଙ୍ଗରେ ଏକଥା ମଧ ସତଯେ ହେମଚନ୍ଦ୍ରଙ୍କର ସମଗ୍ର ସାହିତ୍ୟ ମୁଁ ଅଧ୍ୟୟନ କରିଛି ବୋଲି ଦାବି କରି ପାରିବି ନାହିଁ । ପରିବାରର ଜଣେ ସଦସ୍ୟ ଏବଂ ସାହିତ୍ୟ ଆଗ୍ରହୀ ଭାବରେ ସର୍ଜନାଗୁଡ଼ିକର 'ଜନ୍ମ ଯନ୍ତ୍ରଣା' କୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇଛି । ତାଙ୍କର ଅନେକ ଲେଖା ସ୍ୱତଃ ମୋର ପାଠ୍ୟ ହୋଇଛି । ଜଣେ ଗବେଷକର ଦୃଷ୍ଟି ନେଇ ସମଗ୍ର ସାହିତ୍ୟକୁ ଅଧ୍ୟୟନ କରିପାରିଥିଲେ ଆଲୋଚନା ହୁଏତ ଅଧିକ ବସ୍ତୁନିଷ୍ଠ ହୋଇପାରିଥାନ୍ତା । ଆଲୋଚନାର ଏହା ଅନ୍ୟତମ ବଡ଼ ଦୁର୍ବଳତା । ତେଣୁ ହେମଚନ୍ଦ୍ରଙ୍କ ସାହିତ୍ୟ ସମ୍ବନ୍ଧରେ ମୋର ଏହି ବକ୍ତବ୍ୟକୁ ଏକ 'ପ୍ରାମାଣିକ' ଏବଂ 'ଅନ୍ତିମ' କଥନ ବୋଲି ଦାବି ନ କରି ସେ ଦିଗରେ ଏକ ମୋହାବିଷ୍ଟ ପ୍ରୟାସ ବୋଲି କହିବା ବୋଧେ ଉଚିତ୍ ହେବ ।

**ପ୍ରୀତୀଶ ଆଚାର୍ଯ୍ୟ**
**ଇତିହାସ ପ୍ରାଧ୍ୟାପକ**
**ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର-୨୨**

# ଗୀତିଗାଥା

# ଗୀତିଗାଥା ସଂପର୍କରେ କଥିତବ୍ୟ ଦୁଇପଦ

୧୯୭୨ ମାର୍ଚ୍ଚ ଶେଷରେ ବଡ଼ପୁଅ ସତୀଶ ନିରୁଦ୍ଦିଷ୍ଟ ହେଲା । ସେ ଆଘାତକୁ ସହନୀୟ କରିବାକୁ ଆଦ୍ୟପ୍ରାନ୍ତ 'ଶ'ର ନିୟମ ରଖି ଗୀତିଯୁଗୀୟ ଶୈଳୀରେ ଲେଖିଲି ଓଡ଼ିଆ କାବ୍ୟ 'ଶବରୀ ସନ୍ଦେଶ' । ତାପରେ ଅବସର ଦେଖି କିଛି ଲେଖୁଥିଲି । ସେ ସମୟରେ ଆମ ଅଞ୍ଚଳରେ ଜଣେ ବହୁ ଖ୍ୟାତିସଂମ୍ପନ୍ନ ସଂଗୀତର କଳାକାର ୰ ଗଜପତି ପଶାୟତ୍ (ଗଣ୍ଡିଆ ପାଲି) ମୋ ଠାରୁ ଗୀତ ଆଦି ଲେଖେଇ ନେଇ ବହୁସ୍ଥାନରେ ପରିବେଶଣ କରି ଯଶପ୍ରାପ୍ତି କରୁଥିବାର କହୁଥିଲେ । ତାଙ୍କ ଦେଖାଶୁଣାରେ ଅନ୍ୟାନ୍ୟ ସଂଗୀତର କଳାକାରମାନେ ମଧ୍ୟ ମୋଠାରୁ ତାଙ୍କର ଆବଶ୍ୟକତା ଅନୁଯାୟୀ କିଛି କିଛି ଲେଖାଇ ନେଉଥିଲେ । ସେ ସମୟର ସଂଗୀତର ବାହାକମାନେ ଏଣୁ ତେଣୁ ବିଷୟ ନେଇ ବା ବଙ୍ଗଳା ଭାଷାର କିଛି ରାଧାକୃଷ୍ଣ ପ୍ରେମ ସଂପର୍କ ନେଇ ଗୀତ, କାବ୍ୟ ଆଦି ପରିବେଷଣ କରୁଥିଲେ । ଏହା ଲୋକ ରୁଚିକୁ କମ୍ ସ୍ପର୍ଶ କରୁଥିଲା । ମୁଁ ମତ ଦେଲି ଯେ ଓଡ଼ିଆରେ କିଛି ପୌରାଣିକ ଗାଥା ନେଇ ଗୀତ ପରିବେଷଣ କଲେ ଲୋକରୁଚି ଅନୁକୂଳ ହଅନ୍ତା । ଏହାର ପରୀକ୍ଷା ସ୍ୱରୁପ କେତେକ ସ୍ଥଳରେ ପରିବେଷଣ କରି ବହୁ ପୁରସ୍କାର ଆଦି ପାଇବା କଥା କହି ସେ ଆଲୋଚିତ ଗୀତି ଗାଥାମାନ ଲେଖିବାକୁ ସନ୍ନିବନ୍ଧ ଅନୁରୋଧ କଲେ । ତାଙ୍କର ଭ୍ରାତସ୍ପୁତ ଯେତେବେଳେ ସଂଗୀତର କଳାରେ ପ୍ରବେଶ କଲେ ସେ ଆରମ୍ଭରୁ ମୋ ଜିମାରେ ତାଙ୍କୁ ବାସୁଦେବ ପଶାୟତଙ୍କୁ ଛାଡ଼ି ଦେଲେ । ଆରମ୍ଭରୁ ଲେଖିଲି 'ଶ୍ରବଣ କୁମାର' ଓ ତାର ସାଫଲ୍ୟ ଶୁଣିଲା ପରେ ତାଙ୍କର ଅନୁରୋଧରେ ଲେଖିଲି ଯଥାକ୍ରମେ 'ଅଭିଶପ୍ତ ପରି କ୍ଷିତ', 'ଶକ୍ତିବିଦ୍ଧ ରାମ' ଓ 'ବ୍ରହ୍ମା ବି ବ୍ରହ୍ମଙ୍କୁ ଚିହ୍ନି ପାରଲେ ନାହିଁ' । ଅନେକ ସ୍ଥାନରେ ବିଭିନ୍ନ କଳାକାରମାନଙ୍କ ଦ୍ୱାରା ଏହା ପରିବେଷଣ ଓ ପ୍ରଶଂସିତ ହୋଇଥିବାର ଶୁଣିଛି । ମୂଳଲେଖାମାନେ ଥିଲା ତ ତାକୁ ମିଶାଇ ଏକ ପୁସ୍ତିକାର ରୂପ ଦେବା ପାଇଁ ଅନେକ ବନ୍ଧୁ ଅନୁରୋଧ କରିବା ଫଳରେ ଆଜି ତାହା ପ୍ରକାଶ ଅପେକ୍ଷାରେ । ମଧ୍ୟଭାଗରେ ଅଶୀ ଦଶକର 'ପାଥେୟ ମୋ ଜୀବନ ଯାତ୍ରାରେ' ନାମରେ କେତୋଟି କବିତା ଲେଖିଥିଲି । ତାକୁ ମଧ୍ୟ ଏହି 'ଗୀତିଗାଥା'ରେ ସନ୍ନିବେଶିତ କରାଗଲା । ପାଠକ ସମାଜର ମତାମତ ଅପେକ୍ଷାରେ ରହିଛି ।

**୧୧.୫.୨୦୦୧, ଗର୍ଭଣା** **ହେମଚନ୍ଦ୍ର ଆଚାର୍ଯ୍ୟ**

# ଶ୍ରବଣ କୁମାର

## ପ୍ରଥମ ସର୍ଗ

(ରାଗ - ଘୋଷା)

ରାଜୀବ ଲୋଚନ ରାମ ନିତ୍ୟ ନୟନାଭିରାମ
ଦୟାକର ଅବିରାମ, ଜପେଁ ଶ୍ରୀରାମ ।
ଯୋଗୀମୁନି ଆତ୍ମାରାମ ଜପି ଜପି ସୀତାରାମ
ବଇକୁଣ୍ଠେ ଅବିରାମ ପାନ୍ତି ଆରାମ ।
ଭୃଗୁପତି ପରଶୁରାମ
ରୋଷତେଜି ତୋଷେ ଡ଼ାକିଲେ ଜୟରାମ ।। (୧)

ଯେହ୍ନୁକେବେ ଜନ୍ମାନ୍ତରେ ତବ ମୂରତି ଅନ୍ତରେ
ଥାପି, ଜପି ନିରନ୍ତରେ ନାମ ମନ୍ତରେ ।
ସେ ଭବସିନ୍ଧୁ ସନ୍ତରେ ନପଡ଼ି ମାୟା-ଯନ୍ତ୍ରରେ
ମିଶେ ସିନା ଅନନ୍ତରେ ଜୀବନାନ୍ତରେ ।
ଭାଗୀ ନୁହେଁ ସେ ସୁକୃତରେ,
କୃପାକର ନ ପଡ଼େଁ କୃତାନ୍ତ - କୁନ୍ତରେ ।। (୨)

ଧନୀ ପଛେ ନାହିଁ କର ନ କର ଜ୍ଞାନ ଆକାର
ଦିଅ ଯାହା ଦୁଃଖକର କରୁଣା କର ।
ମାତ୍ର ଏ ସୌଭାଗ୍ୟ କର ବସୁ ସଦା ମୋ ମୁଖର
ରାମନାମ ମଧୁକର ପ୍ରେମ ଆକର"
ମାଗେଁ ପ୍ରଭୁ ଏ କୃପା କର।
ତୁମ ନାମ ଗାଇ ଯାଉ ଦୁଃଖ ନିଜର । (୩)

■■■

## ଦ୍ୱିତୀୟ ସର୍ଗ

(ରାଗ-କାମୋଦୀ)

ଅଯୋଧ୍ୟା ରାଇଜେ ରାଜନ ଦଶରଥ ନୃପତି
କରନ୍ତି ପ୍ରଜା ପାଳନ ମଣି ନିଜ ସନ୍ତତି ॥ ୧
ଜ୍ଞାନେ ବୃହସ୍ପତି ସମାନ ବୀର ମଧ୍ୟେ ଅଗ୍ରଣୀ
ଭକ୍ତ ମଧ୍ୟେ ରାଜା ଦେଖାନ୍ତି ନିତି ନୂଆଁସରଣୀ ॥ ୨
ଅଇଶ୍ୱର୍ଯ୍ୟେ ହାରି ରହଇ ସୁନାସୀର ସଂପତ୍ତି
ତିନିପୁର ଯାକ ବିସ୍ତାରି ଅଛି ଯଶ କୀରତି ॥ ୩
ସବୁ ଥାଇ ରାଜା ଭାଳନ୍ତି କିଛି ନଥିଲା ପରି
ଦିନକର-କୁଳ, ମୋ ଠାରୁ ସତେ ଯିବ କି ସରି ? ॥ ୪
ରାଜସଭା ରାଜଉଦ୍ୟାନେ ରାଜ ଅନ୍ତଃପୁରରେ
ସବୁକଥା ମଧ୍ୟେ ଏ କଥା ପଡ଼େ ନିତି ଦିନରେ ॥ ୫
ରାଜା ମନ-ସିନ୍ଧୁ ମନ୍ଥିଲା ସଦା ସନ୍ତାନ-ଚିନ୍ତା
କାୟ ମନକୁ ସେ ହୋଇଲା କ୍ରମେ ପରୋକ୍ଷ ଚିତା ॥ ୬
ରାଣୀଙ୍କର ବ୍ରତ ଓପାସ, ନରପତି ଭକତି
ଆଣି ନପାରିଲା କୋଳକୁ ସିନା ଏକ ସନ୍ତତି ॥ ୭
ଭାବିଭାବି ରାଜା ରହନ୍ତି ସଦା ହୋଇ ଆକୁଳ
ନ ବୁଡ଼ି କିପରି ରହିବ ଏହି ତପନ-କୁଳ ॥ ୮

■ ■ ■

# ତୃତୀୟ ସର୍ଗ
## (ରାଗ -ରସକୁଲ୍ୟା)

ଜଳଚର ଦଳକୁ ହେଲା କାଳ
ପ୍ରବେଶ ହୋଇଛି ଗ୍ରୀଷମ କାଳ
ଯାମିନୀ ଯାଇ ନ ହେଉଁ ସକାଳ
ତପନ ତପତି ବ଼ଢ଼େ ତତ୍କାଳ ଯେ
ଡ଼ାକ ପଡ଼େ ଜଳଜଳ ଯେ
ଖରା ହୋଇ ଖରା ପକାଏ ଡ଼କରା ଜଳ ବିନା ଜଳଜଳ ଯେ ॥ ୧

ଦରକାର ଯାହା ନିତି ଦିନିଆଁ
ଜଳ ବିନା ଜନ୍ତୁ ହେଲେ ଛାନିଆଁ
ପରବତେ ପୁଣି ଲାଗିଲା ନିଆଁ
ବାଧରେ ତେଜିଲେ ବନ ଦୁନିଆଁ ଯେ
ଜୀବନର ଆଶେ ଆସେ ଯେ
ଦଳବାନ୍ଧି ଜୀବନର ଶୋଭାଯାତ୍ରା ଜଳାଧାର ପାଶେପାଶେ ଯେ ॥ ୨

ପତ୍ର ଅଳଙ୍କାର ଗଛୁଁ ଖସିଲା
ଛାଇ ହୋଇ କୃଶ ଗଛେ ମିଶିଲା
ଫେରି ପାଇ ଜାମ୍ବୁ ଶାଳ ହସିଲା
ଦୁଷ୍କାଳରେ କି ଧନୀ ଉଲ୍ଲସିଲା ଯେ
ବନବାସୀ ତେଜି ବନ ଯେ
କେହି ଗ୍ରାମେ ବିଲେ, କେହି ବା ପ୍ରାନ୍ତରେ କେ ଆଶ୍ରିଲା ଉପବନ ଯେ ॥ ୩

ତାପିଥିଲା ମନ ଚିନ୍ତା ଅସାଧ
ତାତିଗଲା ଏବେ ରାଜ ପ୍ରାସାଦ
ମାରିବାକୁ ରାଜା ମନ ବିଷାଦ
ଧରିନେଲେ ମନେ ବୃତ୍ତି ନିଷାଦ ଯେ
ରାଜାଗଲେ ମୃଗୟାକୁ ଯେ
ଚିତ୍ତ ଛାଡ଼ିଦେଲେ ଚିନ୍ତା-କାନନରେ ନେଲେ ବୁଲାଇ କାୟାକୁ ଯେ ॥ ୪

■ ■ ■

## ଚତୁର୍ଥ ସର୍ଗ

(ରାଗ- ବଙ୍ଗଳାଶ୍ରୀ )

ରାଜା ସୁଶାସନ ପ୍ରଜା ଆଚରଣ ରାଜ୍ୟରେ ସୁକାଳ ରଖେ
ବ୍ୟକ୍ତି ଦୁଃଖ ସୁଖ ବ୍ୟକ୍ତ ହୁଏ ସିନା ନିଜ ପ୍ରକୃତି ପରଖେ ॥ ୧
ଅଯୋଧ୍ୟା ଦେଶରେ ବିଧି ନିଦେଶରେ ବୁଲନ୍ତି ମୁନି ଦଂପତି
ପ୍ରାରବ୍ଧ ତସ୍କର ହରି ନେଇଥିଲା ତାଙ୍କର ନେତ୍ର ସଂପତ୍ତି ॥ ୨
ଶ୍ରବଣ-ସର୍ବସ୍ୱ ମୁନିଙ୍କର ପୁତ୍ର ଶ୍ରବଣ କୁମାର ନାମେ
ପିତା ମଣି ନିଜ ସୁଖ, ପିତାମାତା ସେବୁଥିଲା ଦିବା ଯାମେ ॥ ୩
ପାଖେ ପିତା ଆର ପାଖେ ମାତା ରଖି କାନ୍ଧରେ ବୋହିଛି ଭାର
ପୁତ୍ର ପାଇଁ ଅବା ପିତାମାତା ବିନା କି ଅଛି ଅନ୍ୟ ସଂଭାର ॥ ୪
ବିଷମ ଗ୍ରୀଷମ ଆଗମନ ଦେଖି ଖୋଜୁଥିଲା ଯୋଗ୍ୟ ସ୍ଥାନ
ଅଭୀଷ୍ଟପ୍ରଦ ଏ ଇଷ୍ଟ ଦେବତାଙ୍କୁ କରିବାକୁ ଅଧିଷ୍ଠାନ ॥ ୫
ଛାୟା ସୁଶୀତଳ ସୁନିର୍ମଳ ଜଳ ସୁଫଳା କାନନ ପାଇ
ଗଙ୍ଗାକୂଳେ ତରୁ -ମୂଳେ ଭାର ଥୋଇ ଫଳ ଆଣିଦେଲା ଯାଇ ॥
ଫେରିବାରୁ ପୁଅ ଜାଣିପାରି ଋଷି ବୋଇଲେ ରେ 'ବାବୁ', ଶୋଷ
ମାଆ ବୋଲେ, 'ପୁଅ ଆସି ନ ବସୁଣୁ ବରଗ' ଏ ଅବଶୋଷ
ଠିଆ ଠିଆ ମାଠିଆଟା ଧରି ପୁଅ ଗଲା ନଈ ଅଭିମୁଖେ
ଛାଇତଳେ ଋଷି ହାଇ ମାରିମାରି ହରିହରି ବୋଲେ ୮

# ପଞ୍ଚମ ସର୍ଗ

ଗତିରେ  ଯତି ସୁତ ନ କରି ହେଳା
ସ୍ରୋତସ୍ୱତୀ କୂଳରେ ପ୍ରବିଷ୍ଟ ହେଲା ଯେ
ଗଙ୍ଗା ଉଦକ, ସ୍ୱଭାବେ ସୁରାସୁର ସାଧୁ ମୋଦକ ଯେ ॥ ୧

ତାପେ ଆତୁର କେତେ ଜୀବ - ସମାଜ
ଆସିବା ଦେଖି ବୋଲେ 'ଶରୀର ମାଜ' ଯେ
ତୃଷା ନିବାର, ସଙ୍ଗେ ସଂସାର ତୃଷା ହେବ ଯିବାର ଯେ ॥ ୨

'ପିତ ଥିଲା ତପୀ ସନ୍ତାନ
କରୁଁ ମୁଖେ ଉଷ୍ଠାନ ଯେ
ନିଜ ଅନ୍ତର ବାଣୀ - ହୋଇଲା ଶ୍ରୁତ ଯେ ॥ ୩

ଷ୍ଣା ମୁଖରେ
'ଖରେ ? ଯେ
ୀଣ ଧିକ ତୋ ଚିତ୍ତ ଯେ ॥ ୪

ମୋ ବାପା-ମା ଥିବେ କି ପିପାସାରେ,
ଶବଦ ବାରୁଥିବେ ଜଳ ଆଶାରେ, ଯେ
ଏଠି ମୁଁ ହୀନ; କାଳ କାଟୁଛି ହୋଇ ଜ୍ଞାନ - ବିହୀନ ॥ ୬

ଜଳେ ଜଳପାତ୍ରକୁ ଦେଲା ବୁଡ଼ାଇ
ସେ ଶବଦ ଆଣିଲା କାହୁଁ ଉଡ଼ାଇ ଯେ
ଅଦେଖା ଶର, ବସିଲା ଯତିସୁତ ଛାତି ପାଶର ଯେ ॥ ୭

ପଶିଲା ଶର ଯାଇ ବକ୍ଷ ଭିତରେ
ହା ପିତା ମାତା ! ବୋଲି ପଡ଼ିଲା ତଳେ ଯେ
ଜଗତପତି ! କି ଯଶ ନେଲେ ନେଇ ଅନ୍ଧ ସଂପତ୍ତି ॥ ୮

■ ■ ■

## ଷଷ୍ଠ ସର୍ଗ

(ରାଗ -ବସନ୍ତ)

ରବି ଆସିଥାନ୍ତି ମୁଣ୍ଡ ଉପରକୁ ପ୍ରଚଣ୍ଡ ହୋଇଥାଏ ଖରା
ଭାବୀ ବଂଶଧର ନାହିଁ ଭାବି ରାଜା ଚିନ୍ତା କରିଥାନ୍ତି ପ୍ରଖର ।
କାୟାକୁ, ତରୁଛାୟା ତଳେ ପକାଇ
ମନ -ରାଇଜରେ ବୁଲୁଥାନ୍ତି ରାଜା ବାହ୍ୟଜ୍ଞାନକୁ ଅଟକାଇ ॥ ୧

କାନ ଥାଏ ଖାଲି ସଜାଗ ପ୍ରହରୀ କହିବ ଯା ହେବ ବାହାରେ
ଏ ସମୟେ ଜଳ ମଧ୍ୟେ ଶବ୍ଦ ଶୁଣି ଜଣାଇଲା ନର ନାହାରେ ।
ରାଜନ, ଗୁଣରୁ ଛାଡ଼ିଦେଲେ ତୀର,
ଶବ୍ଦଭେଦୀ ସେ ଶର ନିଶବଦେ ଭେଦେ ମୁନି ସୁତ ଛାତିର ॥ ୨

ହାତୀ ପିଉଥିଲା ପାଣି ବୋଲି ରାଜମନ କରିଥିଲା ପ୍ରତୀତ
ମଣିଷର ସ୍ୱର ଶୁଣି ରାଜେଶ୍ୱର କଲେ ନିଜ ମନ ବ୍ୟଥିତ ।
ନରେଶ, ମନରୁ ତୁଟିଲା ଆବେଶ,
ଶରଗତିରୁ ପ୍ରଗତି ରଚି ନରପତି କଲେ ତହିଁ ପ୍ରବେଶ ॥ ୩

ରାଜଶର ପରଶରେ ଶିହରିଲା ତାପସ କୁମାର ଶରୀର
ଆଗନ୍ତୁକ କି ଘାତକ ଅଟ ମୋର କର୍ଣ୍ଣଧାର ମୃତ୍ୟୁ -ତରୀର,
ମଣିଷ ମାଂସ କି ଅଟେ ସ୍ୱାଦୁକର ?
କେତେଦିନୁ ଏହି ରୁଚି ପୋଷିଅଛ, ପୂରିଲା ଆଜି ଧନୁକର ॥ ୪

ନଜାଣ କି ଏହି ରାଇଜେ ରାଜନ୍ତି ଦିବାକର-କୁଳ ରାଜନ
ରାଜା ଦଶରଥ ଜାଣିଲେ ତୁ ହେବୁ ଶ୍ୱାନ ଶୃଗାଳଙ୍କ ଭୋଜନ,
ଏ କଥା, ପ୍ରତିଶର ରାଜ-ବକ୍ଷରେ
ମୁହିଁ ସେହି ଦଶରଥ, ମୁନିସୁତ ! ଶର ପେଷିଛି ପରୋକ୍ଷରେ ॥ ୫

■ ■ ■

## ସପ୍ତମ ସର୍ଗ

ରାଜ ଦଶରଥ' ଜାଣି, ମନିସୁତ ନୀରବେ ନୟନୁ ନୀର ଝାରେ
ଯଦି ହେ ପାଳକ ! ହୋଇଲ ମାରକ ଗୁହାରି କରିବୁ କାହା ଠାରେ
ଆହେ ରାଜ୍ୟପାଳ ! ତୁମ୍ଭେ ପରା ରାଜ୍ୟେ ନୀତି ଚ୍ଚଳ ।
ତୁମ୍ଭେ ଅନୀତିରେ ଗଲେ କି ରୀତିରେ ଚ୍ଚଳିବ ଏ ରାଜ୍ୟ ସୁବିଶାଳ ॥ ୧

ମୋ ଦେହ - ଶିମୁଳିଫୁଲ କି ସଂଭାଳି ପାରିବ ତୁମ୍ଭରି ବଜ୍ରଶର
ଦେହ ଛାଡ଼ି ଜୀବ ଯେବେହେଲେ ଯିବ, ଆଜି ଗଲେ କି ଦୁଃଖ ମୋହର ?
ମୁହିଁ ତୁମ ପୁଅ ହୋଇଥିଲେ କି କରନ୍ତ କୁହ ?
ଏହି କଥା ଶୁଣି ରଘୁକୁଳ ମଣି ରଖି ନ ପାରିଲେ ଆଖି ଲୁହ ॥ ୨

କହନ୍ତି ରାଜନ ଆହେ ତପୋଧନ ! ଆସିଥିଲା ଦୁର୍ଯୋଗ ମୋହର
ମୁହିଁ ଦୁରାଚ୍ଚର ହାତୀ ଭ୍ରମେ ଶର ପେଷିଥିଲି ସେ ତ ଦୁର୍ନିବାର
ମୋତେ କ୍ଷମା କର, ବ୍ରାହ୍ମଣ ତୁମ୍ଭେ କ୍ଷମା ଆକର ।
ରାଜଚକ୍ରବର୍ତ୍ତୀ ଦଶରଥ ଅତି ଦୀନ ଭାବେ ମାଗେଁ ଯୋଡ଼ିକର ॥ ୩

ହାତୀ ଠାରେ ଜୀବ ନାହିଁ କି ରାଘବ ? ଏ କି ଅନୁଚିତ କଥା କହ
ସବୁ ବଡ଼ ସାନ ଶରୀରେ ସମାନ ଭାବେ ଥାନ୍ତି ବିଭୁ ଦୟାମୟ ।
ଯେହୁ ଦେଖିପାରେ, ସେ ହିଁ ଜ୍ଞାନୀ ପ୍ରେମୀ ଏକାଧାରେ
ଶ୍ରବଣକୁମାର ପାଦେ ବାରବାର ଛୁଉଁଥିଲେ ରାଜା ସ୍ୱମଥାରେ ।। ୪

ଏହିପରି ଜ୍ଞାନ ଉତ୍ସେ ମୁଁ ଅଜ୍ଞାନ ବୀଭତ୍ସେ ପୋତିଲି ଅବିବେକେ
ବିଷାଦ -ମତିରେ ନିଷାଦ ବୃତ୍ତିରେ ମୋଡ଼ିଦେଲି ଜ୍ଞାନ-ପକ୍ଷୀ ବେକେ
ଏ ମୋ ଜ୍ଞାନ-ଗୁରୁ, ଚିହ୍ନି ନ ପାରିଲି ଅଜ୍ଞାନରୁ
କେତେ ବଡ଼ ଜ୍ଞାନ ଫଳେ ଫଳବାନ ଦିଶିଲେ ହେଁ ସାନ ତନୁ-ତରୁ ।। ୫

■ ■ ■

# ଅଷ୍ଟମ ସର୍ଗ
## (ରାଗ- କଳହଂସ କେଦାର)

ଜଳପାତ୍ରକୁ ଧରି କରି ବିନୟ
କହନ୍ତି ରାଜା ଆହେ ତପୀ ତନୟ !
ପିପାସା ପୀଡୁଥିବ ଶରୀର ତବ
ଜଳ ପିଅ ହେଲାଣି ଯା ଭବିତବ୍ୟ ।। ୧

ହାତ ଠାରି ବାରିଲା ଋଷି କୁମର
ଜଳ ପିଇ ଦେହ କି ହେବ ଅମର ?
ଅଛନ୍ତି ପିତାମାତା ନୟନ ନାହିଁ
ମୋ ଫେରିବା ଅୟନେ ଥିବେ ଅନାଇଁ ।। ୨

ଦୟାକରି ରାଜନ ! ଏତିକି କର
ଶୋଷେ ଆକୁଳ ଥିବ ପ୍ରାଣ ତାଙ୍କର ;
ତୃଷା ତାଙ୍କରି ଆଗ ନିବାରି ଦିଅ
ପୂଜକ ମୁଁ ତାଙ୍କର ସେ ମୋର ଦିଅଁ ।। ୩

ପିଆଇ ଦେବ ଜଳ ମନ ମନାଇ
ମୋର ଏ ଦଶା ଆଗେ କହିବ ନାହିଁ ;
ମୋର ଦୁର୍ଗତି ଶୁଣି ତାଙ୍କରି ଗତି
ସରଗେ ହେବ ନିଶ୍ଚେ ହେ ମର୍ତ୍ତ୍ୟପତି ।। ୪

ସେବକ ଠାରେ ନାହିଁ ଏତେ ମମତା
ରଖିଛି କେବେ କାହିଁ କେଉଁ ଦେବତା ?
କିନ୍ତୁ ଶୁଖିଲା ମୋର ତପ-ସରିତ,
ମୋ ସେବା ଭାଗ୍ୟ ଏବେ ଗଲା ସରିତ ॥ ୫

ହାତୀ ନ ବଞ୍ଚିଥାନ୍ତା ଏ ଶର ଯୋଗେ
ବଞ୍ଚାଇବ କି ମୋର ପରି ଅଯୋଗ୍ୟେ ;
ଜୀବନ-ଦୀପୁ ତେଲ ଯାଉଛି ସରି
ଏ ଦେହୁ ଦେହୀ ଯାଉଛି ଅପସରି ॥ ୬

କହନ୍ତି ପୀଡୁଥିବ ଶର ଉତ୍କଟ
ହାତ ପ୍ରସାରି ରାଜା ବକ୍ଷ ନିକଟ
କାଢ଼ିଲେ ତପୀସୁତ ତନୁରୁ ଶର
କାଢ଼ିଲେ ଦେହ - ଦୁଧ ପାତ୍ରୁଁ କି ସର !
ପ୍ରାଣ ସହିତ ଶର ହେଲା ବାହାର
କହଇ ଋଷି-ସୁତ କରି ଜୁହାର,
ହେ ପିତାମାତା ତୁମେ ହେବ କାହାର ?
ମୋ ସଂଗେ ତୁମରି କି ହେଲା ସଂହାର ॥ ୮

ତୁମରି ବିନା ଜାଣେ ନି ଅନ୍ୟ ଦେବ
ବିନତି ଖାଲି, ମୋତେ ଏତିକି ଦେବ

ସନ୍ତାନ କରିଦେବ ଅନ୍ୟ ଜନମେ
ଏହି ମାଗୁଣି ନେଇ ଚରଣେ ନମେ ।। ୯

ଏତିକି କହି, ଆଉ କହିବ କିଛି
କହିବା ବାସନା ତା ବାକି ରଖିଛି ;
ଥରୁଛି ଓଠ କିନ୍ତୁ ଦେହ ନିଥର
ପ୍ରାଣ ପଳାଉଁ ଦେହ ହେଲା ଶୀତଳ ।। ୧୦

■ ■ ■

# ନବମ ସର୍ଗ

(ରାଗ - ଶଙ୍କରାଭରଣ )

ଶରାହତ ଶରୀରରେ ରଖି ନିଜ ହାତ
କରୁଣ ସ୍ୱରେ କହନ୍ତି ରଘୁକୁଳ - ନାଥ ଯେ
ଉଠ ଉଠ ଜ୍ଞାନ ଗୁରୁ !
ପ୍ରାଣ ତେଜି ମୋ ପାତକ କରନାହିଁ ଗୁରୁ ଯେ ।। ୧

ଅକମ୍ପ ଶରୀର, ଆଉ ଅନୁକଂପା ନାହିଁ
ତୁମେ ଗଲ, ମୁହିଁ ଯିବି, (ଏ) କଥା ଯିବି କାହିଁ ? ଯେ
ଏହା କାଳେ କାଳେ ଥିବ,
କାଳହୋଇ ରବିକୁଳ କୀରତି ମନ୍ଥିବ ଯେ ।। ୨

ତୁମ ପିତାମାତା ଥିବେ ତୁମ ପଥ ଚାହିଁ
କେଉଁ ମୁହେଁ ତାଙ୍କ ଆଗେ ଠିଆ ହେବି ଯାଇ ଯେ
ସେ ତ ତୁମ ନାମ ଧରି, ଡ଼ାକୁଥିବେ କି ଉତ୍ତର ଦେବି କେଉଁପରି ଯେ ।। ୩

କହୁଁ କହୁଁ ପ୍ରାଣ-ହୀନ ତରୁଲତା ନେଇ
ନିଜସ୍ଥଳେ ନିର୍ବିକାରେ ଦେଲେ ସେ ପକେଇ ଯେ
ଜଳପାତ୍ର ହାତେ ଧରି,
ଗଲେ ମୁନି ସୁତ ପାଦ-ଚିହ୍ନ ଅନୁସରି ଯେ ।। ୪

ପୁତ୍ରର ବିଳମ୍ବ ଦେଖି ଅଣ୍ଡାଳି ଅଣ୍ଡାଳି
ଆସୁଥିଲେ ମୁନି, ପୁତ୍ର କଥା ଭାଳି ଭାଳି ଯେ
ରାଜା ପଦଧ୍ୱନି ବା'ରି,
କହନ୍ତି, ବାବୁରେ ! ପାଖେ ନ ମିଳେ କି ବାରି ଯେ ।। ୫

ଦିଅ ବାବୁ ! ଜଳ ବୋଲି ଆବୋରୁଁ ରାଜନେ
ଚମକି କହନ୍ତି ତୁମେ କିଏ ଅନ୍ୟ ଜଣେ ଯେ
ମୋର ଗଳାମାଳି କାହିଁ ?
ସେ କି କେଉଁ କାମେ ଗଲା, ତୁମକୁ ପଠାଇ ଯେ ।। ୬

ରାଜନ କହନ୍ତି ଋଷି ! ତୁମରି ତନୟ
ଅଲକ୍ଷ୍ୟ ଶରରେ ମୋର ଲଭିଲେ ବିଲୟ ଯେ
ଏହା ଶୁଣି ଅନ୍ଧ ମୁନି
ଭୂତଳେ ପଡ଼ିଲେ ଆଉ ନ ପାରିଲେ ଶୁଣି ଯେ ।। ୭

# ଦଶମ ସର୍ଗ

## (ରାଗ -ରସକୁଲ୍ୟା)

ଥିଲେ ଅଦୂରେ ମୁନି ରମଣୀ
ପୁଅ ଆସିଗଲା ବୋଲି ମଣି,
ଯାଉଁ ଯାଉଁ କର୍ଣ୍ଣେ ରାଜନ ବଚନ ପଡ଼ି ପାଲଟିଗଲା କି ଫଣୀ ଯେ ।। ୧

ରାଜା ମୁଖୁଁ ପୁତ୍ର ହତ ବାକ୍ୟ
ଶୁଣି ହେଲେ ମାଆ ହତବାକ
ଦେହ ଛାଡ଼ି ଆତ୍ମା ଇହଧାମ ଠାରୁ ଖୋଜି ବୁଲେ ସରଗଯାକ ଯେ ।। ୨

ପାଶେ ପଡ଼ିବା ଶବଦ ବା'ରି
ମୁନି ନିଜକୁ ନେଲେ ଘୋଷାରି
ପ୍ରାଣହୀନ ଦେହ ପରଶି କହନ୍ତି ତୁମେ ବଡ଼ ଭାଗ୍ୟବତୀ ନାରୀ ଗୋ ପ୍ରେୟସୀ ।।୩

ପୁତ୍ରହତ ସଂବାଦେ ନିହତ
ପୁତ୍ରବତୀ ନିମିତ୍ତ ନିୟତ
ମୁହିଁ ହତଭାଗା ଜୀବିତ ଥାଇ ବା ପୁତ୍ରଶୋକରେ ହେବି ନିହତ ଗୋ ପ୍ରେୟସୀ ।।୪
ରାଜା ଦେଖନ୍ତି ସ୍ୱପନ ସରି
ଜଡ଼ୀଭୂତ ସେ ପିତୁଳା ପରି
ଜ୍ଞାନ ପାଉଁ ରାଜା ପ୍ରାଣହୀନ ଦେହ କାନ୍ଧୁଁ ଓହ୍ଲାଇଲେ ଥରିଥରି ସେ ରାଜନ ।।୫

ମୁନି ଚରଣେ ଲଗାଇ ଶିର
କହନ୍ତି ସେ ମର୍ତ୍ତ୍ୟ - ସୁନାସୀର
ଅଜାଣତେ ମୁନି ! ହାତୀ ଭ୍ରମେ ମୁହିଁ ଶର ଲକ୍ଷ୍ୟ ଛାଡ଼ିଥିଲି ତୀର ହେ ତାପସ ॥ ୬

ଅନ୍ଧ ନୟନୁ ପୋଛିଣ ନୀର
ମୁନି କହନ୍ତି କରୁଣ ଗୀର
ହତ୍ୟାକାରୀ ତୁମେ ଏକ ମାରିନାହଁ ଆଜି କାଟିଛ ତିନୋଟି ଶିର ହେ ଘାତକ ॥୭

ରାଜା କହନ୍ତି ମୁଁ ଅପରାଧୀ
ତୁମ୍ଭ ଚରଣେ ନିତି ଆରାଧି
ଯାପିବି ଜୀବନ ଦୋଷ ମୋର କ୍ଷମ ତୁମେ ସ୍ୱଭାବେ କ୍ଷମାବାରିଧି ହେ ମୁନୀଶ ॥ ୮

ମୁନି କହନ୍ତି ମୋ ପୁଅ ମଲା
ମାଆ ତାର ସାଥେ ସାଥେ ଗଲା
ତାଙ୍କ ପଛେ ପଛେ ମୁହିଁ ଯିବି ଚାଲି ବିଧି ଯାହା କରିବାର କଲା ହେ ଘାତକ ॥ ୯

ପୁଅ ମରିଛି ତୁମରି କରେ
ଆମେ ମରୁଛୁଁ ପୁତ୍ର ଶୋକରେ
ପୁତ୍ରଶୋକେ ମୃତ୍ୟୁ ହେବ ପ୍ରାୟଶ୍ଚିତ ଉଚିତ ସିନା ଏ ପାତକରେ ହେ ଘାତକ ॥ ୧୦

■ ■ ■

# ଏକାଦଶ ସର୍ଗ
## (ରାଗ-ରାମକେରୀ)

ଶେଷ ନ ହେଉଣୁ ବଚନ, ମୁନି ଶେଷ ନିଶ୍ୱାସ
ତେଜିବେ ବୋଲି କି ରାଜନ ମନେ ଥିଲା ବିଶ୍ୱାସ ॥ ୧

ଏତେ ବଡ଼ କଥା ସମାପ୍ତ ହେଲା ଏତେ ଅଳପେ
ଜାଣିଣ ରାଜନ ମାନସ ନୀରବରେ ବିଳପେ ॥ ୨

ପରିଚୟ ବି ତ ପାଇବା ପାଇଁ କିଛି ଆଗ୍ରହ
ନଥିଲା, ବିରାଗ ବଦଳେ ଥିଲାଟି ଅନୁଗ୍ରହ ॥ ୩

ପୁତ୍ର ବଦଳରେ ବିଶାଳ ଏହି ଅଯୋଧ୍ୟା ଦେଶ
ପାଦେ ଅର୍ପିଥାନ୍ତି ଯଦି ବା କରିଥାନ୍ତେ ଆଦେଶ ॥ ୪

ମାଗିଥାନ୍ତି ଦୋଷ ବିସ୍ତାରେ କହି ସକଳ କଥା
ଶାନ୍ତ ହୋଇଥାନ୍ତା ମୋହର ଶ୍ରାନ୍ତ ଅନ୍ତର ବ୍ୟଥା ॥ ୫

ପଢ଼ିଥିଲି ଶାସ୍ତ୍ର ପୁରାଣେ ସତ୍‌ସଂଗ ମହିମା
ସେ ନେଇ ମଡ଼ାଏ ମାନବେ ପରମ ଧାମ-ସୀମା ॥ ୬

ନିମିଷେ ଲଭିଲି ସତ୍ସଙ୍ଗ ଆଚରି ଅପକାର
କ୍ରୋଧ ବଶେ ବି ତ କଲେ ସେ ମୋହରି ଉପକାର ॥ ୭

ପୁତ୍ରଗତ ପ୍ରାଣ ତପୀଶ ମୋ ପରି ପୁତ୍ରହୀନେ
କହିଛନ୍ତି ପୁତ୍ର ବିରହ ହେବ ଅନ୍ତିମ ଦିନେ ।। ୮

ପୁତ୍ରଶୋକେ ପଛେ ମରିବି ହେଉ ପୁତ୍ର ମୋହର
ଅନପତ୍ୟ ଦୋଷ ନ ରହୁ ଏହି ରବି-କୁଳର ।। ୯

କହୁଥାନ୍ତି ରାଜା ଯୋଡ଼ିଣ ନିଜ କର ଯୁଗଳ
ଧନ୍ୟ ତୁମ୍ଭେ ଋଷି ଦଂପତି ଧନ୍ୟ ତୁମ୍ଭ କୁମର ।। ୧୦

■ ■ ■

# ଅଭିଶପ୍ତ ପରୀକ୍ଷିତ

## ପ୍ରଥମସର୍ଗ

( ରାଗ -ରେଖି )

ଗୁରୁ ଗୋଲକବିହାରୀ ଗୋବିନ୍ଦ କୃଷ୍ଣ ମୁରାରି
ଗୋପୀଜନ ମନୋହାରୀ ଗୋକୁଳଚାରୀ ;
ଗିରି ଗୋବର୍ଦ୍ଧନଧାରୀ ଗୋ ବ୍ରାହ୍ମଣ ହିତକାରୀ
ଗୋପବାଳା ବାସହାରୀ ଗୋଷ୍ଠବିହାରୀ ;
ଗୋତ୍ରଜନ ବିନାଶକାରୀ, ଗୋପୀନାଥ ଜଗନ୍ନାଥ ମନ୍ଦରଧାରୀ ॥ ୧

ଗାଣ୍ଡୀବଧାରୀ କି ଧରି, ଗର୍ବୀ କୌରବ ସଂହାରି
ଗଭୀର ତତ୍ତ୍ୱ -ପ୍ରସାରୀ ଗୀତା ପ୍ରଚାରି;
ଗର୍ଭିଣୀ 'ଉତ୍ତରା' ନାରୀ ଗୁରୁସୁତ ଶରେ ଡ଼ରି
ପାଆନ୍ତେ ତୋ ନାମ ଧରି ତାକୁ ଉଦ୍ଧରି;
ଗରଭ ସୁତ ରକ୍ଷା କରି, ଗୁଣୀଗଣେ ଗଣା ପରୀକ୍ଷ ଦଣ୍ଡଧାରୀ ॥ ୨

ଗରିବ କରିଲେ କର, ଗରବ ମୋ ଅପହର
ଗାଇ ଯାଉ ମୋ ବାସର ଗୌରବ ତୋର ;
ଗୋବିନ୍ଦ ଯେ ଦୟାକର ମଣେ ସଂସାର ଅସାର
ଗୁଣି ତୋ ଗୁଣ ଅପାର ଗୋପ ସୁନ୍ଦର;
ଗଢ଼ି ଦିଅ ଜଗଦୀଶ୍ୱର, ଗରାସ ନ କରୁ ମୋରେ ବିଷୟା-ଗର ॥ ୩

■ ■ ■

# ଦ୍ୱିତୀୟ ସର୍ଗ
## (ରାଗ-ବଙ୍ଗଳାଶ୍ରୀ)

ମାନବର ଲୀଳା ସରିଆସିଥିଲା କୃଷ୍ଣ ଗଲେ ନିଜ ପୁରେ,
ଧରାଧର ଧରା ବିହୁନେ ଏ ଧରା ଆକାଶ ସାଗର ଝୁରେ ।। ୧

ଅସ୍ଥିର ବିଶେଷ ହସ୍ତୀନା ନରେଶ ଯୁଧିଷ୍ଠିର ନରପତି
ଅନୁଜ ସହିତେ ଭାଳି ଅନୁବ୍ରତେ ସହନ୍ତି ଶୋକ ତପତି ।। ୨

ବାସୁଦେବ ବିନା ବସୁନ୍ଧରା କ୍ଷୀଣା ଆଶୁ ତେଜିବାର କଥା
ପ୍ରଚରିତ ହେଉଁ ପ୍ରସାରିତ ହେଲା ଜନମାନସରେ ବ୍ୟଥା ।। ୩

ଦ୍ୱାରିକାଧିପତି ଦୂର ହେଲେ ଦିନୁ ସଂଗତି ନାହିଁ ସଂସାରେ
କେ କହେ ପାଣ୍ଡବେ ନ ରହିଲେ ଭବେ ଆଉ କେ ବା ରହିପାରେ ? ।। ୪

ଅଭିମନ୍ୟୁ ସୁତ ଅଭୀ ତ ଅମିତ ବଳଶାଳୀ ପରୀକ୍ଷିତ
ରାଜ ଅଭିପ୍ରାୟେ ଅଭିନବ ବୟେ ରାଜ୍ୟେ ହେଲେ ଅଭିଷିକ୍ତ ।। ୫

ପାଞ୍ଚଭାଇ ମେଳେ ପାଞ୍ଚାଳୀ ଚଳିଲେ ପାଞ୍ଚୁ ସ୍ୱର୍ଗ ଆରୋହଣ
ପାଣ୍ଡବ ବିଦାୟେ ନିତାନ୍ତ ନିର୍ଦ୍ଦୟ ଜନେ ବି କଲେ କ୍ରନ୍ଦନ ।। ୬

■ ■ ■

# ତୃତୀୟ ସର୍ଗ

ଧର୍ମରାଜା ବସିଥିଲେ ଯେଉଁ ସିଂହାସନ
ସେଥିରେ ଆସୀନ ଆଜି ପରୀକ୍ଷ ରାଜନ ॥ ୧

ସୁକୋମଳ ମନ ଆଉ ତନୁ ସୁକୁମାର
ତା ଉପରେ ସୁବିଶାଳ ଭାରତର ଭାର ॥ ୨

ପିତାମହମାନେ ଗଲେ ସରଗ ରାଇଜେ
ଏ ରାଇଜ ସରଗ କରିବେ ଆଗେ ନିଜେ ॥ ୩

ପରଜା ପାଇବେ ପରା ସୁଖ ସରଗର
ସେଥିପାଇଁ ବୁଡ଼ନ୍ତି ସେ ଭାବନା- ସାଗର ॥ ୪

ଭାବ-ରାଇଜରେ ରାଜା ହେଲେ ବାଟବଣା
ନେତ୍ରପଥେ ପଡ଼ୁଁ ଏକ ଅପୂର୍ବ ଘଟଣା ॥ ୫

ଦେଖିଲେ ବୃଷଭ ଏକ ଅଛି ତିନି ପାଦ
ଲୌହମୂଷଳ ପ୍ରହାରେ ଗଣୁଛି ପ୍ରମାଦ ॥ ୬

ଧରମ ରାଜନ ରାଜ୍ୟ ତେଜିଛନ୍ତି କାଲି
ଆଜି ପରବେଶ କରେ ଅଧରମୀ କଳି ॥ ୭

ରାଜବେଶ ନେଇ ଶୁଦ୍ର ପ୍ରହାର କରଇ
ଏ ଅନ୍ୟାୟ ରାଜା ଅବା ପାରନ୍ତେ କି ସହି ? ॥ ୮

ପଶ୍ଚରୁ ଜାଣିଲେ ଏହା କଳି ଆଗମନ
ନିଗ୍ରହ ଭୟରେ କଳି ହେଲା ବିବିଷନ୍ନ ॥ ୯

■ ■ ■

# ଚତୁର୍ଥ ସର୍ଗ
## (ରାଗ - ରାମକେରୀ )

କଳି ହେଲା କେତେ ବିକଳ କିଏ ପାରିବ କଳି
ତରୁଣ ରାଜନେ କରଇ କେତେ କରୁଣ ଅଳି ॥ ୧

ଆସିଥିଲି ସିନା ରାଜନ ! ମାନି ବିଧି ନିର୍ଦ୍ଦେଶ
ସୁସ୍ଥିରେ ଯାପିବି ଦିବସ ରହି ହସ୍ତିନା ଦେଶ ॥ ୨

ଆଶା ନେଇ ରାଜା ଆସିଛି ଆଶ୍ରା ପାଇବି ବୋଲି
କରୁଣା ନ କରି ମରଣ - ମୁଖ ଦେଉଛ ଖୋଲି ॥ ୩

ଦୟାଳୁ ଭରତ କୁଳଜ ମୋତେ ନୁହଁ ନିର୍ଦ୍ଦୟ
ରହିବାକୁ ସ୍ଥାନ ଅଳପ ଦିଅ ଘେନି ବିନୟ ॥ ୪

ଛଳି ଅନୁରୋଧ କରିବା ସିନା କଳି ସ୍ୱଭାବ
ପରୀକ୍ଷ ଉପରେ ପଡ଼ିଲା ବିପରୀତ ପ୍ରଭାବ ॥ ୫

ଗୋଟି ଗୋଟି କରି ପାଇଲା କଳି ତିନୋଟି ସ୍ଥାନ
ସୁରା ଆଉ ଦ୍ୟୁତ ଆସର ସାଥେ ବେଶ୍ୟା ଆସ୍ଥାନ ॥ ୬

ଭଲ ସ୍ଥାନଟିଏ ପାଇବା ପାଇଁ କରୁଁ ବିନତି
ସୁନା ଦେଇ ଚୂନା କରିଲେ ରାଜା ବୁଦ୍ଧି - ସଂପତ୍ତି ॥ ୭

■ ■ ■

# ପଞ୍ଚମ ସର୍ଗ

## (ରାଗ- ବସନ୍ତ)

ପାଣ୍ଡବ ପ୍ରୟାଣ -ଦିବସେ ବସୁଧା ଥିଲା ବିଶେଷରେ ବିବଶା,
ଅଳୀକତା ଭରା କଳି ପରବେଶୁ ଲଭିଲା ଦୁର୍ଦ୍ଦମ ଦୁର୍ଦ୍ଦଶା;
ଗ୍ରୀଷମ, ତାପ ଜଣାପଡ଼େ ବିଷମ ;
ରୁଚି ପ୍ରତିକୂଳ ହୋଇ ଋତୁକୁଳ ମନ୍ଥିଲେ ମାନବ ମରମ ।। ୧

ଉତୁରାଇ ତରୁ ପତର ତନୁରୁ ହୋଇଗଲେ ଛାୟା କୃପଣ
ନୀରବ ରହିଲେ ନୀରବାହୀ ଝରେ ହୋଇ ଗ୍ରୀଷ୍ମ ତାପ ପ୍ରବଣ;
ବନାନୀ, ବନାଗ୍ନିରେ ଲଭେ ବିନାଶ
ବନବାସୀ ଦଳ ଆବାସ ଆଶାରେ ବୁଲୁଥିଲେ ହୋଇ ବିବାସ ।। ୨

ଜଳହୀନ ସ୍ଥଳେ ମରୀଚିକା ଜଳେ ଦେଖାଇ ଜଳ-ଇନ୍ଦ୍ରଜାଲ,
ଜଳାକୁଳ ଜୀବ କୁଳ, ଦଳ ଦଳ ପହଞ୍ଚି ନ ପାଆନ୍ତି ଜଳ ।
କଳିରେ ସୁଖ ଭଳି ଯାହା ଦିଶିବ ,
ସୁଖ ନୁହେଁ ତାହା ସୁଖର ଛଳନା ପାଶେ ଗଲେ ଶୂନ୍ୟେ ମିଶିବ ।। ୩

ପରୀକ୍ଷା ନୃପତି ମନର ତପତି ଦୂର କରିବାର ଆଶାରେ
ହୋଇଲେ ବାହାର କାନନ ବିହାରେ, କାନ ନ ଦେଇ କା ଭାଷାରେ;
ଶିରରେ, ଭୂଷଣ କାନକୀ କିରୀଟ
ମାନସ ଯା ଥିଲା ମାନ-ସରୋବର ଘାରେ ତାରେ ଚିନ୍ତା ବିକଟ ।। ୪

■ ■ ■

# ଷଷ୍ଠ ସର୍ଗ

(ରାଗ -ବଙ୍ଗଳାଶ୍ରୀ)

ଖରା ବଢୁଥିଲା ଯେତେ ଧରାପତି ସେତେ ବୁଲୁଥିଲେ ବନ;
ମୃଗୟାକୁ ଆସି ମୃଗ ନ ପାଇଣ ବିଚଳିତ ଥିଲା ମନ ॥ ୧

ତାତିଲା ପାଷାଣ ତାତିଲା ପବନ ରାଜମନ ଥିଲା ତାତି
ଝାଳ-ଝରଣାର ରାଜାଦେହ ସାରା ଅବାରିତ ଥିଲା ଗତି ॥ ୨

ମନର ପିପାସା ଜିଣି ଦେହ-ତୃଷା ବଢୁଥିଲା ଧୀରେ ଧୀରେ
ପାଣି କାହିଁ ବୋଲି ଧନୁଷ୍ପାଣି ରାଜା ଚାହୁଁଥିଲେ ଦୂରେ ଦୂରେ ॥ ୩

ଜଳାଧାର କାହିଁ ନ ପାଇ ରାଜନ ଜନବାସର ସନ୍ଧାନେ
ଯାଉଁ ଯାଉଁ ଏବେ ପହଞ୍ଚିଗଲେଣି ମୁନି କୁଟୀ ସନ୍ନିଧାନେ ॥ ୪

ବନ ଉପାନ୍ତରେ ପ୍ରଶାନ୍ତ ଆଶ୍ରମ ଶମୀ ମୁନୀଶ କୁଟୀର
ନିର୍ଜନ ବନରେ ଜନବାସ ଦେଖୁ ରାଜମନ ହେଲା ସ୍ଥିର ॥ ୫

ଆକୁଳରେ ଅତି ବୋଲେ ନରପତି କିଏ ଅଛ ଦିଅ ଜଳ
ହସ୍ତିନା ରାଜନ ପ୍ରାଣ ରକ୍ଷାକର ପିପାସାରେ କଲବଲ ॥ ୬

ଆତ୍ମା ପରମାତ୍ମା ମିଶାଇ ସେକାଳେ ଆନନ୍ଦ ରାଜ୍ୟେ ଶମୀକ
ବୁଲୁଥିଲେ କାହିଁ ଶୁଣି ନ ପାରିଲେ ପ୍ରାର୍ଥନା ହେଲା ଅଳୀକ ॥ ୭

■ ■ ■

# ସପ୍ତମ ସର୍ଗ
## (ରାଗ -କଳହଂସ କେଦାର)

ତୃଷା ତାପିତ ଯେତେ ଥିଲେ ରାଜନ
ସେତେ ନୀରବ ଥିଲା ମୁନି ଆଶ୍ରମ ॥ ୧

ଦେଖିଲେ ମୁନି ଏକ ମୁଦି ନୟନ
ବସି ନ ଶୁଣେ କିପାଁ ମୋ ନିବେଦନ ॥ ୨

ମୁନି ସେ କାଳେ ଥିଲେ ଯେ ଦେଶେ ଯାଇ
ଏ ନିବେଦନ ଅବା ପଶିବ କାହିଁ ଯେ ॥ ୩

ସେ କୁଟୀ ଅଧିବାସୀ ନିଶ୍ଚଳ ଦେଖି
ଜଳର ଆଶା ରାଜା ଥିଲେ ଉପେକ୍ଷି ॥ ୪

ତୃଷାରେ ଏକେ ରାଜା ଥିଲେ ବିଷର୍ଣ୍ଣ
ସୁନା ମୁକୁଟେ କଳି ପାତେ ଆସନ ॥ ୫

ତପସ୍ୱୀ ହୋଇ ହାୟ ! ଏ କି ଛଳନା
କି ତପ ବୁଝେ - ନା ଯା ତୃଷା ବେଦନା ଯେ ॥ ୬
ଏମନ୍ତ ମୁନି ରହିବା ନ ରହିବାରେ
କି କ୍ଷତି ଅଛି ଦୁନିଆଁ-ଦରବାରେ ॥ ୭

କାଠ ପାଷାଣ ଅଟେ ଏ ମୁନି ଦେହ
ମୂକ ଅବା ତପସ୍ୱୀ ହୁଏ ସନ୍ଦେହ ଯେ ॥ ୮

ଭାବି ଏପରି ମୃତ ଭରଗ ଧରି
ଧନୁ ହୁଳେ ଥୋଇଲା ଶରୀରୋପରି ॥ ୯

ମୁନି ଗଳାରେ ନେଇ ଦେଲେ ଲମ୍ବାଇ
ଆଶ୍ରମ ତେଜି ରାଜା ଗଲେ ପଳାଇ ॥ ୧୦

କିଛି ସମୟ ପରେ ଫେରୁଁ ସେ ପଥେ
କି କଲି ବୋଲି ଘାରି ହେଲେ ନିରତେ ॥ ୧୧

■ ■ ■

# ଅଷ୍ଟମ ସର୍ଗ

ଶମୀକ ତନୟ ଶୃଙ୍ଗୀ ନଥିଲା ଆଶ୍ରମେ
ଖେଳୁଥିଲା ମୁନି ସୁତ ବାଳଙ୍କ ଗହଣେ ।। ୧

ବେଳ ଗଡ଼ିଗଲା ମୁନି ବାଳକ ମେଳରେ
ଉପଗତ ହେଲା ନିଜ ଆଶ୍ରମ କୋଳରେ ।। ୨

ପିତୃଦେବ ପୂର୍ବପରି ଆସୀନ ଯୋଗରେ
ଆସି ପ୍ରଣମିଲା ଯାଇ ପିତାଙ୍କ ଆଗରେ ।। ୩

ମଥା ଟେକି ଚାହୁଁ ପିତା ଗଳେ ମଲା ସାପ
ବିସ୍ମିତ ସରବେ କିଏ କଲା ଏଡ଼େ ପାପ ।। ୪

ଶୃଙ୍ଗୀର ବାଳକ ମନ ନ ଥିଲା ସଂଯତ
ସାଥୀଙ୍କ  କଥାରେ ପୁଣି ହେଲା କ୍ରୋଧଗତ ।। ୫

କିଏ ସେହି ନର ପଶୁ ଅବିବେକୀ ହେଲା
ଯୋଗାବିଷ୍ଟ ଋଷି ଗଳେ ମଲା ସାପ ଦେଲା ।। ୬

ଯେ ହେଉ ସେ ସାତଦିନ ନ ହେଉଣୁ ଗତ
ସର୍ପଦଷ୍ଟ ହୋଇ ନିଶ୍ଚେ ପାଇବ ପଞ୍ଚତ୍ୱ ।। ୭

ବ୍ରହ୍ମା ବିଷ୍ଣୁ ମହେଶ୍ୱର ନ ପାରିବେ ରଖି
ସତ୍ୟ ଦଶଦିଗପାଳେ ହେଲେ ବି ତା ରକ୍ଷୀ ।। ୮

■ ■ ■

## ନବମ ସର୍ଗ

ମୁନିବାଳ କୋଳାହଳ ଶୃଙ୍ଗୀର ତର୍ଜ୍ଜନ
ଶମୀକ ସମାଧି ଶୀଘ୍ର କରିଲା ଭଗନ
ମୁନିବର ଯେ, ଶୁଣି ସବୁ ଦୁଃଖରେ କାତର ଯେ ।। ୧

ଈକ୍ଷଣ ମୁଦି ତକ୍ଷରେ ବସିଲେ ଯୋଗରେ
ଜାଣିଲେ ହସ୍ତିନା ପତି ଆସି ଦୁର୍ଯୋଗରେ
ତୃଷାତୁରେ ଯେ ଜଳମାଗି ନ ପାଇ ଅଧୀନରେ ଯେ ।। ୨

ଭାବିଥିବେ ଏ ଦେହରେ ଜୀବନ ବା ନାହିଁ
ମଲାସାପ ଦେଇଥିବେ ଗଳାରେ ଲମ୍ବାଇ ଯେ
ଏ କି ଦୋଷ ଯେ ଶୃଙ୍ଗୀ ହେଲୁ କ୍ରୋଧରେ ବିବଶ ଯେ ।। ୩

ବିନା ଦୋଷେ ସିନା ଦେଲୁ ଅଭିଶାପ ଘୋର
ସମ୍ରାଟ ସେ ତୁହିଁ ଛାର ସନ୍ୟାସୀ କୁମର ଯେ
ଏ କି କଲୁ ଯେ ତପୀକୁଳେ କଳଙ୍କ ବୋଳିଲୁ ଯେ ।। ୪

କାମକ୍ରୋଧ ଲୋଭ ମୋହ ଯେ ପାରଇ ଜିଣି
ସିଏ ସିନା ତପୀ ଯୋଗୀ ସିଦ୍ଧ ଅବା ମୁନି ଯେ
ବାଳକାଳୁ ରେ ତପୀ ହୋଇ କ୍ରୋଧ ନ ସମ୍ଭାଳୁରେ ।। ୫

ଅର୍ଜ୍ଜୁନର ନାତି ସେ ଯେ ଅଭିମନ୍ୟୁ ସୂତ
ଗର୍ଭୁ ରକ୍ଷାକଲେ ପ୍ରଭୁ ନାମ ପରୀକ୍ଷିତ ଯେ
ଶାପେ ତୋର ରେ ଜୀବନ ତା ନେବ ବିଷଧର ଯେ ।। ୬

ଆହେ ପ୍ରଭୁ; ସବୁକାମେ ତୋ ଇଚ୍ଛା ନିହିତ
କି ବୁଝିବି ମୁହିଁ ସଦା ମୋହରେ ମୋହିତ ଯେ
ଭବିତବ୍ୟ ଯେ ନ ଘଟିବ କେବେ କି ସମ୍ଭବ ଯେ ।। ୭

■ ■ ■

# ଶକ୍ତିବିଦ୍ଧ ରାମ

## ପ୍ରଥମସର୍ଗ

(ରାଗ-ବଙ୍ଗଳାଶ୍ରୀ)

ରାମଚନ୍ଦ୍ର ରଘୁକୁଳ ଚନ୍ଦ୍ର ପ୍ରଭୁ! ଭକ୍ତ ନୟନାଭିରାମ,
ରାକା ଶଶିମୁଖୀ ସୀତାପତି ଗୁଣାତୀତ ସର୍ବଗୁଣ ଧାମ ।। ୧

ରାଜା ଦଶରଥ ହୃଦାକାଶ-ନିଶାକର ସୁର-ନରୋତ୍ତମ
ରାଘବ ହେ ଅଘନାଶନ ଶ୍ରୀରାମ କୌଶଲ୍ୟା ଚିତ୍ତ-ଆରାମ ।। ୨

ରାବଣାରି ଋଷି ଚିତ୍ତହାରୀ ପ୍ରଭୁ ! ଋକ୍ଷ-କପି ସୁଖଧାମ
ରାଜା କରି ବିଭୀଷଣେ ଦେଖାଇଲ ପୂର୍ଣ୍ଣ କରି ଭକ୍ତ କାମ ।। ୩

ରାଜୀବ ନୟନା ଜାନକୀ ଜୀବନ ମୁନି ମନ-ପ୍ରାଣାରାମ
ରାଜି ଆଜି ପ୍ରଭୁ ରାଜୀବ ଲୋଚନ ଉଜଳାଅ ହୃଦ-ଧାମ ।। ୪

ରାଜର୍ଷି ନନ୍ଦିନୀ ଇନ୍ଦୀବର-ନେତ୍ରେ ପୂର୍ଣ୍ଣଚନ୍ଦ୍ର ମନୋରମ
ରାତି - ଅଜ୍ଞାନତା ଅରତି ବିନାଶି ରତି ଦିଅ ପ୍ରୀତି ଧାମ ।। ୫

■ ■ ■

# ଦ୍ୱିତୀୟ ସର୍ଗ

## (ରାଗ- ଶଙ୍କରା ଭରଣ)

ବୀରବାହୁ ବୀରଗତି ଲଭିଲା ସମରେ
ବୀର ଦଶଶିର କ୍ରୋଧ ନ ରହେ ସୀମାରେ ଯେ
କହେ ବିଶ୍ରବାନନ୍ଦନ, ନ ଫେରିବି ନ ମାରିଲେ ଶ୍ରୀରାମ ଲକ୍ଷ୍ମଣ ଯେ ।୧

ଲଙ୍କାପୁରୁ ଶଙ୍କାଯିବ ଚିରଦିନ ପାଇଁ
ରାମ ଯିବ ଯମପୁର ସଂଗେ ନେଇ ଭାଇ ଯେ
ନ ଫେରିବେ ନିଜ ଦେଶ, ଯିବ ମାତ୍ର ସେମାନଙ୍କ ମରଣ ସନ୍ଦେଶ ଯେ ।। ୨

ଲଙ୍କାପୁରେ ଯେତେଥିଲେ ସେନା ସେନାପତି
ଅସ୍ତ୍ରଶସ୍ତ୍ର ଧାରୀ ସବୁ ରଥୀ ମହାରଥୀ ଯେ
ଯିବେ ରାଜନ ସହିତ, ସମର ଭୂମିରେ ଶୀଘ୍ର ହେବେ ଉପଗତ ଯେ ।। ୩

ଇନ୍ଦ୍ରଜିତ କହେ ଧରି ଜନକ ଚରଣ
ସୁରଜେତା ସୁତ ଥାଉଁ ପିତା ଗଲେ ରଣ ଯେ
ସରିବ ମୋ ଗଉରବ, ମୋହ ପାଇଁ ହେବ ଲଙ୍କାପୁର ରଉରବ ଯେ ।। ୪

ସୁର ସାଥେ ସୁର ରାଣ ଦେଖୁଥିବେ ରଣେ
ରାମ, ରାମାନୁଜ ଶିର ଥୋଇବି ଚରଣେ ଯେ
ରବି ପରେ ହେବେ ଅସ୍ତ ଯେ ରବି-ବଂଶୀ ଚିତା ଦେଖିବାରେ ଥାଇ ବ୍ୟସ୍ତ ।। ୫

ମେଘ ମୁହିଁ ମେଘନାଦ ରାମଚନ୍ଦ୍ର - ଚନ୍ଦ୍ରେ
ଆଚ୍ଛାଦିମାନ ରଖିବି ନର-ଶିରଚ୍ଛେଦେ ଯେ
କହିଗଲା ଇନ୍ଦ୍ରଜିତ, ରଣମୋହ ରାବଣକୁ କରିଛି ମୋହିତ ଯେ ॥ ୬

■ ■ ■

# ତୃତୀୟ ସର୍ଗ
## (ରାଗ-ବସନ୍ତ)

ଜନମନେ ମେଘନାଦ ଭ୍ରମ କରେ, ଜନମକାଳେ ଯା ରୋଦନ
ଅମର ମନେ ବି ତ୍ରାସ ଦିଏ ତାର  ସମର କାଳର ଗର୍ଜନ
ବାନର, ବାଣର ଆଘାତେ ବ୍ୟାକୁଳ;
ହେଲାରୁ ହେଳା ନ କରି ଉର୍ମିଳେଶ ବରଷିଲେ ଶର ପ୍ରବଳ ।।୧

ଶର ଆତଯାତେ ଆକାଶର ପଥେ ଉପୁଜୁଥିଲା ନିଶା ଭ୍ରମ
ନିଶାଚରେ ତେଣୁ ନିଶାୟତ୍ତ ପରି ପରକାଶନ୍ତି ପରାକ୍ରମ,
ଅସୁରେ, ଅସି ଆଶୁଗ ଅସୁମାର
ପ୍ରୟୋଗୁଁ ବାନରେ ଶିଳାତରୁ ନେଇ  ଆଚରନ୍ତି ସମ ସମର ।।୨

ସୁମିତ୍ରା ତନୟ ଶରରେ ଅଥୟ ହେଲେ ନିଶାଚର ସେନାନୀ
ମରଣ ଭୟରେ ରଣ ତେଜୁଛନ୍ତି ବାରଣ କାହାର ନ ମାନି
ଲକ୍ଷ୍ମଣ କୁପିତ ହୋନ୍ତି କ୍ଷାଣୁ କ୍ଷଣ
ଲକ୍ଷ ଲକ୍ଷ ରକ୍ଷ ମୋକ୍ଷ ଲଭୁଥାନ୍ତି ରାକ୍ଷସ ମୁଦିଲେ ଈକ୍ଷଣ ।। ୩

ରକ୍ଷକୁଳ ଇନ୍ଦ୍ର ଇନ୍ଦ୍ରାରି ଦେଖଇ, ନିରକ୍ଷ ମଣନ୍ତି, ଦନୁଜ
ଦନୁଜ ନୀରଜ କାନନକୁ ଗଜ ହେଉଛି ରାମର ଅନୁଜ
ସତ୍ୱର, ଲୋପ କରିବ ତାର ସ୍ୱତ୍ତ୍ୱ
ପିତା ପୁରତରେ ସତ୍ୟ କରିଅଛି ରଖିବ ତାହାରି ମହତ୍ତ୍ୱ । ୪

ମିତ୍ରକୁଳ ଜାତ ସୁମିତ୍ରାର ସୁତ ଅମିତ୍ର ସାଧୁଛି ଅହିକ
ଥାଉଁ ମୋ ପାଶର ସର୍ବୋତ୍ତମ ଶର ଖେଳିବି କେତେ ତା ସହିତ
ଅମୋଘ ବ୍ରହ୍ମ ଶକତି ମେଘନାଦ, ପେଶିଲାରୁ ପଶିଗଲା ଅନିମେଷେ
ସୌମ୍ୟ ସଉମିତ୍ରୀ ହୃରୁଦ ।।୪

■ ■ ■

# ଚତୁର୍ଥ ସର୍ଗ
## (ରାଗ - ସୀତାଙ୍କେରି ବୃତ୍ତେ)

ଶକ୍ତିଭେଦ ହେଉ ସଉମିତ୍ରୀ ହାରିଜ୍ଞାନ
ପଡ଼ିଗଲେ ଉଡ଼ିଗଲା ରକ୍ଷ କପି ପ୍ରାଣ
ନିରାନନ୍ଦରେ କପିସେନା ନୀରବ ନିସ୍ପନ୍ଦ ଯେ ॥ ୧

ସମର ପ୍ରାଙ୍ଗଣେ ସଉମିତ୍ରୀ ମୂରୁଚ୍ଛିତ
ନେଇଯିବ ପିତାପାଶେ ଭାବି ଇନ୍ଦ୍ରଜିତ ଯେ
ପାଶେ ଗଲା ଯେ ଟେକି ନେବ ବୋଲି ଟେକ କଲା ଯେ ॥୨

ପ୍ରଭୂତ ପ୍ରୟାସ ତାର ହୁଅଇ ବିଫଳ
ରାମାନୁଜେ ଟେକିବାକୁ ଦନୁଜର ବଳ
ନ ପୂରିଲା ଯେ ସ୍ୱର୍ଗଜେତା ଶୌର୍ଯ୍ୟ କେ ହରିଲା ଯେ ॥ ୩

ବସୁନ୍ଧରା ଭରା ଯେହୁ ବହେ ଅବିରତ
ଲକ୍ଷ୍ମଣ ହୋଇଛି ଆଜି ବାସୁକି ଅନନ୍ତ
ତର ଭାର ଯେ ବୋହି ପାରିବ ଅସୁର ଛାର ଯେ ? ॥ ୪

ଭୂମିସୁତା ସୀତା ପାଇଁ ଲଢୁଛି ଲକ୍ଷ୍ମଣ
ଭୂମି ଛାଡ଼େ ନାହିଁ ଲକ୍ଷ୍ମଣରେ ସେ କାରଣ
ଇନ୍ଦ୍ରଜିତ ଯେ ଜୀବ ଜିତି ଶବେ ପରାଜିତ ଯେ ॥ ୫

ଏ ସମୟେ ଉପଗତ ପବନର ପୁଅ
ପତିତ ଉର୍ମ୍ମିଳା ପତି ଦେଖି ଝରେ ଲୁହ
ତତକ୍ଷଣି ଯେ କାନ୍ଧେ ନେଇ ପକାଏ ଲକ୍ଷ୍ମଣ ।। ୬

ବୋହି ନ ପାରି ବିସ୍ମିତ ଥିଲା ରାବଣେୟ
ବିନା ପ୍ରୟାସରେ ବହେ ବାୟୁର ତନୟ ଯେ
ଏ କି କଥା ଯେ ଧନ୍ୟ ରାମ ଧିକ ଦଶମଥା ଯେ ।। ୭

■ ■ ■

# ପଞ୍ଚମ ସର୍ଗ

## (ରାଗ - ବଙ୍ଗଳାଶ୍ରୀ)

ଦିନ ହେଲା ଲୀନ କାଳ-କୋଠରୀରେ ଦିନକର ଦୀପ୍ତିମାନ
ପ୍ରତୀକ୍ଷାରେ  ଥିଲା ପ୍ରତିଦିନ ପରି ପ୍ରତୀଚୀ-ସାଗର ସ୍ନାନ ।। ୧

ଆଲୁଅ ଯେ ସ୍ଥାନ ଛାଡ଼ିଯାଏ ତାରେ ଅନ୍ଧାର ବସୁଛି ମାଡ଼ି
ଦୁଃଖ ଆସେ ସେହିପରି ଯେଉଁଠାରୁ ସୁଖ ଯାଉଥାଏ ଛାଡ଼ି ।। ୨

ତାରା ଆସିଲେଣି ସାରା ଆକାଶକୁ ନିଜ ନିଜ ସ୍ଥାନ ବା'ରି
ରଜନୀ ସଜନୀ ବସିବାକୁ କଳା ଆସନ ଦେଲାଣି ପାରି ।। ୩

ଭକ୍ଷିବାର ଛାଡ଼ି ପକ୍ଷୀର ସମାଜ ଗଲେ ନିଜ ନିଜ ନୀଡ଼
ଶୃଗାଳ - ସମୂହ ସଙ୍ଗୀତ-ସମାଜେ ଲଗାଇ ଦେଲେଣି ଭିଡ଼ ।। ୪

ସେନାନୀ ଫେରିଲେ ସେନା ଶିବିରକୁ ସେନାପତି ଫେରିନାହିଁ
ବ୍ୟଗ୍ର ହୋଇ ସୁଗ୍ରୀବକୁ ପଚାରନ୍ତି ରାମ, କାହିଁ ମୋର ଭାଇ ।। ୫

ଲକ୍ଷ୍ମଣେ ନ ଦେଖି ଇକ୍ଷଣରେ ଲୁହ ଧାରା ନ ମାନଇ ମନା
ଶରୀର ମୁଁ  ମିତ୍ର ! ଅତ୍ମା ମୋର ମାତ୍ର ସଉମିତ୍ର ମହାମନା ।। ୬

ପ୍ରଭୁ ଆକୁଳତା ଭକତ ହୃଦୁରେ ଦେଇଥାଏ ପ୍ରତିଧ୍ୱନି
ମାରୁତି ଆସିଲା ମରୁତ ବେଗରେ ରାମାନୁଜେ କାନ୍ଧେ ଘେନି ।। ୭

■ ■ ■

# ଷଷ୍ଠ ସର୍ଗ

ଜୀବନେ ଅଛି କି ନା ମୋ ଜୀବଧନ
କହ ସୁଗ୍ରୀବ କହ ହେ ବିଭୀଷଣ ଯେ
କହନ୍ତି ରାମ, ତା ବିନା ଫେରିବିକି ଅଯୋଧ୍ୟା ଧାମ ଯେ ॥ ୧

ଯେ ଦିନୁ ତେଜିଥିଲେ ଅଯୋଧ୍ୟା ଦେଶ
ଶୋଇ ନ ଥିଲୁଁ ବୋଲି ଏକ ନିମେଷ ଯେ
ସେଥିପାଇଁ କି ନିଦ୍ରା ନେଇଛି ବରି ନିଜ ଭୂଇଁ କି ॥ ୨

ଜୀବନେ ଥିଲେ କେବେ ଫେରିଲେ ଘରେ
ନମିବି ଯାଇ ଯେବେ ମାତୃ ପୟରେ ଯେ
ସାନ ଜନନୀ ଆଗେ ଆଖିରେ ରଖି ହେବ କି ପାଣି ଯେ ? ॥ ୩

ଭରତ ପ୍ରଣମିବ ମାଣ୍ଡବୀ ନେଇ
ଶ୍ରୁତକୀର୍ତ୍ତି ସହିତ ଶତ୍ରୁଘ୍ନ ଭାଇ ଯେ
ଉର୍ମିଳା ଦେବୀ ନମିବ ନମ୍ର କଣ୍ଠେ ମୁଁ କି ବଞ୍ଚିବି ଯେ ॥ ୪

ଏକ ଜୀବନ ଆମେ ଦୁଇଟି ଦେହି
ସେ ଗଲେ ଆନ ଶୋକ-ଅନଳେ ଦହି ଯେ
ନ ହେଲେ ଖାର, ତାକୁ ନେଇ ବୁଲିବ ଏ ରାମ ଛାର ଯେ ॥ ୫

କେତେ ଆକୁଳ ରଘୁକୁଳ ନାୟକ
ତଳେ ପଡ଼େ ତୁଣୀର ସାଥେ ସାୟକ ଯେ
କାନ୍ଦଇ ଧରା, କାନ୍ଦେ ପବନ କାନ୍ଦେ ଗଗନ ସାରା ଯେ ॥ ୬

ଚାରିପାଖରେ ଘେରିଗଲେ ସରବେ
କାନ୍ଦେ କେ ପ୍ରଭୁ ପାଶେ ଉଚ୍ଚ ଆରବେ ଯେ
କେ ଧାବମାନ, ଆସି ପାଶେ ବସିଲା ସେ ଜାମ୍ବବାନ ଯେ ॥ ୭

■ ■ ■

# ସପ୍ତମ ସର୍ଗ
## (ରାଗ- କେଦାର କାମୋଦୀ)

ଜାମ୍ବବାନ କହେ ପ୍ରଭୁ ! ସମ୍ବରଣ କର
ଏ କାରୁଣ୍ୟ କାରୁଣିକ ପରମ ଈଶ୍ୱର ଯେ ॥ ୧

ନିଜ ମାୟାରେ ମୋହିତ ନିଜେ ମାୟାପତି
ତୁମ୍ଭ ଗତି କେ ଜାଣିବ ? ଅଗତିର ଗତି ଯେ ॥ ୨

ଅନୁଜ ଆହତ ଆଜି ବ୍ରହ୍ମ ଶକତିରେ
ପରବେଶ ପରମେଶ ଦୁଃଖ-ନଦୀ ତୀରେ ଯେ ॥ ୩

ଉପଚାର ଜାଣିଛନ୍ତି ବଇଦ ସୁଷେଣ
ତାଙ୍କ ପାରଗତା ଜାଣିଛନ୍ତି ବିଭୀଷଣ ଯେ ॥ ୪

ବ୍ୟୟ ନ କରିଣ ଆଉ ଅମୂଲ୍ୟ ସମୟ
ସୁଷେଣଙ୍କୁ ଆଣୁ ଯାଇ ବାୟୁର ତନୟ ଯେ ॥ ୫

ଉପଚାର ପାଇଁ ଲୋଡ଼ା ତାଙ୍କ ଉପସ୍ଥିତି
ବେଳୁ ବେଳୁ ମନ୍ଦ ଦିଶେ ସଉମିତ୍ରୀ ସ୍ଥିତି ଯେ ॥ ୬

ମଉନ ଆଦେଶ ପାଇ ପ୍ରଭୁ ଇଙ୍ଗିତରୁ
ମାରୁତି ଆଣେ ସୁଷେଣ ଲଙ୍କାର ଭିତରୁ ଯେ ॥ ୭

ଶକତି ଘାତକୁ ଉପଚାର ଯେ ଓଷଧି
ସୁଷେଣ କହେ ରାତିରେ ସନ୍ତରି ଜଳଧି ଯେ ॥ ୮

ଗନ୍ଧମାର୍ଦ୍ଧନ ଗିରିରୁ ବିଶଲ୍ୟ କରଣୀ
ଆଣିବ କେ ଆକାଶକୁ ନ ଆସୁଁ ତରଣୀ ଯେ ॥ ୯

ରାତିଥାଉଁ ଉପଚାର ନୁହଇ ସମ୍ଭବ
ବରିନେବା ବିଭୁଇଛା ଯାହା ଭବିତବ୍ୟ ଯେ ॥ ୧୦

■ ■ ■

## ଅଷ୍ଟମ ସର୍ଗ

(ରାଗ - ରେଖ୍ତି)

ମନେ ରାମ ପ୍ରେମ-ସ୍ମୃତି ହୃଦେ ରମ୍ୟ ରାମ ମୂର୍ତ୍ତି,

ମୁଖେ ରାମନାମ ଗୀତି, ଧରି ମାରୁତି

ଅପାର ସରିତାପତି କାଳନେମୀ ମନ୍ଦମତି

ରୋଧି ନ ପାରିଲେ ଗତି ଗଲା ତଡ଼ତି ;

ନେଇଗଲା ରାମ ଭକତି, ଗନ୍ଧବହ ସୁତେ ଗନ୍ଧମାର୍ଦ୍ଦନ କତି ।। ୧

ବିଶଲ୍ୟ କରଣୀ କାହିଁ, ·ଖୋଜି ଖୋଜି ପାଏ ନାହିଁ,

ନିଶୀଥ କି ଯିବ ପାହି ? ନଭେ ଅନାଇ

ଗନ୍ଧଗିରିରେ ସମୂଳେ ଉପାଡ଼ିଣ ବାହୁବଳେ

ଆକାଶ ପଥରେ ଚଳେ ଶ୍ରୀରାମଧାୟି

ନଭେ ଶୁଭେ ନୂଆଁ ଶବଦ, ଯେ ଶୁଣେ ସେ ଚକିତରେ ହୁଏ ସ୍ତବଧ ।। ୨

ନଭେ ଉଡୁଁ ହନୁମାନ ମନେ ଆଣେ ଅଭିମାନ

ପିତାମୋର ପବମାନ ମୁହିଁ ସମ୍ମାନ୍ୟ

ବୋହିପାରେଁ ସାନୁମାନ ସାଧଇ ଅସାଧ ମାନ,

ଗିରି,ଭୂ, ବାରିଧିମାନ ମୋତେ ସମାନ;

ଆସୁଣୁ ଅବଧ ଆକାଶେ, ପଡ଼ିଲା ଭୂତଳେ କାର ବାତୁଳି ପ୍ରାସେ ।। ୩

ତଳେ ପଡୁଁ ରାମ ରାମ ଶବ୍ଦ ଶୁଭୁଁ ଅବିରାମ

ପାଶେ ଥିଲା ନନ୍ଦୀଗ୍ରାମ ରାଜା ଭରତ

ପହଞ୍ଚି ମାରୁତି ପାଶେ 'କିଏ ତୁ ?' ମହାତ୍ମା ଭାଷେ,

ପ୍ରିୟ ଭାଷାର ଆଶ୍ୱାସେ ଶୁଣି ଚକିତ ?

ରାମଭକ୍ତ ମୁହିଁ ସେବକ, ରାମକାର୍ଯ୍ୟେ ଯାଇ ଏଥି ହେଲି ଅଟକ ॥ ୪

ଭରତ ଯୋଡ଼ିଣ କର ପାଶେ ରାମ ସେବକର

କହେ ଭାଇ କ୍ଷମାକର ଦୋଷ ନିକର;

ତୁମେ ଶ୍ରୀରାମ ଭକତ ରାମକାର୍ଯ୍ୟେ ଅଛ ରତ,

ମୁଁ ହୀନ ଭାଇ ଭରତ ଶ୍ରୀରାମଙ୍କର;

ରାମ ସେବାରେ ନୋହି କ୍ଷମ, ରାମକାର୍ଯ୍ୟେ ବାଧା ଦେଲି ମୁହିଁ ଅଧମ ॥୫

ଜାଣିଛ କି ତୁମେ ରାମେ ଅଛନ୍ତି କି ସେ ଆରାମେ

କେଉଁପରି କେଉଁ ଧାମେ କହ ଭକତ

ସେ ମୋର ଇଷ୍ଟ ଦେବତା କୁଶଳେ ସୌମିତ୍ର ସୀତା

ଛନ୍ତି କରନ୍ତି କି ଚିନ୍ତା ହୀନ ଭରତ

ବସ ମୋର ଆଶୁଗ ବକ୍ଷେ, ଆଶୁ ପହଞ୍ଚିପାରିବ ଅଭୀଷ୍ଟ ଲକ୍ଷ୍ୟେ ॥ ୬

■ ■ ■

# ନବମ ସର୍ଗ

(ରାଗ-ରାମକେରୀ)

ଭରିତ ଗଲାଣି ନୟନେ ଜଳ, ଭରତ ନାମ
ଶୁଣି ବାୟୁ ସୁତ  ଭରତ ପାଦେ କଲେ ପ୍ରଣାମ ॥ ୧

ପ୍ରଭୁ -ପ୍ରିୟ ! ଦିଅ ପାଦରୁ ମୋତେ ଟିକିଏ ଧୂଳି
ପୂତ ହେଉ ରାମ ସେବକ ସାରା ଶରୀରେ ବୋଳି ॥ ୨

ପ୍ରଭୁ କହୁଥାନ୍ତି ସତତ ସଦା ଭରତ ମୋର
ଯା କରିବ, କରିପାରିବେ ନାହିଁ ସୁର ନର କିନ୍ନର ॥ ୩

ଆମ ମୁଖେ ଭାଇ ନ ବସେ କ୍ଷଣେ ରାମଙ୍କ ନାମ
ନିରତ ଭରତ ଭରତ କହୁଥାନ୍ତି ଶ୍ରୀରାମ ॥ ୪

ଭରତ ଶ୍ରବଣେ ପଡୁଣୁ ଏହି କଥା ସରବ
କୋହ ପାଲଟିଲା ରୋଦନେ ଅତି ଉଚ୍ଚ ଆରବ ॥ ୫

ରାଜ ଅନ୍ତଃପୁରେ ସେ ରବ ଗଲା ସହସା ପଶି
ବାହାରି ଆସିଲେ ରାଣୀଏ ପଛେ ଗୋଡ଼ାନ୍ତି ଦାସୀ ॥ ୬

ଭରତର କୋହ ମାରୁତି ଲୁହ ଗଙ୍ଗା ଯମୁନା
ଅନ୍ତଃପୁରାଗତ ଆବେଗ ସରସ୍ୱତୀ ସମାନା ॥ ୭

ସେ ପୂତ ପ୍ରବାହେ ସରବେ ଯାଆନ୍ତି ଅବଗାହି
ଭୁଲିଯାନ୍ତି ନିଜ ନିଜତା ସାଥେ ନିଜର ଦେହି ।। ୮

ସେ ପାବନୀ ଧାରେ ଯାଉଛି ବୁଡ଼ି ପରା ପାବନୀ
ବର୍ଣ୍ଣି ଯାଇଅଛି ଅବନୀ - ସୁତା ପତି କାହାଣି ।। ୯

ସୀତାଙ୍କେରି ଠାରୁ ଜାନକୀ ଠାବ ହେଲା ଯେପରି
ତା ପରେ ହେଉଛି ଆହବ ଆହା କି ଭୟଂକାରୀ ।। ୧୦

'ମୂର୍ଚ୍ଛିତ ଲକ୍ଷ୍ମଣ ଶକତି ଭେଦେ' କହୁଁ ମାରୁତି
ନାରୀ ଲୁହ ଧାରେ କାଦୁଅ ପାଲଟିଲା ଧରତୀ ।। ୧୧

ଦାସୀ ଏକ ଧରି ମଶାଲ ଦେଖୁଥିଲା ନିରେଖି
ଉଦ୍‌ବିଗ୍ନତା କେତେ ଭରିଛି ମାଆଁ ସୁମିତ୍ରା ଆଖି ।। ୧୬

ସେ ଆଖି ଦୁଇଟି ଖୋଜଇ କା'ରେ କେ ଜାଣେ ନାହିଁ
'ଲକ୍ଷ୍ମଣ ମୂର୍ଚ୍ଛିତ' ଜାଣେ ନା ମୋର ସୁମିତ୍ରା ବାଈ ।। ୧୩

କହି କଉଶଲ୍ୟା ହଲାଇ ଦେଲେ ସୁମିତ୍ରା ଦେହ
ସୁମିତ୍ରା କହନ୍ତି "ସବୁ ମୁଁ ଜାଣେ" ନାହିଁ ସନ୍ଦେହ ।। ୧୪

■ ■ ■

## ଦଶମ ସର୍ଗ

(ରାଗ - କଲ୍ୟାଣ ଆହାରୀ)

ସୁମିତ୍ରା କହନ୍ତି ଲକ୍ଷ୍ମଣେ ଶକତି ପଡ଼ିଛି ପାଶେ ନାହିଁ ସୀତା
ଶ୍ରୀରାମଙ୍କ ସେବା କରୁଥିବ କେବା ଭାବି ହେଉଛି ମୁଁ ଚିନ୍ତିତା
ଶତୃଘନକୁ , ପଠାଇଦିଅ ସେ ସ୍ଥାନକୁ ;
ଅବାଧ ରଖିବ ଅବୋଧ ଥିବ ବା ଅବଧ ଅଧିପ ମନକୁ ।। ୧

ଜନନୀ ବଚନ ସଲିଳ ସେଚନ କଲା ସର୍ବ ହୃଦ କେଦାର
କେତେ ଯେ ଜନନୀ ଏ କୁଳେ ଜନମି ଥିଲେ କିଏ ଏତେ ଉଦାର ?
ଆଖି- ଝରଣା ଝରିଲା ଆହୁରି ସବୁରି,
ଉର୍ମିଳା-ହୃଦ-ସାଗର ଉର୍ମି ହୀନ ସହଜେ ହେଉଥିଲା ବା'ରି ।। ୨

ଶ୍ରୁତ କୀର୍ତ୍ତି ଦ୍ରୁତ କରି କଥନକୁ କହେ ଉର୍ମିଳା କର ଧରି
ଭଗ୍ନୀ ପତିଙ୍କ ଭଗ୍ନ ନୁହେଁ ମୂର୍ଚ୍ଛା ଜାଣି ନପାରୁଛ କିପରି ?
କହେ ଉର୍ମିଳା ମୁଁ ଜାଣେ ତୁମେ ଜାଣ ନାହିଁ
ଘେନି ଶକ୍ତିଘାତ ନିଜେ ରଘୁନାଥ କାନ୍ଦୁଛନ୍ତି ଲୁହ ଝରାଇ ।। ୩

ପତିମୋର ଚେତିଥିଲେ ଏତେଦିନ ବୋଲି ଦୟାଳୁ ରଘୁପତି
ଶୋଇବାକୁ ତାଙ୍କୁ ଦେଇ ଦୀନନାଥ ନିଜେ ଦୁଃଖେ ଅଛନ୍ତି ଚେତି
ଜାନକୀପତି, ଦେହେ କି ଭେଦିବ ଶକତି ?
ଜଗତର ସାରା ଶକତିର ଧାରା ସେ ପରା ପରମ ଶକତି ।। ୪

ପତିଙ୍କର ମୋର ସାରା କଳେବର ଖୋଜିଛି ଲୋମ ଲୋମ କରି
ଖୋଜେ ତାଙ୍କ ମନ ଖୋଜିଛି ଜୀବନ ନାହିଁ ସ୍ଥାନ କାହିଁ ଏପରି
ଯହିଁ ଶ୍ରୀରାମ କରୁନାହାନ୍ତି ବା ବିଶ୍ରାମ ,
ପତିଙ୍କର ଦେହେ ଶକ୍ତି ନିଃସନ୍ଦେହେ ପଡ଼ିଲେ ଭେଦିବ ଶ୍ରୀରାମ ।। ୫

କହନ୍ତି ଭରତ ନୀର ଅବିରତ ଗଳୁଛି ନୟନ ଯୁଗଳୁ
ମୋହଠାରୁ ଶତ ଗୁଣରେ ଭକତ ଲକ୍ଷ୍ମଣ, ଜାଣେ ବାଳ କାଳୁ
ଆଜି ଜାଣିଲି, ତା ଠାରୁ ସହସ୍ର ଗୁଣରେ
ଭକ୍ତି ଦେବୀ ଶକ୍ତି ନେଇ ବସିଛନ୍ତି ଉର୍ମିଳା ହୃଦୟ କୋଣରେ ।। ୬

ଭରତ ତାପରେ ଶୋକର ତାପରେ ସନ୍ତାପିତ ଭାଷେ କହନ୍ତି
ଆଞ୍ଜନେୟ ଆସ ବାଟୁଳିରେ ବସ ବାଟ ସରିବ ଥାଉଁ ରାତି
କହେ ମାରୁତି ବାଟୁଳିର ଅଛି କି ଗତି ?
ଜାଣେ ନା, ମୁଁ ଜାଣେ ତୀବ୍ରଗତି ବହେ ଶକ୍ତିଶାଳୀ ରାମ ଭକତି ।। ୭

ତାର ଯାହା ଗତି ଅଗତିରେ ବି ତ ପହଞ୍ଚାଇ ଦିଏ ତୁରିତ
ସରଗ ଧାମକୁ, ଧରିଲେ ନାମକୁ ଦୂର କରେ ସବୁ ଦୁରିତ
ସରଗପୁର, ତା ପାଇଁ ହୁଅଇ ଅଦୂର ;
ନ ହେବ ଉଛୁର ଅତି ଅଳ୍ପ ଦୂର ଜାଣେ ମୁଁ; ରାବଣରପୁର ।। ୮

■ ■ ■

# ବ୍ରହ୍ମା ବି ବ୍ରହ୍ମଙ୍କୁ ଚିହ୍ନିଲେ ନାହିଁ

## ପ୍ରଥମ ସର୍ଗ

(ରାଗ- ବଙ୍ଗଳାଶ୍ରୀ )

ଅପାର ପୁଲକେ ଗୋପାଳ ବାଳକେ ଗୋପ-ଭୂପ ଯୁବରାଜ
କହିଦେଲେ ଦିନେ "ଯମୁନା ପୁଳିନେ ଭୋଜି ପାଇଁ କର ସାଜ ।। ୧

ନିଜ ନିଜ ଘରୁ ଖାଇବା ଜିନିଷ ଯାହା ଦେବେ ମାଆ ମାନେ
ସବୁରି ଭୋଜନ ସଭିଏଁ ଖାଇଲେ ଆନନ୍ଦ ଆସିବ ମନେ ।। ୨

ନିଜ ଜିନିଷକୁ ପରେଇ ଦେଇ ଯେ କରିପାରେ ସାମୂହିକ
ମରତରେ ଥାଇ ଅମରତ ସ୍ୱାଦ ପାଏ ସେ ହୋଇ ଐହିକ ।। ୩

ଯମୁନାର ତୀରେ ଭରତି ହୋଇଛି କେତେ ସୁକୋମଳ ଘାସ
ଛାଡ଼ିଦେଲେ ଗାଈ ହୋଇଯିବେ ବାଈ ପାଇ ପୂର୍ଣ୍ଣ ଗର୍ଭ ଗ୍ରାସ ।। ୪

କୃଷ୍ଣ ମୁଖୁଁ ବାଣୀ ଗୋପବାଳେ ଶୁଣି ହୋଇଗଲେ ହରଷିତ
କେ ନାଚେ ଉଛୁଳି କେହୁ ମାରେ ତାଳି କିଏଁ ଅବା ଗାଏ ଗୀତ ।। ୫

ନୂଆଁ ଖେଳ ଭାଇ ! ଖେଳିବା କହ୍ନାଇ ଯମୁନା ପୁଳିନ ବନେ
ଦିନ-ଯାଉଥିବ ରାତି ପାହୁଥିବ ଖେଳ ରହିଥିବ ମନେ ।। ୬

ବନମାଳୀ କହୁଁ ବନଭୋଜି କଥା ପ୍ରସରିଲା ପୁରେ ପୁରେ
ଗୋପପୁରଠାରୁ ସ୍ୱର୍ଗପୁର ଯାଏ ସମସ୍ତଙ୍କ ମନ ଘୂରେ ।। ୭

■ ■ ■

# ଦ୍ୱିତୀୟ ସର୍ଗ
## (ରାଗ - ବସନ୍ତ)

ପ୍ରାଚୀ ପ୍ରାଚୀରରୁ ଅବତରି ଆସେ ଦିବସ ରକ୍ତିମ ଅଧରେ
ପଶ୍ଚିମ ପୁରକୁ ଯାଉଛି ଯାମିନୀ ପଛେ ଚାହିଁ ଚାହିଁ ଅଧୀରେ ;
ଅରୁଣ, ତରୁଣ ବୟସ ସଂକାଶ,
ଧରାରେ ଧରାଇ ଜ୍ୟୋତିର୍ମୟ ବାସ ଦ୍ୟୁତି ଦିଏ ସାରା ଆକାଶ ॥ ୧

ସକାଳ ନ ହେଉଁ ଗୋପାଳ ବାଳକେ ଠୁଳ ହେଲେ ଗାଆଁ ଦାଣ୍ଡରେ
ଗୋପାଳୁଣୀ ଗଣ ଗୋରସ ଦୁହିଁଣ ଭରିଲେଣି କ୍ଷୀର ଭାଣ୍ଡରେ
ବିଭୋର, ଗୋପବାଳେ ନ ହେଉଁ ଭୋର ;
ନନ୍ଦ ଉଆସର ବନ୍ଦ କବାଟକୁ ପିଟି କଲେଣି କେତେ ଗୋଳ ॥ ୨

ଉଠ ଉଠ ଭାଇ ! ମଠ କର ନାହିଁ ହେ ନଟ କିଶୋର କହ୍ନାଇ
ସାରା ଗୋକୁଳରେ ଖରା ପଡ଼ିଲାଣି ପରା, ତୋ ପରତେ କି ନାହିଁ ?
ସୁରୁଜ ଦେଖିବ ତୋ ମୁଖ ସରୋଜ;
ବୋଲି କି ଆକୁଳେ ଏ ସାରା ଗୋକୁଳେ ଦେଲାଣି ବିଛେଇ ମୁରୁଜ ॥ ୩

କେ ବୋଲେ ଏଠାରେ କିଏ ଜଣେ ଭାଇ ବସିଥିଲା ପରା ଗୋପନେ
ଚାରିଶିର ତାର ପ୍ରତ୍ୟେକ୍ଷେ ଦେଖିଛି ହଂସଟିଏ ଥିଲା ମଉନେ
କେ ବୋଲେ, ଆଉ ଜଣେ ଧରି ତ୍ରିଶୂଳ,
ବଳଦ ଉପରେ ବସି ଜଗିଥିଲା ଉଭେଇଲା ହେଉଁ ଉଜ୍ଜ୍ୱଳ ॥ ୪

ଏତେ ଗୋଳ ଶୁଣି ବ୍ରଜପୁର ମଣି ଉଠି ଫିଟାଇଲେ ଦୁଆର
ଶୀଘ୍ର ଶୀଘ୍ର ବସ୍ତ୍ରା ଫିଟାଇ  ଆଣରେ ହେଲାଣି ତ ବେଳ ଉଛୁର
ଖାଇବା, ଜିନିଷ ଭୁଲିଯିବ ନାହିଁ,
ଘରେ ଘରେ ଏକା କହିଦେଇ ଯାଅ ସଞ୍ଜେ ଫେରିବେ ବସ୍ତ୍ରା ଗାଈ ।। ୪

ଖୁଆ ଛେନା ସହ କ୍ଷୀରି ଖେଚଡ଼ିର ପୁଡ଼ିଆ ବାନ୍ଧି ଯଶୋବନ୍ତୀ
କାହ୍ନୁକୁ ଗଳାରେ ଲଗାଇ ଗେଲରେ କୋହଭରା କଣ୍ଠେ କହନ୍ତି
ଧନରେ, ଦେଖି ଯିହିଁ ଥିବୁ ବନରେ ;
ନିଶାଚର ମାନେ ଦିଶା ବିଦିଶାରେ ଥାଆନ୍ତି ଲୋଭିଲା ମନରେ ।। ୬

ନ ପଶିବୁ ଜମା ଯମୁନା ଜଳକୁ କାଳୀୟ ରଖିଥିବ ରାଗ
ପ୍ରତିହିଂସା ପରାୟଣ ଅତି ପୁଅ ! ଜାତିରେ ପରା ଅଟେ ନାଗ ;
ଯଶୋଦା  ଚୁମ୍ବ ଦେଇ ଦେଲେ ବିଦାୟ,
ବସ୍ତ୍ରାଚବାଳି ବନେ ଗଲେ ସଂଗେ ଗଲା ଗୋପୀନିୟଙ୍କ ହୃଦୟ ।। ୭

■ ■ ■

# ତୃତୀୟ ସର୍ଗ
## (ରାଗ - ନଳିନୀ ଗୌଡ଼)

ସୁକୋମଳ ଘାସେ ବତ୍ସାଗଣ ଗଲେ ମଜି
ଖେଳ କଉତୁକେ ବାଳେ ଯାଇଥିଲେ ହଜି ॥ ୧

କେତେ ନୂଆଁ ଖେଳ କରିଦେଲେଣି ପୁରୁଣା
ତଥାପି ଖେଳରେ କାର ମନ ନୁହେଁ ଊଣା ॥୨

ମଣିଷ ଜୀବନେ ବାଳ ବୟସ ମଧୁର
ଆହୁରି ମଧୁର ଖେଳ ମିଳିଲେ ପ୍ରଚୁର ॥ ୩

କେତେବେଳ ହେଲା କେହି ନ ପାରିଲେ ଜାଣି
କ୍ଷୁଧା ପଛେ ଉଦରକୁ ଦେଉଥାଏ ହାଣି ॥ ୪

ବଳରାମ କହୁଛନ୍ତି ବନ୍ଦ ହେଉ ଖେଳ
ଖାଇବା ଏଥର ଗଡ଼ିଯାଏ ସ୍ନାନ ବେଳ ॥ ୫

ଖେଳସାରି ଜଳେ ପଶିଗଲେ ଗୋପ ବାଳ
ଜଳକେଳି କରୁଁ କଟିଗଲା କିଛି କାଳ ॥ ୬

ପୋଛାପୋଛି ହେଲେ ସର୍ବେ ଜଳରୁ ବାହାରି
ପତର ସଂଗ୍ରହେ ଲାଗିଗଲେ ଦୁଇଚାରି ॥ ୭

ଖାଇବା ଜିନିଷ ଯିଏ ଯାହା ଆଣିଥିଲେ
ଯେ ଯେତେ ଖାଇବେ ଯେଝାମତେ ବାଣ୍ଟିନେଲେ ॥ ୮

■ ■ ■

# ଚତୁର୍ଥ ସର୍ଗ

## (ରାଗ -ଶଙ୍କରାଭରଣ)

ଗୋପବାଳ ଏକ ରୂପ ଅତି ମନୋହର
କେଉଁସୁର ନେଇଛି କି ନର କଳେବର ଯେ
ମନ ଥିଲା ତାର ଊଣା, ଭୋଜନ ଜିନିଷ ଦେଖୁଁ ପଡୁଥିଲା ଜଣା ॥ ୧

ନ ଥିଲା ମିଷ୍ଟାନ୍ନ ଅବା ସର କି ଲବଣୀ,
ବଗଡ଼ା ପଖାଳ ମାଆ ଦେଇଥିଲେ ଛାଣି ଯେ ।
ଥିଲା ଅଳ୍ପ ପରିମାଣ ଯେ, ସଖାଙ୍କୁ ଦେଖାଇବାକୁ ନ ଥିଲା ତା ମନ ଯେ ॥ ୨

ଖାଉଥିଲା ଏକା ନେଇ ଲତା ଅନ୍ତରାଳେ,
ସର୍ବ ଦ୍ରଷ୍ଟା ଯିଏ ତାକୁ ଲୁଚାଇ କେ ପାରେ ଯେ ।
କୃଷ୍ଣ ଜାଣି ଏ ଭାବନା, ତା ପାଖେ ଯାଇ କହନ୍ତି ଏ କିସ ଛଳନା ? ଯେ ॥ ୩

ମାଆ ଦେଇଥିଲେ ଆହା ଖାଦ୍ୟ ସ୍ୱାଦୁକର,
ଏକା ଏକା ଖାଇବାକୁ କି ବିଚାର କର ଯେ ।
କହି ଉଚ୍ଛିଷ୍ଟ ଭୋଜନ ଯେ ନିଜେ ପଦ୍ମମୁଖ ମୁଖେ କରିଲେ କ୍ଷେପଣ ଯେ ॥ ୪

ବ୍ରହ୍ମା ଆକାଶରୁ ଦେଖୁଥିଲେ ବାଳଲୀଳା
ପରଂବ୍ରହ୍ମ ଏ କି ପର ଉଚ୍ଛିଷ୍ଟ ଖାଇଲା ଯେ
ମନେ ହୋଇଲା ସଂଶୟ ଯେ ପରୀକ୍ଷା କରି ମୁଁ ନେବି ବ୍ରହ୍ମ ପରିଚୟ ଯେ ॥ ୫

ଏହା ଭାବି ବତ୍ସାପଲ ଗୋଟି ଗୋଟି କରି,
ନିଜ କମଣ୍ଡଳୁ ମଧ୍ୟେ ଶୀଘ୍ର ଦେଲେ ଭରି ଯେ ।
ଏହାପରେ ହେବ କିସ ଯେ, ଦେଖିବାକୁ ରହିଥିଲା ଅତ୍ୟୁଚ୍ଚ ଆକାଶ ଯେ ॥୬

■ ■ ■

# ପଞ୍ଚମ ସର୍ଗ
(ସୀତାଗେରି ବୃତ୍ତେ)

ସରିଗଲା ଖେଳ ସରିଗଲା ବଣ ଭୋଜି
ଚରିଲା ବତ୍ସାଏ କାହିଁ ଗଲେ ନୁହେଁ ଖୋଜି ଯେ
କେହୁ ବୋଲେ ଯେ ଥିବେ ଗୋବର୍ଦ୍ଧନ ଗିରି ତଳେ ଯେ
ବିସ୍ମୟର କଥା ଏତେ ଶୀଘ୍ର କାହିଁ ଗଲେ ଯେ ? ।। ୧

କେ ବୋଲେ ଖାଇବା ଆଗୁଁ ଦେଖିଥିଲି ମୁହିଁ
ଯମୁନାର କୂଳେ କୂଳେ ଚରୁଥିଲେ ଯାଇ
କିଏ କାହିଁଯେ, ଅଡ଼ାଇ ନେଲା ବା ବତ୍ସା ଗାଈ ଯେ
ନିଶାଚରମାନେ ଆସିଗଲେ ଅବା ଖାଇ ଯେ ।। ୨

କୃଷ୍ଣଙ୍କୁ ରହିଁ ଗୋପାଳ ବାଳକେ କହିଲେ
ତୁହିଁ ଥାଆ ଏଠି ଆମେ ଯାଉଛୁ ପହିଲେ
ବଂଶୀ ବାଡ଼ି ଯେ, ଏହିଠାରେ ଅଛି ସବୁ ପଡ଼ି ଯେ
ବେଳ ହେବ ନାହିଁ ବତ୍ସା ଆଣୁଛୁଁ ଘଉଡ଼ି ଯେ ।। ୩

ବ୍ରହ୍ମା ଦେଖୁଥିଲେ ଆସିଲେଣି ଗୋପ ବାଳ
ଗୋଟି ଗୋଟି ନେଇ ପୂରାଇଲେ କମଣ୍ଡଳ,
ବତ୍ସାବାଳ ଯେ ନିଦ୍ରାଗତ ହେଲେ ତତକାଳ ଯେ
କି କରିବ ଦେଖେଁ ଏବେ କହ୍ନାଇ ଗୋପାଳ ଯେ ।। ୪

ଜାଣୁଥିଲେ ସବୁ କୃଷ୍ଣଚନ୍ଦ୍ର ଅନ୍ତର୍ଯ୍ୟାମୀ
ବ୍ରହ୍ମା କରୁଛି ପରୀକ୍ଷା ପାରିନାହିଁ ଜାଣି
ଅଜ୍ଞାନତା ଯେ ଖାଇଲାଣି ବ୍ରହ୍ମା ଗୁରି ମଥା ଯେ
ଯା କରୁଛି ତାହା ତାର ପରୀକ୍ଷା ବ୍ୟବସ୍ଥା ॥ ୫

ବତ୍ସାବାଳ ନ ଫେରିବେ ଜାଣିଥିଲେ କାହ୍ନୁ
ପ୍ରତୀକ୍ଷା କରିବେ କାହିଁ ବୃଥା ଜାଣୁ ଜାଣୁ
ବଂଶୀ ବାଇ ଯେ ଗୋ ଫେରନ୍ତା ସମୟକୁ ରହିଥିଲେ ଗୁହିଁ ଯେ
ଜଗିଛନ୍ତି ସମୟକୁ ଜଗତର ସାଇଁ ଯେ ॥ ୬

■ ■ ■

## ଷଷ୍ଠ ସର୍ଗ

(ରାଗ - ଶ୍ରେଖି)

ବାହାରିଲେ ଦିନକର          କାମ ସାରି ଦିନକର
ବାରୁଣୀ ରତନାକର ସୁନିଦ୍ରାକର;
ବନ ବିହଗ ବିକର          କଗଳରବ ପ୍ରୀତିକର
କଲେ ଶ୍ରୁତି ସୁଖକର ଦିନଯାକର;
ବେଳଜାଣି ମୁରଲିକର,
ତତପର ଫେରିବାକୁ ବ୍ରଜ ଅଙ୍କର ।। ୧

ଚତୁର୍ମୁଖ ବେଦାକର,          ଚୋରି ବତ୍ସ ବାଳକର
କରମ କଲା ଦୁଷ୍କର ଅପ୍ରୀତିକର;
ଫେରିଗଲେ ଶୂନ୍ୟକର          ଅପବାଦ କଳଙ୍କର
ପଡ଼ିବ ମୋ ମସ୍ତକର କି କଷ୍ଟକର
ଭାବି କୃଷ୍ଣ କରୁଣାକର,
ନେଲେ ରୂପ ବତ୍ସ ଗୋପ ବାଳକଙ୍କର ।। ୨

ଗୋପାକାଶ କଳାକର,          ବେଣୁଧର ନିଜକର
ପଛେ ବତ୍ସ ବାଳକର ଗୋପଯାକର ।
ପହଞ୍ଚ ପଙ୍କଜକର          ସାରା ବରଜଯାକର
ଆଖି ଗୋପ ଗୋପୀଙ୍କର ସମସ୍ତଙ୍କର;
ପଡ଼େ ଉପରେ କୃଷ୍ଣଙ୍କର,
ବତ୍ସା ବେଶୀ ପ୍ରିୟ ହେଲେ ଗୋମାତାଙ୍କର ।। ୩

■ ■ ■

# ସପ୍ତମ ସର୍ଗ

ନିତି ରଜନୀ ପାହୁଁ ବତ୍ସା ଫିଟାଇ
ନିଅନ୍ତି ଗୋପ ବାଳେ ବନେ ଚରାଇ ଯେ
ବତ୍ସା ବାଳକ, ହୋଇ ଚରି ଚରାନ୍ତି ବିଶ୍ୱପାଳକ ଯେ ।। ୧

ଅତୀତ ହୋଇଗଲା ବରଷ ।କାଳ
ବ୍ରହ୍ମା ବିସ୍ମୟରେ କିସ କରେ ଗୋପାଳ ଯେ
ଆକାଶୁଁ ଦେଖେ, ଚରନ୍ତି ବତ୍ସା ଖେଳୁଛନ୍ତି ବାଳକେ ।। ୨

ବତ୍ସା ବାଳକ ଦେଖି ହେଲା ଚକିତ
କମଣ୍ଡଳକୁ ଦେଖେ' ଛନ୍ତି ନିଦ୍ରିତ
ସବୁ ଅୟନେ, ଦେଖୁଁ ଦେଖଇ କୃଷ୍ଣ ଅଷ୍ଟନୟନେ ଯେ ।। ୩

ଯମୁନା କୂଳେ କୃଷ୍ଣ ବଂଶୀ ବଜାଇ
ନିଜେ ନିଜକୁ ରଖିଛନ୍ତି ମଜାଇ ଯେ
ଚତୁର୍ବଦନ, କ୍ଷମା ମାଗିବା ପାଇଁ କଲା ଗମନ ଯେ ।। ୪

ବ୍ରହ୍ମା ଆସନ୍ତେ ବ୍ରହ୍ମା ଆସୀନ ସ୍ଥାନ
ହୋଇଛି ଦୀପ୍ତିମନ୍ତ ରମ୍ୟ ଆସ୍ଥାନ ଯେ
ବାହାର ଦ୍ୱାରେ, ବ୍ରହ୍ମା ଦୁଇ ଦୁଆରପାଳ  ରୂପରେ ଯେ ।। ୫

ତା ପରି ତାହାଙ୍କର ଚରୋଟି ଶିର,
ଚରିବେଦ ଧରନ୍ତି ଚରୋଟି କର ଯେ
ବିସ୍ମିତ ବ୍ରହ୍ମା, ନମନ୍ତି କୃଷ୍ଣ ପ୍ରଭୁ ଅଦ୍ଭୁତ କର୍ମା ଯେ ।। ୬

ଦୁଆର ପରେ ଦ୍ୱାରଆର ଯାଉ ଶ୍ରୁତୀଶ
ଦେଖଇ ବ୍ରହ୍ମା ଆଠ ଶୋହଳ ଶୀର୍ଷ ଯେ
ବିନୟ ଭରେ, ପଡ଼ିଗଲା ଶ୍ରୀକୃଷ୍ଣ ପଦ୍ମ ପୟରେ ଯେ ।। ୭

ମୃଦୁ ହସରେ କୃଷ୍ଣ ଦେଲେ ଉତ୍ତର
ଦେଖ ଶ୍ରୁତୀଶ କମଣ୍ଡଳୁ ଭିତର ଯେ
ବ୍ରହ୍ମା ଦେଖଇ, କମଣ୍ଡଳୁରେ କେହି ନାହାନ୍ତି ଶୋଇ ଯେ ।। ୮

ବ୍ରହ୍ମା କହିଲେ ମୋର 'ମୁଁ କାର' ମୋତେ
ଚିହ୍ନାଇ ନ ପାରିଲା ସହଜେ ତୋତେ ଯେ
ତୁତ ଅନନ୍ତ, ସୀମିତ ପାଇ ବି କି ତୋହର ଅନ୍ତ ଯେ ।। ୯

■ ■ ■

କବିତା ସଂକଳନ

# ପାଥେୟ ମୋ ଜୀବନ ଯାତ୍ରାରେ

# ଦୁଇପଦ କହିବା କଥା

ମନ, ସେ ପୁଣି ମୋ ପରି ଏକ ଠୋକରଖିଆ ଘାଉଲା ଜୀବୀର । ତା' ମରୁଭୂମି ପରି ନ ହୋଇ କଣ ବା ହେବ? ଏଇ ମନ ମରୁର ତାତିଲା ବାଲିରେ ଚାଲିଲା ବେଳେ ସମୟରେ ସାନ ବଡ଼ କେଉଁଠି କିମିତି ଭାବ-ଜଳାଧାରର ଦର୍ଶନ ମିଳେ । ସେ'ଠି ବସେଁ, ହସେଁ, ଗାଏଁ । ସେ ଗୀତ ବାନ୍ଧି ରଖିବାକୁ ଭାଷା ଖୋଜେଁ । ଭାଷା ଯେଉଁ ଅକ୍ଷରମାନଙ୍କ ମାଧ୍ୟମରେ ଦେଖାଦିଏ, ସେମାନେ ସେ ଗୀତ ସବୁ ଧରି ରଖିବାରେ କେତେଟା ସମର୍ଥ ହୁଅନ୍ତି କେ ଜାଣେ? ଅନେକ ଗୀତ ତ ଆକ୍ଷର ଆବେଷ୍ଟନୀକୁ ବି ଆସିବାକୁ ଅମଙ୍ଗ ହୁଅନ୍ତି । ଯେଉଁ କିଛି ଆସିଛନ୍ତି ତା'ରି ସମାହାର **'ପାଥେୟ ମୋ ଜୀବନ ଯାତ୍ରାରେ'** ।

ଆଧୁନିକ କବିତା ରାଜ୍ୟରେ ଏ ଗୁଡ଼ିକ କି ସ୍ଥାନ ପାଇବେ ସାହିତ୍ୟ-ଜୀବୀମାନେ ଜାଣନ୍ତି ।

ଏ ଗୀତି ଗୁଡ଼ିକ ମୋ ନିଜ ଗାଁରେ ପଢ଼ା ହୋଇଥିଲା ଗିରିଜା, ଜପ, କୃଷ୍ଣ ଭୋଇ, କୃଷ୍ଣ ପ୍ରଧାନ ଓ ମୋତିଲାଲ ବରିହା ଆଦିଙ୍କ ଗହଣରେ । ସେମାନେ ଉଚ୍ଚ ପ୍ରଶଂସା କଲେ, ଗୀତି ଗୁଡିକର ମାନ ନେଇ ଯେତିକି ନୁହେଁ, ବେଶୀ ସେମାନେ ମୋତେ ଭଲ ପାଆନ୍ତି ବୋଲି ବୋଧହୁଏ ।

ଅଧ୍ୟାପକ ଶ୍ରୀ ଜୟଦେବ ତନ୍‌ସନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀ ହରେକୃଷ୍ଣ ବହିଦାର, ସାଧକ ଶ୍ରୀ ମଧୁସୂଦନ ମିଶ୍ର, ଅଧ୍ୟାପକ ଶ୍ରୀ ଟେକ୍‌ଚାନ୍ଦ ଦେବାନ ଆଦି ସାହିତ୍ୟ-ସେବୀ ସମାଜ ଏ କବିତା ଗୁଡିକ ପଢ଼ି ଭଲ ମତ ଦେଲେ । ଫଳରେ ପୂଜ୍ୟ ପ୍ରପତ୍ତି ମହାଶୟଙ୍କ (ପଣ୍ଡିଚେରୀ) ଆଗରେ ତିନୋଟି କବିତା ପଢ଼ିବା ପାଇଁ କୁହା ହେଲି । ସେ ସଦାଶୟ ସତ୍ତା ଅତି ଆନ୍ତର ଉତ୍ସାହ ଦେଲେ ବୋଲି ପରବର୍ତ୍ତୀ କବିତାଗୁଡ଼ିକ ପାଇଁ କିଛିଟା ପ୍ରେୟ ପ୍ରେରଣା ପାଇଲି ଅଲକ୍ଷ୍ୟରେ । ଯାହାଙ୍କ ପ୍ରେରଣାରେ ଏମାନଙ୍କ ଜନ୍ମ, ସେହି ସଦାଶୟ ସତ୍ତା ଶ୍ରୀ ପ୍ରପତ୍ତିଙ୍କ ଗୋଡ଼ ତଳେ ସେମାନଙ୍କୁ ଗଡ଼ାଇ ଦେଲି ।

ବିନୀତ

**ହେମଚନ୍ଦ୍ର ଆଚାର୍ଯ୍ୟ**

# ପାଷାଣରୁ ମଣିଷ ପର୍ଯ୍ୟନ୍ତ

ପ୍ରସ୍ତରର ଶେଯ ଆଉ ତକିଆ ପ୍ରସ୍ତର
ପ୍ରସ୍ତରର ପହୁଡ଼ ସେ ଅନେକ ପ୍ରସ୍ତ ର;
କୋଳାକୋଳି ଅଙ୍ଗାଅଙ୍ଗୀ ସ୍ନେହ-ସରସର
ଅନେକ ଆକାର ଆଉ ଭିନ୍ନ ବୟସର
ପାଷାଣର ସିଏ ଏକ ସ୍ନେହର ପର୍ବ ତ,
ଆମେ ଦେଖି କହୁଁ ଖାଲି ଗୋଟିଏ ପର୍ବତ । ।୧

ତରୁର ଉପରେ ତରୁ; ତରୁ ମଧ୍ୟେ ତରୁ,
ମନା ନାହିଁ ପତ୍ରକା'ର କା' ମଧ୍ୟେ ସନ୍ତରୁ;
କାହାପରେ କେ ଆଉଜେ କେ ସାଉଁଲେ ଶିର;
ଶାଖା ଶାଖା ମଧ୍ୟେ ଭାଷା ସମବୟସୀର;
ପ୍ରୀତିର ଫସଲ ଫେଇ ବିସ୍ତୃତ ବନାନୀ
ଈର୍ଷା ନାହିଁ, ନାହିଁ ରଣ ଏଣୁ ଅରଣ୍ୟାନୀ । ।୨

କାକଳିରେ ଚର୍ଚ୍ଚା ହୁଏ ସବୁ ଧରମର
ସାରମର୍ମ, ଉତ୍ତରଇ ପତ୍ରର ମର୍ମର;
ଡେଣା ଝାଡି ଏକ ଆନେ ଜଣାଏ ପ୍ରଣତି
ପ୍ରୀତି ବାସ ଜୀବନର ପ୍ରେୟ ପରିଣତି;
ଏକେ ଆନେ ଚୁଟୁମାଏ ପ୍ରୀତିର ଆବେଶ ।
ଆମେ କହୁଁ ସେଇ ଗଛେ ପକ୍ଷୀ ସମାବେଶ । ।୩

ସ୍ଥିର ରଖେ ପଶୁପଲ ଦୃପ୍ତ ଗତି ତାର,
ଦେଖି ଗୋଷ୍ଠଚ୍ୟୁତି ଅଳ୍ପଗାମୀ କେ ସୱାର;

କିଏ ଘଷିହୁଏ ଦେହେ ଲେହନ କେ କରେ
ସମୂହ ପ୍ରଗତି ନୁହେ, ତେଜି ଏକକରେ ।
ସ୍ନେହ ଦିଆନିଆ ସେଠି ପ୍ରେମର ପ୍ରସାର
ଆମେ କହୁଁ ଗୋଠ ତାହା ପାଶବ ସଂସାର । ।୪

ପିପାସାର ଭୂମିକଂପ ମଣିଷ ଓଠରେ,
ବୁଭୁକ୍ଷାର ଉଦ୍ଗୀରଣ ଜନତା ଜଠରେ,
ଗ୍ରହଯୁଦ୍ଧ, ଗୃହଯୁଦ୍ଧ ନର ପରିବାରେ
ପାରିଲା ପଣିଆଁ ଖାଲି ମାରି ପାରିବାରେ ।
ମାପିବାକୁ ଚେଷ୍ଟା କରୁଁ ସଭ୍ୟତାର ହାର
ଅଲକ୍ଷ୍ୟରେ ମାତ୍ର ତାହା ସଭ୍ୟତାର ହାର । ।୫

■ ■ ■

# ବୁଡ଼ିଗଲା ବୋଝିଲା ଦେହଟି

ବୟସର ବନାନୀରେ ମନର ମୋ ହିରଣ୍ୟ-ହରିଣ
ବିବନ୍ଧନେ ବିଚରିଲା ନିଜ ଛନ୍ଦେ ନୃତ୍ୟ ବିରଚିଣ । ।୧

କଅଁଳିଆ ଘାସ ଆଉ କିଶଳୟ ସବୁ ଚାଖି ଚାଖି
ପଶିଲା ମହୁଲ ବଣେ, ମହୁଲିଆ ଗନ୍ଧ ହେଲା ମାଖି । ।୨

ନିଜ ସୁଖେ ନିଜେ ହଜି ପ୍ରଚାରିଲା ନିଜ ପରିଚିତି
ଗଜାଇଲା ଶିଙ୍ଘ ଶିରେ ଘଷିହେଲା ଗଛ ବୁଦା ମାଟି । ।୩

ପଜାଇଲା ଶିଙ୍ଘ ଆଉ ବଜାଇଲା ନିଜର ନାଗରା
ହଜାଇଲା ବାଟ, ବୋହି ବୋଝ ତାର ଦେହର ପସରା । ।୪

କ୍ଲାନ୍ତି ନେଇ ଶ୍ରାନ୍ତି ନେଇ ଉପଗତ ବନାନୀର ତୀରେ
ବୟସର ଛାଇ ମାପି ଗଛ ସବୁ ଉଭା ଶୁଷ୍କ ଶିରେ । ।୫

ପାଦ ମାପି ପଛେ ପଛେ ପହଞ୍ଚିଛି କାଳର କିରାତ
ଦେହର ବାହାରେ ବୁଲେ ଦେହୀ ନେଇ କାମନା ବିରାଟ । ।୬

ଲମ୍ଫ ଦେଲା ହରିଣଟି, ଉପକଣ୍ଠେ ସୁଗଭୀରା ନଈ
ବୁଡ଼ିଗଲା ବୋଝିଲା ଦେହଟି ତାର, ଉବୁଟୁବୁ ଦେହୀ । ।୭

■ ■ ■

# ହଜିଗଲା ଚାବିକାଠି ମୋର ଗାଧୁଆ ତୁଠରେ

ଘରେ ମୋର ଅଜସ୍ର ଆଲୁଅ ପରାଜିତ ପାବକର ତେଜ,
ଜ୍ୟୋସ୍ନା ପାଏ ଲାଜ ଆଉ ପରାଭବ ମାନେ ଦିନକର ଓଜ । ।୧

ସେ ତେଜରେ କେତେ ଶାନ୍ତି ବୋଳା ଝରୁଥିଲା କେତେ ଶୀତଳତା
ଆନନ୍ଦର ଅନନ୍ତ ପ୍ରଲେପ କେବେ ଥିଲା ନାହିଁ ଶିଥିଳତା । ।୨

ସେଇ ଘରେ ଐଶ୍ୱର୍ଯ୍ୟ-ପେଟିକା କେ କହିବ କେତେ ମୂଲ୍ୟବାନ
ଜଗତର ସବୁ ଧନରତ୍ନ ତୁଳ ହେଲେ ହେବେ ହୀନିମାନ । ।୩

ମୃତ୍ୟୁ ସେଠି ଛଟପଟ କେତେ ବିସ୍ମୃତିର ବିତଳ କୂପରେ
ଶୋକ, ଶୋକାକୁଳ ପଶିପାରେ ନାହିଁ ବୋଲି କିଛି ବି ରୂପରେ । ।୪

ସେ ଘର ଅଗଣା ଡେଇଁ ଆସିଲି ମୁଁ ଦିନେ କୁତୁହଳ ନେଇ
ମୋ ଐଶ୍ୱର୍ଯ୍ୟ ପରି ଅଛି କାହିଁ ଦେଖି ଖାଲି ଫେରିଯିବା ପାଇଁ । ।୫

ଅନ୍ଧାର ତ ସହଜେ ଅନ୍ଧାର ଆଲୁଅ ବି ଆହୁରି ଅନ୍ଧାର
ବୁଲି ବୁଲି ପଚାରିଲେ ଶୁଣେ, ଲୋକେ ତାକୁ ବୋଲନ୍ତି ସଂସାର । ।୬

ଯେଉଁଠାରେ ପଶିଲି ମୁଁ ସେଇଠାରେ ହେଲି ବାଟବଣା
ପଚାରିଲି ବାଟ କେ କହନ୍ତା? କାହାରେ କି ବାଟ ଥିଲା ଜଣା? । ।୭

ଯେଉଁଠାକୁ ଗଲି ସେଠି କିଛି ନ ପାଇଲି, ଆହରିଲି ମଳି
ରାଜପଥ ହୋଇଥାଉ ଅବା ହୋଇଥାଉ ମନ୍ଦିରର ଗଳି । ।୮

ସେ ମଳି ଧୋଇବା ପାଇଁ ବୁଲେ କେତେ ସିନ୍ଧୁ କେତେ ତରଙ୍ଗିଣୀ
ତୁଠ ଦେଖି ବୁଡୁଥିଲି ଖୋଜି କେତେ ଝର କେତେ ପୁଷ୍କରିଣୀ ।।୯

କେତେ ରକ୍ତ କଲି ପାଣି କେତେ ପାଣି କେତେ ଯେ ତୁଠରେ
ପିଇପିଇ କାନ୍ଦୁଥାଏଁ ସିନା ଅଜାଣତେ ଆକୁଳ କଣ୍ଠରେ ।।୧୦

କେତେ କେତେ ଆସି ମୋ ସଙ୍ଗରେ ଯୋଡ଼ିଦେଲେ କେତେ ଆତ୍ମୀୟତା
କେତେ ମିଛ ସେ ସଂପର୍କ ସତେ ରଙ୍ଗମଞ୍ଚେ ସେ ନାଟକୀୟତା ।।୧୧

ଆସିବାର ପାଦଚିହ୍ନ ଲିଭେ, ଭୁଲିଗଲି ଆସିବା ବାଟରେ
ଫେରି କି କରନ୍ତି? ହଜିଗଲା ଚାବିକାଠି ଗାଧୁଆ ତୁଠରେ ।।୧୨

■ ■ ■

# ସାଙ୍ଗ ମୋର କେତେ ଅକୃତଜ୍ଞ

ମୁଁ ଆଉ ମୋର ସେ ସାଙ୍ଗ ଆମେ କେତେ ଅନ୍ତରଙ୍ଗ
ଗଡି ନେଇ ଜଗତକୁ ଆସିବାର ଦିନୁ ।
ଛଡ଼ାଛଡ଼ି ହେବା ଲେଶେ ଜାଣେନା ମୁଁ, ଜାଣେନା ସେ
ନିଜ ପରିଚିତି ମୋର ନାହିଁ ତାର ବିନୁ । ।୧

ସେ ଖାଇଲେ ତୁଷ୍ଟ ମୁହିଁ ଜଗେଁ ସେ ରହିଲେ ଶୋଇ
ତାହାରେ ଦରଦ ହେଲେ ମୁହିଁ ପାଏଁ ବ୍ୟଥା
ସାଙ୍ଗ ମୋର କେତେ ପ୍ରିୟ ଅହରହ ସିଏ ଧ୍ୟେୟ
ତା ରୁଚିକି ନେଇ ମୋର ସବୁ ତନ୍ମୟତା । ।୨

ତା ମଙ୍ଗଳ ଅନୁକ୍ଷଣ କରି କରି ଅନ୍ୱେଷଣ
ସରି ସରି ଯାଉଥାଏ ଦିନମାନ ମୋର,
ମୋ କଥା ନ ଥାଏ ମନେ ବୁଡ଼ିରହେ ବିସ୍ମରଣେ
ମୋ କଥା କହିଲେ ସିଏ ଅସହିଷ୍ଣୁ ଘୋର । ।୩

ବାପା ବଡ଼ବାପା ମାନେ କହୁଥଲେ "ଅକାରଣେ
କରୁ କିପାଁ ଏ ସାଙ୍ଗରେ ଏତେ ସମାଦର,
ଏ ସାଙ୍ଗର ସୁଖ ଜଗି ଦୁଃଖ ତୁ ଆଣନା ମାଗି"
ତାଙ୍କ କଥା ଶୁଣି ବି ମୁଁ କଲି ବେଖାତର । ।୪

ଯହିଁ ଯେତେବେଳେ ଗଲି ତା ପାଇଁ କରିଛି କଳି
ରଖିବି ବୋଲି ମୁଁ ତାକୁ ସୁନ୍ଦର ସରସ;

ମୋର ସବୁ ବୁଦ୍ଧିବୃତ୍ତି ତା ପାଇଁ କରି ଆବୃତ୍ତି
ବାଟ ଛାଡ଼ି ଅବାଟରେ ଗଲି ଅହର୍ନିଶ ।।୫
ଆସିଲା ସେ ମହାଦିନ ଆମେ ଦୁହେଁ ହେଲୁ ଭିନ୍ନ
ପାଞ୍ଚ ହୋଇ ଆସିଲେ ତା ଘରୁ ଆପଣାର;
ସାଙ୍ଗକୁ ସେମାନେ ତୋଳି ନେଲେ, ସେ ଟିକେ ବି ଭାଳି
ନ ପାରିଲା, ମୋର ସବୁ କଲା ଉପକାର ।।୬

ନୀରବେ ସେ ଗଲା ଚାଲି ମୁଁ ରହିଲି ଭାଳି ଭାଳି
ତା ପାଇଁ ଯା କରିଥିଲି, ସିଏ ହେଲା ଅଜ୍ଞ;
କରିଥିଲି ଯାହା ଯାହା ଡରାଇଲେ, ନାହିଁ ରାହା,
ଶରୀର ସେ ସାଙ୍ଗ ମୋର କେଡେ ଅକୃତଜ୍ଞ ।।୭

■■■

# କେଉଁ ଲାଜେ ବୋଲାଇବି କବି

ବିତାଇଛି ବହୁ ବେଳା ଲେଖିବାକୁ କିଛି ବି କବିତା,
ଶୀତାଇଛି ଦେହ-ଲତା ଭାବୀ-ରସେ ହୋଇ ଉଲ୍ଲସିତା । ।୧

ଅନ୍ତରୀକ୍ଷେ ନିରେଖିଲେ ଭାବନା ମୋ ହୋଇଯାଏ ଅନ୍ତ
ଗନ୍ତବ୍ୟ ବିସ୍ମରି ବୁଲି ଖୋଜେ କା'ରେ ସେ ଦିଗ ଦିଗନ୍ତ । ।୨

ଗ୍ରହ-ତାରା-ଲିପି ନେଇ ତୋଷେ କିଏ ଲେଖିବା ଆଗ୍ରହ
ସହସ୍ର ରସରେ ସିକ୍ତ ଚିତ୍ତହରା ଭାବ ଶହ ଶହ । ।୩

ତରୁ ଦେହେ ଦିଶେ ତାର କାନ୍ତରସ ବିତରୁ ବିତରୁ
ମରୁଭୂମେ ଝରିଯାଏ ଭୀମ ରୂପ ତାର କଲମରୁ । ।୪

ବାସବର ଧନୁ କହେ କାବ୍ୟେ କେତେ ରଙ୍ଗର ନିବାସ
ଭାସମାନ ମେଘେ ଦିଶେ ବ୍ୟଞ୍ଜନାର ଆବୃତ ଆଭାସ । ।୫

ବାରିଧିର ବୀଚି ତାଳେ କାବ୍ୟର ସେ ଛନ୍ଦ ହୁଏ ବାରି
ସରିତାରେ କାବ୍ୟ ରସ ଆପେ ଆପେ ଯାଉଛି ପ୍ରସରି । ।୬

ସ୍ୱର ଦିଏ ସମୀରଣ କାନ ଖୋଲିଦିଏ ଏ ବିଶ୍ୱର
ସ୍ୱରଚିତ କାବ୍ୟ ପାଠ କରେ, ଶୁଣ ! ନିଜେ କବୀଶ୍ୱର । ।୭

କବିତା କି ଲେଖିବି ମୁଁ କେଉଁ ଲାଜେ ବୋଲାଇବି କବି
ହେ ବିଶ୍ୱ କାବ୍ୟର ସ୍ରଷ୍ଟା! କେଉଁ ଦିନ ପାଠକ ତୋ ହେବି? । ।୮

■ ■ ■

# ଯେ ଜନ ସତେ ଦେଖିବା ଜାଣେ ଆଖି ନ ଥିଲେ କି ବନ୍ଦ ହୁଏ

ଅନ୍ଧଟାଏ;
ହାତରେ ତାର ଭିକ୍ଷାଝୁଲି,
ଚାଉଳ ପୁଞ୍ଜେ ଛୁଉଁଛି ତଳି,
'ଆହା' ପଦ ଯା ପଡୁଛି ଝରି; କାନ ପାତ୍ରରେ ଗୋଟାଉଥାଏ ।
ଅନ୍ଧଟାଏ ସେ ଅନ୍ଧଟାଏ । ।୧

ଅନ୍ଧଟାଏ;
କେ କହେ ଦେଖି ନଷ୍ଟ ଆଖି,
ସିଏ ନିତାନ୍ତ ନିରିମାଖି,
ସୁନ୍ଦରତା ସେ ପାରେ ନି ଚାଖି, ବିଶ୍ୱସାରା ଯା ଝଟକୁ ଥାଏ ।
ଅନ୍ଧଟାଏ ସେ ଅନ୍ଧଟାଏ । ।୨

ଅନ୍ଧଟାଏ;
ସୂର୍ଯ୍ୟ ଉଇଁଲେ ଜାଣେ ନା ସିଏ,
ଦିବସ ହେଲେ ତାର କି ଯାଏ,
ଜୀବନ ସାରା ତାହାରି ହାଏ! ଦୀର୍ଘ କେବଳ ରାତ୍ରିଟାଏ;
କେବେ ନ ପାହେ । ଅନ୍ଧଟାଏ । ।୩

'ଅନ୍ଧନୁହେ',
ମୋହରି ସ୍ୱର ମୋହରି କାନେ,
ପଡ଼ିଲା ପରି, ପଡ଼ିଲା ମନେ,
ଯେ ଜନ ସତେ ଦେଖିବା ଜାଣେ, ଆଖି ନ ଥିଲେ କି ବନ୍ଦ ହୁଏ?
ଅନ୍ଧ ନୁହେ ସେ ଅନ୍ଧ ନୁହେ । ।୪

ଅନ୍ଧସିଏ,
ନୟନ ଯା'ର ବୟସ-ବିଷେ,
ଅୟନ ହାରି କିଛି ନ ଦିଶେ,
ଧନ ସହିତେ କ୍ଷମତା ମିଶେ, ଦେଖିବାରେ ଯା ଦ୍ୱନ୍ଦ ହୁଏ ।
ଅନ୍ଧ ସିଏରେ ଅନ୍ଧ ସିଏ । ।୫

ଅନ୍ଧହୁଏ,
ଗୃହଟି ଯାହାର ସାହାଣ ମେଲା,
ଯିଏ ଆସିଲା ସିଏ ପଶିଲା,
ମନ-ମଞ୍ଚରେ ବସିଲା ମେଳା,
ଭିତର ମଣିଷ ଧନ୍ଦି ହୁଏ ।
ଅନ୍ଧ ହୁଏ ସେ ଅନ୍ଧ ହୁଏ । ।୬

ଅନ୍ଧହୁଏ,
ଭିତର ମଣିଷ କହଇ କଥା,
ଫିଟାଇ ତାର ମରମ ବଥା,
ଅଜାଣତରେ ହୁଅଇ ଅଥା, ନ ଶୁଣିଲେ ସେ କାନ୍ଦି ହୁଏ ।
ଶୁଣେନା ଯିଏ ସେ ଅନ୍ଧ ହୁଏ । ।୭

ଅନ୍ଧନୁହେ,
ପୁରାଣ ପୁରୁଷ ଭିତରେ ରହେ,
ଅନ୍ତରପୁରୀ ଉଜଳୁଥାଏ,
ବାଞ୍ଛିତ ନୋହି ଆସିବ କିଏ? ନେତ୍ର-ଦୁଆର ବନ୍ଦ ଥାଏ ।
ଅନ୍ଧ ନୁହେ ସେ ଅନ୍ଧ ନୁହେ । ।୮

ଅନ୍ଧଯିଏ,

ନୟନ-ଦୁଆର ବନ୍ଦ କରି,

ସ୍ପନ୍ଦନ ତା'ର ଶୁଣଇ ବାରି,

ବନ୍ଦନ କରି ଚରଣ ତା'ରି, ଭିତର ମଣିଷ ନିରେଖୁଥାଏ

ମନ୍ଦ ନୁହେଁ ଯେ ଅନ୍ଧହୁଏ । ।୯

*(ଅଥା - ସମ୍ବଲପୁରୀ ଶବ୍ଦ । ବହୁତ ଥକିଯିବା । (ଅ+ସ୍ଥା))*

■ ■ ■

# କହିବାକୁ ନ ଫେରନ୍ତି କେହି

ସ୍ୱ-ମୁଦ୍ରାରେ ଆମୋଦିତ ସମୁଦ୍ରର କାୟା ରହିଛି ବିସ୍ତରି,
ତା ଉପରେ ସମଲକ୍ଷ୍ୟେ ଧାବମାନ ପରା ସଂଖ୍ୟାହୀନ ତରୀ । ।୧

'ଚାଲରେ ଚାଲରେ ଚାଲ ଚଞ୍ଚଳ' ଚଉଦିଗେ ଚହଟେ ଚହଳ
ସମୟର ସହିତରେ ସନ୍ଧି ସମ୍ଭବାଅ ସହଳ ସହଳ । ।୨

କାଖେଇ କେ ନିଜ ତନୁଜରେ କିଏ ଅବା କନ୍ୟା କର ଧରି
କଡ଼େ କଡ଼େ କିଏ ଚାଲେ କଳତ୍ରର କାନ୍ଧ ସ୍ୱକରେ ଆଦରି । ।୩

କିଏ ଗୋତ୍ର-ମିତ୍ର-ମେଳେ ଚାଲେ ପକାଇଣ ପାଦ ବେଗ ବେଗ
ଏକା ଏକା ଚାଲେ କିଏ ମନେ ଏକୀଭୂତ ଅନେକ ଆବେଗ । ।୪

ନବ ନବ ଆଭରଣ ଆଣି ସଜାଏ କେ ଆପଣାର ତରୀ
ତରୀଭାର ଉଶ୍ୱାସିବ ବୋଲି ଆପେ କିଏ ଯାଉଛି ସନ୍ତରି । ।୫

ତରୀ-ମଙ୍ଗେ ଓହଳାଏ କିଏ କେତେ କେତେ ରକମର ମାଳ
ଉଡ଼ାଏ କେ ଗେରୁଆ ପତାକା, ଚିତ୍ରିଦିଏ କାହିଁ ତରୀଆଳ । ।୬

ତରୀଟାକୁ ଧୋଇବାରେ ଅବା ଅନେକର ଯାଉଛି ସମୟ
କାହା ତରୀ ଧୁଆ ହୁଏ ନାହିଁ ତରୀ ସାରା ଶିଉଳି-ଆମୟ । ।୭

କେଉଁ ତରୀ ଭଗ୍ନକାୟ, ସଦା ସଜାସଜି ଲାଗେ କେଉଁ ତରୀ
ବାତ୍ୟାରେ ବି କମ୍ପେନା କେ ତରୀ, ଛୋଟ ପବନେ କେ ଯାଏ ଥରି । ।୮

ନିଜ ତରୀ ବାହିନେବ ନିଜ ଇଚ୍ଛାମତେ ନାବିକ-କାମନା
ଅଲକ୍ଷ୍ୟ ସେ ପବନର ସୁଅ ସଂଗେ ସଂଗେ କରିଦିଏ ମନା । ।୯

ସମୁଦ୍ରର ଶେଷ ହୁଏ କାହିଁ? କେଉଁଠାରେ ଯାତ୍ରା ହୁଏ ଶେଷ?
ନାବିକର ଦେଖା ମିଳେ ନାହିଁ ତରୀ ମାତ୍ର ଦିଶେ ଅବଶେଷ । ।୧୦

ତରୀର ସେ କାଠପତ୍ର ସବୁ ଆହରନ୍ତି କାଠୁରିଆମାନେ
କହିବାକୁ ନ ଫେରନ୍ତି କେହି, କିସ ଥିଲା ସେ ଯାତ୍ରାର ମାନେ । ।୧୧

ସେ ଯାତ୍ରାକୁ ଅନେକେ କହନ୍ତି ତରୀ ନେଇ ସମୁଦ୍ର-ସେବନ
ପଛେ ଥିବା ତରୀଆଳ ସବୁ ତାକୁ କହି ହୁଅନ୍ତି ଜୀବନ । ।୧୨

*(ତରୀଆଳ - ତରୀ ଚଳାଏ ଯେ । (ତରିଆ ସମ୍ବଲପୁର ଅଞ୍ଚଳରେ କେଉଟମାନଙ୍କର ସଂଜ୍ଞା))*

■ ■ ■

# ମୋ ଭ୍ରମଣ ଥିଲା କେତେ ଭ୍ରମ

ଚଢ଼ି ଚଢ଼ି ସମୟ ସୋପାନ ବଢ଼ାଇଛି ହାତ ମୋର ଉଚ୍ଚୁ ଉଚ୍ଚତର
ପାଇବା ପ୍ରତ୍ୟୟ ନେଇ କେତେ ପ୍ରତୀକ୍ଷାରେ ବିତାଇଛି ମୋର ପ୍ରତିକ୍ଷଣ ।
ଦେହଟାକୁ କ୍ଲେଶ ହାତେ ଟେକି ମନଟାରେ କରିଅଛି କେତେ ଯେ କାତର;
ଜୀବନଟା ଅନ୍ୟ କିଛି ନୋହି ମୋହ ପାଇଁ ହୁଏ ମାତ୍ର ଏକ ଅନ୍ୱେଷଣ । ।୧

ଅନାୟତ୍ତ ଆଶାର ସେ ଅଦୃଶ୍ୟ ଦଉଡ଼ି ବନ୍ଧା ହୋଇଥିଲା ମୋର ଗଳେ,
ବୟସର ଚମ ସବୁ ଯାଉଥିଲା ଉଠି ନିରିମମ ସେଇ ଆକର୍ଷଣେ;
ପହଁରିଲି ନଈ ନାଳ କେତେ, ବୁଲିଛି ମୁଁ କେତେ ତୋଟା କେତେ ବିଲମାଳେ,
ନ ଦେଖିଲି ତାରେ, ପାଇବାକୁ ଘୁରି ହୁଏଁ ଝୁରିହୁଏଁ ଯା'ରେ ଅନୁକ୍ଷଣେ । ।୨

ଅସୁମାରି ବହି ମଧ୍ୟେ ଖୋଜିଛି ତାହାକୁ ଛାଡ଼ିନାହିଁ ସଭା କି ସମିତି,
ଖୋଜିଛି ମୁଁ ଚାଷଜମି ଲଙ୍ଗଳର ମୁନେ, ଦୋକାନର ତରାଜୁ ଦଣ୍ଡିରେ;
ବୁଲିବୁଲି ବହୁ କାର୍ଯ୍ୟାଳୟ ପାଇ ନାହିଁ, କରି ବି ମୁଁ କେତେ ରାଜନୀତି,
ପାଇ ନାହିଁ ଧର୍ମଶାଳା କରି, ନିତି ପ୍ରତି ଉପସ୍ଥିତ ରହି ବି ମନ୍ଦିରେ । ।୩

ଖୋଜିଛି ମୁଁ ଅନ୍ତରୀକ୍ଷେ ଉଡ଼ି, ପାଇବାକୁ ଖୋଳିଅଛି ଚନ୍ଦ୍ରଭୂମି ମାଟି,
ବୁଡିଛି ମହାସମୁଦ୍ରେ, ମଣି ମୁକ୍ତା ମେଳେ ଥିବ ବୋଲି ସେ ମହାର୍ଘ ଧନ;
ପାଇନାହିଁ ଭୂତଳର ଅତଳ ଗର୍ଭକୁ ସ୍ତର ଆଉ ସ୍ତର ପରେ କାଟି,
ପାଇଯିବି ବୋଲି କଲି ସାନ ବଡ଼ ସବୁ ନଦୀ ସ୍ରୋତରେ ବନ୍ଧନ । ।୪

ହଜିଥିବ ଅବା ଚାଲି ଆସିଥିବା ବାଟେ ଯାହାକୁ ମୁଁ ଖୋଜେଁ ଅବିରତ,
ପକାଇ ଦେଇଛି ତା'ରେ କାହିଁ କେଉଁଠାରେ ଅଜାଣତେ ଉତଳା ମନରେ;

ଫେରିଗଲି ପାଦ ମାପି ମାପି ଅତିକ୍ରମି ଆସିଥିବା ସବୁ ଚଲାପଥ;
କାହିଁ ହାଏ! ନ ପାରିଲି ଦେଖି, ଠାଏ ହେଲେ କେଉଁଠାରେ ମୋ ପାଦଚିହ୍ନରେ । ।୫

ଯେଉଁଠାରେ ନାମ ମୋର କରିଥିଲି ପ୍ରଚାର ପ୍ରସାର କରି କେତେ ଶ୍ରମ,
ସେହିଠାରେ ନ ଜାଣନ୍ତି କେହି ନାମ ମୋର ମୁହିଁ ସେଠି ଜୀବ ଅନାମିକା;
ପ୍ରତୀକ କି ଥିଲା? ମୋତେ ଚିହ୍ନିବାରେ ଆହା ମୋ ଭ୍ରମଣ ଥିଲା କେତେ ଭ୍ରମ;
ଜନ-ଜଳଧିରେ କେତେ ନିସଙ୍ଗ ନିରୀହ ରଖିଥିଲା ମୋତେ ଅହମିକା । ।୬

ଫେରିବା ନ ହେଉଁ ଶେଷ ଦେଖିଲି ମୋ ମନର ମୁକୁରେ କେତେ ଧୂଳି ଜମା,
ଛାଇଟିଏ ଦେଖୁଥିଲି ଦୋ ଦୋ ଚିହ୍ନା ହୋଇ ଦିଶୁଥିଲା ମୋର ଅନୁରୂପ;
ବେଳ କାହିଁ, ବଳ କାହିଁ, କାହିଁ ବା ସମ୍ବଳ ? କରିବି ସେ ଛାଇର ତର୍ଜମା;
ପାରିଥିଲେ ପାଇଥାନ୍ତି ଯାହା ଖୋଜୁଥିଲି ଶାଶ୍ୱତ ସେ ସୁଖଶାନ୍ତି ରୂପ । ।୭

■ ■ ■

# ମଣିଷ ସତ୍ତା ଚୋରି ହେଲା ଦିନେ

ମଣିଷ ସତ୍ତା ଚୋରି ହେଲା ଦିନେ କେହି କି ଜାଣିଲେ ନାହିଁ,
ମାତ୍ର ଥୋକାଏ ଭାଗ କରିନେଲେ ଆନମାନେ ଥିଲେ ଚାହିଁ । ।୧

ପ୍ରହରୀ କି ଠକି ଲୁଚି ଆସିଥିଲା ମଣିଷ ବହୁତ ଦୂରେ
ଭ୍ରାନ୍ତ ହୋଇ ସେ ପଶି ପଶୁଥିଲା ନ ପଶିବା ବହୁ ପୁରେ । ।୨

ଦଂଶନ କରେ ଦିବ୍ୟ ହେବାର ଭବ୍ୟ ଭାବନା ତା'ର
ଅପହୃତ ଯହିଁ ମଣିଷତା କାହିଁ ଦିବ୍ୟତା ଅଧିକାର । ।୩

ହାଡ଼ ଚମ ଆଉ ମାଉଁସର ଖୋଳେ ମୂର୍ତ୍ତ ମଣିଷ ଜୀବ
ଆର୍ତ୍ତ ହୋଇ କି ଚିତ୍କାର କରେ ଅନେକେ ବି ଶୁଣିଥିବ । ।୪

X X X

ଜୁର କରିଥିବା କ୍ରୁର ସେ ସର୍ବେ ମଣିଷରୁ ନେଲେ ଯାହା
ନିଜ କର୍ମରେ ଲଗାଇ ନ ପାରି ମଣିଷରେ କଲେ ଆହା । ।୫

ସଞ୍ଚିତ ଥିଲା ତାଙ୍କରିଠାରେ ଥିଲା ନାହିଁ ଅପଚୟ
କିଞ୍ଚିତ ହେଲେ ହୋଇ ନ ପାରିଲା ତାହାର ବିନିମୟ । ।୬

ଯିଏ ଯାହା ନେଲା ବଢ଼ିଯାଇଥିଲା ଶତ ସହସ୍ରର ଗୁଣେ
ମଣିଷକୁ ଆଣି ଫେରାଇ ଦେବାରେ ବ୍ୟସ୍ତ ସେ ଜଣେ ଜଣେ । ।୭

ପକ୍ଷୀ ଫେରାଏ ଉଡ଼ିବା ଶକ୍ତି ଉଡ଼ିବ ଉଚ୍ଚତରେ
ହିଂସ୍ର ପଶୁଏ କେତେ ଯେ ହିଂସା ନିର୍ବାଧେ ଦେଇଗଲେ । ।୮

ପାଷାଣର ଭାଗେ ପଡ଼ିଥିଲା ହୃଦ ଫେରାଏ କଠିଣ କରି
ଏ ଯାଏ ବି କାହିଁ ମଣିଷ ଖୋଜେନି କାହିଁ ତା'ର ପ୍ରହରୀ । ।୯

■■■

# ଜଳନ୍ତା ଏ ପୋତ ପାଇଁ ପୋତାଶ୍ରୟ କାହିଁ?

ଅନନ୍ତ ଆକାଶେ ଭାସେ ପୋତ ଏକ ଅଗଣନ ଯାତ୍ରୀ;
କେତେ ଦିନୁ? ଗଣୁଥିବ ଦିନକର; ଚନ୍ଦ୍ର ଗଣେ ରାତ୍ରି ।।୧

ଯାତ୍ରୀଟାରେ ଇଚ୍ଛାଟାଏ ପୋତ ମଧ୍ୟେ ହୋଇଛନ୍ତି ବୁଣି,
କାହା ସଂଗେ କେ ନ ମିଶେ, କିଏ କା'ରେ ନେଉଥାଏ ଟାଣି ।।୨

ବିରାଟ ଏ ପୋତଟିରେ ଛୋଟ ବଡ଼ କେତେ ଯେ କୋଠରୀ,
ଯାତ୍ରୀ ସବୁ ଦଳ ବାନ୍ଧି ଗଢ଼ିଛନ୍ତି କେ କିସ ବିଚାରି ।।୩

ରଙ୍ଗ ବେରଙ୍ଗର କାନ୍ଥ କେଉଁ ଦଳ କରିଅଛି ଠିଆ,
ମୌଖିକ ଶବ୍ଦରେ ବାଡ଼ ବୁଜିଅଛି କେ ଦଳ ମୁଖିଆ ।।୪

ବିଭବରେ କେଉଁ ଦଳ ନିଜ କାନ୍ଥ କରିଅଛି ଟାଣ;
କା' କାନ୍ଥ କେ ଛୁଇଁଦେଲେ କାହାର ବା ଛାଡ଼ିଯାଏ ପ୍ରାଣ ।।୫

ପେଟପୂରା ଗ୍ରାସେ କିଏ ମାତିଥାଏ ସପନ ବିଳାସେ;
କେ ଶୁଣି ଭୋକ-ଭୈରବୀ ବୁଦ୍ଧିହରା ଶୋଷ ଉପବାସେ ।।୬

ବିଭବର ମଦ କାହିଁ ସରଜଇ କେତେ କେତେ ବାଦ;
ମୁଠେ ଅନ୍ନ ସହସ୍ରର କାହିଁ ଅବା ହେଉଛି ପ୍ରସାଦ ।।୭

ଅଭେଦ୍ୟ ସେ ବାଡ଼ ସବୁ କାହାରେ କେ ଦେଖିପାରେ ନାହିଁ;
ଅସୂୟା-ସର୍ବସ୍ୱ ସର୍ବେ କାହା ଭଲ କେ ନ ପାରେ ସହି ।।୮

କାହା କୋଠରୀକି କିଏ ଜାଳିଦେବ ନିମିଷକେ ଆଜ
ଖାଇବା ମୁଠାକ ବିକି କିଏ ହୁଏ ପ୍ରତିରୋଧେ ସଜ ।।୯

ଜଳିଯିବ ଜଳିଯିବ ମହାପୋତ ଆଉ ରକ୍ଷା ନାହିଁ;
ଜଳନ୍ତା ଏ ପୋତ ପାଇଁ କହ ଯାତ୍ରି ! ପୋତାଶ୍ରୟ କାହିଁ? ।।୧୦

■ ■ ■

# ମୃତ୍ୟୁ ପରେ କ୍ରନ୍ଦନ ତାର ପରିଜନେ ଯାଏ ଦେଇ

ଛୋଟିଆ ପରଜାପତି,
ରଙ୍ଗମାଖି ଅଙ୍ଗସାରା ସଙ୍ଗ ଖୋଜେ ଆତ୍ମହରା
ଦୁଃଖ ଭୁଲି ପକ୍ଷମେଲି ଗାଏ ନିଜର ଗୀତି;
ଏଇ ତାଂର ପରିଚିତି ।
ଛୋଟିଆ ପରଜାପତି ।।୧ ।।

ନ ଆସୁଁ ସକାଳ ଖରା,
ପତ୍ର ପାତି ପଦ୍ମକଳି ମିତ୍ରେ ଚାହେଁ ପକ୍ଷ୍ମମେଲି
ସପ୍ତସୁରେ ବଂଶୀବାଏ ଭଅଁର ଚିତ୍ତହରା ।
ଗାଏ ଜୀବନସାରା
ନ ହେଉଁ ସକାଳ ଖରା ।।୨ ।।

କାକଳି ଗୀତର ସୁଅ,
କାକର ମଖା ସକାଳ କୋଳେ କୁଳୁ କୁଳୁ ସେ କହିଣ ଚାଲେ
କାନ୍ଦକୁ କେ ଜୀବନ ବୋଲେ? ପୋଛରେ ପୋଛ ଲୁହ ।
ଜୀବନ ଗୀତି ଗାଅ ।
କାକଳି ଗୀତର ସୁଅ ।।୩ ।।

ନ ହସି ରହିଛି କିଏ?
ହସଇ ତରୁ ପତର ଓଠେ ସଂଗୀତେ ତା କୁସୁମ ଫୁଟେ,
ଫଳ ଦାନରେ ସଫଳ କରେ ଜୀବନ-ଧର୍ମ୍ମ ସିଏ ।
ଦୁଃଖ ତା'ରେ କି ଦହେ?
ନ ହସି ରହିଛି କିଏ ।।୪ ।।

ଅସରା ବିଳାପ ନେଇ
ଜନ୍ମନିଏ ମଣିଷ ଜାତି ଜୀବନ ସାରା ଭୋଗଇ ତାତି
ମୃତ୍ୟୁ ପରେ କ୍ରନ୍ଦନ ତା'ର ପରିଜନେ ଯାଏ ଦେଇ ।
ହସିବାର ଶିଖେ ନାହିଁ ।
ଅସରା ବିଳାପ ନେଇ । ।୫ । ।

■ ■ ■

# ମୋର 'ମୁଁ'ର ପରିଧି ଡେଇଁ ମୋ ଦେବତା ଆସିପାରେ ନାହିଁ

ଜୀବନ-ପ୍ରବାହେ ଆବିଷ୍କାର କରେଁ ହଜିଯାଇଥବା ଆପଣାରେ,
କେତେ ନିସହାୟ ଆଉ ନିରୂପାୟ ମୁହିଁ ମୋର ନିଜ ଅଗଣାରେ । ।୧ ।

ଧାଇଁଆ ଦୁଃଖର ଧାରେ ନିତିଦିନ କେତେ କେତେ ହୁଏ ମୁଁ କରତି;
ଅଜଣା ଅଲଭା ସୁଖ ଆଶା ସହ ମନେ ରଚେଁ କେତେ ଯେ ପୀରତି । ।୨

ଝଡ଼ ଝରା ପତ୍ର ପରି ସିନା ଘୂରାଇଛି କେତେ ଏ ମୋର ସତ୍ତାରେ
ହସିଛି କାନ୍ଦିଛି କେତେ ଡାକି ଡାକି ଅସହାୟେ ମୋର ଦେବତାରେ । ।୩

ଦୟାଳୁ ଦେବତା ମୋର ଆସିଅଛି ପୁରେ ମମ ନୋହି ନିରିମମ
ଲୁଚିଯାନ୍ତି ଭୟ ମାନେ ଫୁଲିଯାନ୍ତି ସବୁ ଯେତେ ଆଶା ମନୋରମ । ।୪

ମୁଁ ମୋର କେନ୍ଦ୍ରବିନ୍ଦୁରେ ଠିଆ ରହି ନିରେଖେଁ ମୋ ବୃତ୍ତ ପରିଧିରେ
ଓଃ କେତେ ଯେ 'ମୁଁ' ଖାଲି 'ମୁଁ'ର ସେ ବାଡ଼ ବନ୍ଦୀ ବିଶେଷ ବିଧିରେ । ।୫

ଏତେ 'ମୁଁ' ଥିବା କାହିଁ ଜାଣିନାହିଁ, ଆଣିନାହିଁ ଉପଯୋଗେ ଦିନେ
ଦେଖି କେତେ ଆର୍ତ୍ତଜନେ ଥୋଇନାହିଁ ଏଇ 'ମୁଁ'କୁ ସେମାନଙ୍କ ସ୍ଥାନେ । ।୬

'ମୁଁ'କୁ ମୂରୁଛି ଥିଲେ ବହୁକିଛି ପାଇଥାନ୍ତି ବିନିମୟେ ତା'ର
ସାଇତି 'ମୁଁ' ନିଃସ୍ୱ ସିନା ହେଲି ଶେଷେ ଖାଲି ଏକ 'ମୁଁ'ର ଭଣ୍ଡାର । ।୭

ପରିଧି ଭିତରେ ସତ୍ତା ରହିଅଛି ଦେବତାରେ ଆକୁଳରେ ଚାହିଁ
ହାୟ!, ମୋର 'ମୁଁ'ର ପରିଧି ଡେଇଁ ଦେବତା ମୋ ଆସିପାରେ ନାହିଁ ।୮

■ ■ ■

# କି କହିବ ମୋର ଗୀତିକାର

ଅଯାଚିତେ ମୁଁ ଯେ ପାଇଗଲି ନିଜେ
ଗାଇବାକୁ ଭଲ ଗୀତଟିଏ;
ଗାଇବି ସେ ଗୀତ ବୋଲି ଖୋଜିଲି ତ
ପାଇଲି କି ଭଲ ଚିତ୍ତଟିଏ? ।।୧।।

ଭାବ ସେ ଗୀତର ନ ବୁଝି, କାତର
ହେଲି ଗାଇବାକୁ ତରତରେ;
ସ୍ୱରଲିପି ଜଣା ନ ଥିଲା, ମୁଁ ବଣା
ହୋଇ ଘୋଷୁଥିଲି ସେ ଗୀତରେ ।।୨।।

ସେ ଗୀତ ରସରେ ନ ଚାଖି ଲେଶରେ
ତାକୁ ବିରସରେ ଗଲି ପଢ଼ି;
ସେ ସୁଖ ପରମ, ଗୀତ ମନୋରମ
ଗାଇ ଜାଣିଥିଲେ ଦିଏ ବାଢ଼ି ।।୩।।

ସବୁଜ ପତରେ କୁସୁମ ଲିପିରେ
ଲେଖା ହୋଇଛି ସେ ମହାଗୀତି;
ସ୍ୱରଲିପି ତୋଳି ଗାଉଛି କୋଇଲି,
ପାଳିଧରେ ଅଳି ଘେନି ପ୍ରୀତି ।।୪।।

ପ୍ରେମ-ପୂରା-ଚିତ୍ତ ନେଇ ଗାଉଛି ତ
ଗିରି ତା'ର ଗୀତ ନଈ-ସୁରେ

ସେ ଗୀତ ରାଗର ତାଳରେ ସାଗର
ଗାଏ ଗୀତ ଶୁଣି ମନ ପୂରେ । ।୫ । ।

ମୋ ଗୀତର ରାଗ, ଜନେ ଅନୁରାଗ
ଘେନିନାହିଁ ଯା ମୁଁ ହୁରୁଦରେ;
ସ୍ୱରଲିପି ତା'ର ମୋ ସ୍ୱରେ ବିସ୍ତାର
ଲଭିବ କି? ଏତେ ଦରଦରେ । ।୬

ସେହି ଗୀତ ସୁଧା ସମ ଜାଣି ସୁଦ୍ଧା
ଦେହେ ନ କଲି ମୁଁ ବିଲେପନ;
ଜୀବନ-ସଂଗୀତ ମୋରେ ନୋହି ଗୀତ
ହେଲା ଖାଲି ଏକ ବିଳପନ । ।୭

ମୋହରି ଗୀତରେ ନିଖିଳ ଚିତ୍ତରେ
ନ ଉପୁଜେ ଯେବେ ସୁଖ କା'ର?;
ଦିନ ସରିଯିବ ଗୀତ ନ ସ୍ଫୁରିବ
କି କହିବ ମୋର ଗୀତିକାର? । ।୮

■ ■ ■

# ଆମେ ସବୁ ରହିଯିବା ଆଉ ଏକ ଅନନ୍ୟ ଜାତି ହୋଇ

ଆମ ଗାଆଁ ଛୋଟ ପୋଖରୀକି
ବାଛିନିଏ ମୁହଁ ଦେଖିବାକୁ ଆମ ଗାଆଁ ବିଶାଳ ଆକାଶ;
ତା ଦେହର ସୂର୍ଯ୍ୟ ଚନ୍ଦ୍ର ତାରା
କୁମୁଦ କମଳ ଆଉ କୋକନଦ ସାଥେ ରଚନ୍ତି ବିଳାସ ।।୧।।

କେତେ ଭଲ ପାଏ ପୋଖରୀରେ
ଏ ଆକାଶ, ସଙ୍ଗଦିଏ ଆଉ ଅଙ୍ଗଦେଇ ଦେଇଥାଏ ରଙ୍ଗ;
ଗୋଟାପଣେ ଆପଣାକୁ ପୁଣି
ଉତାରଇ ପୋଖରୀର ବକ୍ଷେ କେବେ ତା'ର ପ୍ରୀତି ନୁହେ ଭଙ୍ଗ ।।୨।।

ଆକାଶର ହୃଦୁଦ ମହାନ
ସୀମିତ ପୋଖରୀ ନେଇ ନିଜକୁ ବି କେବେ ନ ମଣଇ ସାନ;
ଛୋଟ ବଡ଼ ଯିଏ ଯେତେବେଳେ
ଆସିଲେ ବି ଫେରାଏନି କା'ରେ ସମସ୍ତଙ୍କୁ ଦେଇଥାଏ ସ୍ଥାନ ।।୩।।

ଆସିବ କି ଏହିପରି ଦିନ?
ନିଜ ମୁହଁ ଦେଖିବ ମଣିଷ ସାନ ବଡ଼ ଦେହ-ସରସୀରେ;
ଭଲପାଇ ଦେଇଯିବ ସବୁ
ତାର ଅଧିକାରେ ଥିବା ଧନ, ମନ ଆଉ ନିଜ ତନୁଟିରେ ।।୪।।

ସେ ଦିନ କି ନାହିଁ ବହୁ ଦୂରେ?
ହଜିଯିବ ମଣିଷ ଯେ ଦିନ ଆନ ଜନ ମନ-ଅନ୍ତଃପୁରେ;

ଅନ୍ୟ ମନ ବ୍ୟଥା ଆପଣାଇ;
ହସୁଥିବ ନିଜ ବ୍ୟଥା ଠେଲିଦେଇ ତାର ଅପହଞ୍ଚ ଦୂରେ । ।୫ । ।

ଆସିବ କି ଏପରି ମଣିଷ?
ଦିବ୍ୟତା ଓହ୍ଲାଇ କହୁଥିବ ପୃଥିବୀଟା ଏକ ପରିବାର;
ଉଇଁଥିଲେ ତା ମନ-ଆକାଶେ
ଚନ୍ଦ୍ର ତାରା, ଆନନ୍ଦ-ସରେ ଦେଖୁଥିବ ଫୁଲ ଫୁଟିବାର । ।୬ । ।

ଆସ ସର୍ବେ ହେ ମଣିଷ ଜାତି!
ଆଣିବା ହେ ଡାକି ସେଇ ଅତି ମାନବରେ ଆବାହନୀ ଗାଇ;
ବାନର ଓ ଅତିମାନବର
ମଧ୍ୟେ ଆମେ ରହିଯିବା ସବୁ ଆଉ ଏକ ଅନ୍ୟ ଜାତି ହୋଇ । ।

■ ■ ■

# ମଣିଷରେ ! ବୁଲୁଅଛୁ ଥୋଇ କାହିଁ ନିଜର ହୃଦୟ

ବାଘଟାଏ ମାତିଅଛି ଛୁଆନିଏ, ଯୁବକ ବି ନିଏ,
ବୁଢ଼ା ସବୁ ପଡ଼ନ୍ତି ବି ତା ହାବୁଡେ, ବରତେ ନି କିଏ,
ସେଇ ବାଘ ରହିଥାଏ ଏଇ ପାଖ ବନାନୀ ଭିତରେ,
ବନାନୀର ସୀମା ମାଡ଼ ନାହିଁ କେହି ଦେଖନା ବି ଥରେ;
ଜୀବନେ କା ଡର ନାହିଁ? ଏଇ ବନ ଥାଉ ଏକା ଏକା,
ତା ପାଖକୁ କିଏ ଯିବ? କାଳେ ବାଘ ପାଇଯିବ ଦେଖା ।।୧।।

ଏଇ ଯେ ପାହାଡ଼ ଦେଖ ତହିଁ ଏକ ସର୍ପ ଭୟଙ୍କର,
ଜୀବନ ନେଲାଣି ସିଏ, କେ ଗଣୁଛି କେତେ ଜୀବଙ୍କର;
ଥରେ ମାତ୍ର କେବେ କା'ରେ ଯଦି ସିଏ କରିଛି ଦଂଶନ,
ସେ ବିଚାରା କରେ ନାହିଁ ନିଜ ପ୍ରିୟଜନରେ ଦର୍ଶନ;
କହିଥାଅ ସବୁଜନେ "ଯେ ଚାହୁଁଛ ନିଜ ଭଲ ଗତି,
ଛାଡ ଏ ପାହାଡ଼ଟିକି କେହି ଯାଅନାହିଁ ତା'ର କତି ।" ।୨।।

ଏଇ ଜଳାଧାରେ ରହେ କେତେକାଳୁ କୁମ୍ଭୀର ଭୀଷଣ,
ତା ପାଟିରେ ଗଲେ ଚାଲି କେତେ ଜନ ହୋଇ ଜଣ ଜଣ;
ଯାଅ ନାହିଁ ଯାଅ ନାହିଁ କେବେହେଲେ ଜଳାଧାର ପାଶ,
ଅଗାଧୁଆ ରହ ପଛେ ଘାରୁଥାଉ ତୁମକୁ ବା ଶୋଷ;
ବାଘକୁ ନ ଘଉଡ଼ାଇ ବାଘ ପାଇଁ ବନାନୀ କି ଛାଡ?
ନକ୍ର ପାଇଁ ଜଳାଧାର, ସାପ ପାଇଁ ଛାଡ଼ କି ପାହାଡ଼? ।।୩।।

ମଣିଷଠି ବଡ଼ରୋଗ ଥିଲେ ଅବା ଭୀଷଣ ଗରିବି,
ପାଶ ପଶି ପାରେ ନାହିଁ ଦୀନ ଭାବେ ବିନତି କରି ବି;

ନରକୋଳେ ଶ୍ୱାନ ଶିଶୁ, ନର ଶିଶୁ ଦେଖଇ ନର୍ଦ୍ଦମା;
କେତେ ଅର୍ଥ ବ୍ୟୟ ହେବ ଯୋଜନାର ହେଉଛି ତର୍ଜ୍ଜମା,
ସିଂହର ସଫାରୀ କାହିଁ, କାହିଁ ହେବ ହରିଣ ବିହାର
ହାତୀ ପାଇଁ ଅରଣ୍ୟାନୀ ବାଘ ପାଇଁ ଗୁହାର ତିଆର ।।୪।।

ମଥା ପରେ ଛାତ ନାହିଁ ଚଲାପଥେ ଶୋଉଛି ମଣିଷ,
କୋଡ଼ଛୁଆ ବିକି ମାଆ କିଣିଆଣେ ଖାଇବା ଜିନିଷ,
ଯଉବନ ବିକି ଚାଲେ ପେଟ ପାଇଁ ମାଆ ଜାତି ଆଜି
ମଣିଷରେ ! କେଉଁଦିନ ଲାଜ ତୋତେ ଦେଇଗଲା ତେଜି?
ଇତର ଜଗତ ପାଇଁ ଆଜି କରୁ କେତେ ଅର୍ଥ ବ୍ୟୟ,
ମଣିଷରେ ! ବୁଲୁଅଛୁ କାହିଁ ଥୋଇ ତୋ ନିଜ ହୃଦୟ ।।୫।।

■ ■ ■

# ଫୁଲବଳି କଥା କେ କହିବ?

ଫୁଲମାନେ ଫୁଟିଗଲେ ରଙ୍ଗମାନେ ଜୁଟି ହୋଇଯାନ୍ତି ଜମା,
ଆସିଯାନ୍ତି କାନ୍ତି ଅସରନ୍ତି ସାଥେ ନେଇ ସୁରଭି ସୁଷମା । ।୧ । ।

ସୁନାପରି ମନରୁ କା ଅବା ରୂପନିଏ ଭାବ ନିରୂପମା,
ତୋଳିନିଏ କିଏ; ବୁଝଇ କେ? ଗଛ ତା'ରେ କରେ ଅବା କ୍ଷମା । ।୨ । ।

ସେଇ ଫୁଲ କାନ୍ଦୁଥାଏ ବସି କେବେ କା'ର ବାନ୍ଧବୀ ଗଭାରେ,
ମାଳ ହୋଇ ଲୁହ ଢାଳେ କାହାଗଳେ କେଉଁ ଅଜଣା ସଭାରେ । ।୩ । ।

ଶୁଭୁଥାଏ କା' ଶୁଭବାସରେ ଫୁଲର ସେ ଅଶୁଭା ବିଳାପ
କେହି କି ଶୁଣଇ ଆହା ଛାଡ଼ି ମଣିଷର ଆମୋଦୀ ଆଳାପ । ।୪ । ।

ଆନଜନେ ଜଣାଇବା ପାଇଁ ଅଜାଡେ କେ ଆପଣା ଭକତି
ଉଜୁଡାଇ ଫୁଲବନ ସାଜେ ଦେବତାର ଧାତବ ମୂର୍ତ୍ତି । ।୫ । ।

ନିଜ ପ୍ରିୟଜନ ଶରୀରରୁ କାଢ଼ିନେଇ ସବୁ ଅଳଙ୍କାର,
ତା ପ୍ରତି ମୂରତି ଦେହେ ଖଚି ଦେଲେ କାହିଁ ଦିଶେ କି ସୁନ୍ଦର? । ।୬ । ।

ସୁଖୀ ହୁଏ ନା ତ ପ୍ରିୟଜନ; ଅଳଙ୍କାର କାଢ଼ିବାର ବ୍ୟଥା
କୋରୁଥାଏ ମନ ତାର ସିନା ଘାରୁଥାଏ ଭାବନା ଅନ୍ୟଥା ।।୭ । ।

କୁସୁମ କଳିକା ଧରେ ଅଗଣନ ଭ୍ରୂଣ ଆଗାମୀ ଗଛର
ତା'ରେ ତୋଳି କାହିଁକି ଏ ଗଛପତ୍ରରେ ଶତ୍ରୁ ଅତ୍ୟାଚାର? । ।୮

ପଶୁବଳି ଶିଶୁବଳି ଅତୀବ ଅନ୍ୟାୟ କହିଚାଲେ ନର
ଫୁଲବଳି କଥା କେ କହିବ? ଗଛର ତ ଶୁଭେ ନାହିଁ ସ୍ୱର ।।୯।।

ମୂକ ଗଛ ଜଗତର ପାଇଁ ଦୟା କା'ର ହୁଏ କି ଉଦୟ?
ନିର୍ଦ୍ଦୟ ରାଜ୍ୟରେ କାହିଁ ଶ୍ରମ କରି କିଏ ଖୋଜିବ ହୃଦୟ ? ।।୧୦।।

■■■

# ନାଆଁ ତାର ଜାଣେନା ତ
# ତାକୁ ପୂରା ଜାଣୁଛି

ମନେ ହୁଏ ଜଣକୁ ମୁଁ ଭଲପାଇ ବସିଛି,
ଯିଏ ଯାହା କହୁ ମୁଁ କି ତାହାଠାରେ ରସିଛି?
ଜାଣେ ମୁହିଁ, ସେ ଜାଣଇ, ତାକୁ ଠକି ବହୁଥର ତା କଥାରୁ ଖସିଛି । ।୧ । ।

ବହୁକଥା ସିଏ ମୋତେ କରିବାକୁ କହିଛି,
ମୋ ମନକୁ ଯାହା ପାଏ ସେତକ ମୁଁ କରିଛି,
ନ କରିଛି, ଯାହା କିଛି, ମନେ ତାଇ ଶେଷପାଏ ଦିନରାତି ଘାରିଛି । ।୨ । ।

ମତି ମୋର ଯେତେଥର ମାତିଛି ତା ମତରେ
ମନେପଡ଼େ ସେତେଥର କେତେ ସୁଖ ସତରେ,
ଯେତେଥର ବେଖାତର, କରିଛି ମୁଁ ତା କଥାରେ ପଡେ଼ ଦୁଃଖ ଭିତରେ । ।୩ । ।

ଭଲ ପାଇବାର ମୋର ଦିନଗୁଡ଼ା ଗଡିଛି,
'ଏ ବୟସେ ତା' ପାଇଁ ମୋ ପୀରତି ଯା ବଢ଼ିଛି;
ତା ବୋଲରେ ଏ ବେଳରେ, ତାହାର ମୁଁ ହେବି ବୋଲି ପାଦତଳେ ଗଡ଼ିଛି । ।୪ । ।

ନାଆଁ ତାର ଜାଣେନା ତ ତାକୁ ପୂରା ଜାଣୁଛି,
ଭୁଲିଗଲେ ବାଟ ଯିଏ ଟାଣି ଟାଣି ଆଣୁଛି,
ତା ସହିତ, ଏକୀଭୂତ ହେବି ବୋଲି କେବେ ମୁଁ ତା ଯୁଗଯୁଗ ଗଣୁଛି । ।୫ । ।

ଦୁଇ ମିଶି ଏକ ହେବୁଁ କିଏ ସତ କରିବ?
ପର ଦେହ-ମୁକୁରକୁ ଆମ ଛାଇ ଧରିବ,
ଦିନମାନେ, ସନମାନେ ତେବେ ଅବା ଅନୁମାନେ ରାତିବିନା ସରିବ । ।୬ । ।

କିଏ କହେ ପ୍ରଜ୍ଞା ତାକୁ କେ ଭିତର ମଣିଷ;
କହେ କିଏ ଆତ୍ମା, କିଏ ପରମାତ୍ମା ପୁରୁଷ;
ମୁହିଁ କହେଁ ଆନ ନୁହେଁ, ପ୍ରେମିକା ମୁଁ ପୁରୁଷ ସେ ପ୍ରେମୀ ମୋର ବିଶେଷ । ।୭ । ।

■ ■ ■

# ବିଳାପ-କୁଶଳ ନ ହେଉ ମାନବ

ଅନେକ ପିଲା ଭିତରୁ ମୁହିଁ ଦେଖିଲି ଜଣେ କାନ୍ଦୁଥିଲା,
ଅଶ୍ରୁବହେ ଗଣ୍ଡ ହୁଏ ଯା କହେ କୋହ ଛନ୍ଦୁଥିଲା । ।୧

ଅନେକ ଦିନ ଅନେକ ପିଲା ଦେଖିଛି ମୁହିଁ କାନ୍ଦିବାର
ଜାଣିନି କେବେ ମଥିବା ମୋତେ ଏମିତି ବଥା ଦୁର୍ନିବାର । ।୨

ବିତିଛି ଏବେ କିଛି ବି ଦିନ ବାପଟା ତା'ର ସେ ବାଟ ଧରି
ଯାଇଛି; ଯହୁଁ କେହି ବି କେବେ ସେ ଦେହେ ଆଉ ଆସେନି ଫେରି । ।୩

ଦ୍ୱନ୍ଦ ତାର, "ଭଲ ମନ୍ଦକୁ ଅଛି କି ଆଉ କେହି କି ଜଣେ"
ସେଇଥି ପାଇଁ ବା କାନ୍ଦ ତାର ବନ୍ଦ ନୁହେ ଏପରି କ୍ଷଣେ । ।୪

ଛାତ ନ ଥିବା ଘରରେ ସତେ ବଜ୍ର-ବେଢ଼ା ବର୍ଷା ଝରେ
ବାପ ନ ଥିବା ଛୁଆଟି ପରା ନେତ୍ର ମୋ ସେ ଦୃଶ୍ୟ ଧରେ । ।୫

ମଣିଷ ଗୋଟେ କାନ୍ଦେ ଆଜି ଅସହାୟ ସେ ମଣିଷ ଛୁଆ
ଲୁହ ହୋଇ କି ତରଳି ଆସେ ସରଳ ତାର ମଣିଷ ହିଆ । ।୬

ଏଇ ବାଳକ ଭିତରେ ଉଭା ବିଳାପରତ ମଣିଷ ଜାତି,
ଅବିଚଳିତ ରଖି କି ପାରେ ଭବିତବ୍ୟତା ଅସରା ତାତି । ।୭

ବାପବିହୀନ ଛୁଆଟି ପରି ଅମାପ ତା'ର ଅଜଣା ଭୟ
ଦାନବ ହିଆ ଧରି କି ଠିଆ ରହିଛି ଆଜି ମଣିଷ କାୟ । ।୮

ବିଜ୍ଞାନେ ଯଦି ବିଶ୍ୱାସ କରୁ ବିଶ୍ୱ ମାନବ ଆଜି
ଅମୃତ ଦୁହିଁ ବର୍ଷାଇ ଦିଅ ମୃତ୍ୟୁର ଭୟ ଭାଜି । ।୯

ମଣିଷ ନେତ୍ରେ ରକ୍ତର ଲୁହ ନ ପଡୁରେ ଆଉ ଝରି
ବିଳାପ କୁଶଳ ନ ହେଉ ମାନବ ଅବୋଧ ବାଳକ ପରି । ।୧୦

■ ■ ■

# ଅନାମୀ ଗାଡ଼ିଆ ବୁଡ଼ି ରହିଗଲା ବଢ଼ିର ଭିତରେ

ରସଭରା କେଉଁ ସରସୀରୁ ଉଡି ଆସିଅଛି ଏ ସାରସ,
ଆମ ବାଡ଼ି ଗାଡ଼ିଆରେ ପରା ପହଁରୁଛି ଯାମିନୀ ଦିବସ । ।୧

ଗାଡିଆରେ ପାଣି ଯେତେ କାଦୁଅ ତ ତାର ଦୁଇଗୁଣ
ଗଭୀରତା କିଛି ନାହିଁ, ଯାହା ଅଛି ସାପ ସଣ ସଣ । ।୨

କଇଁମୂଳ ଥାଇ କେବେ କେହି ଦେଖେନାହିଁ ଫୁଟିବାର ଫୁଲ
ତାମରସ ବିକଶଇ ନାହିଁ ଅଛି ମାତ୍ର ମୃଣାଳ କେବଳ । ।୩

ଢଗରର କଳି ଏଣେ ତେଣେ କେଉଁ ଦିନୁ ଯାଇଛି ମଉଳି

ପାଣି ବୋଲି ଅଛି ଯାହା ତାହା ଖାଲି ତରଳ ଶିଉଳି । ।୪
ବରଷାରେ ଭରେ ନା ଗାଡ଼ିଆ ଖରା ହେବା ଆଗୁ ଯାଏ ଶୁଖି
ତଥାପି ଯାଏନା ଚାଲି କାଦୁଅରେ ଖେଳୁଥାଏ ପକ୍ଷୀ । ।୫

କେଉଁ ଏକ ଅଜଣା ଦିନରେ ବଢ଼ି ଏକ ଆସିଗଲା ମାଡ଼ି
ଗାଡ଼ିଆର ପରିସୀମା ଭାଜି ହିଡ଼ମାନେ ଗଲେ ଯେ ଉଜୁଡି । ।୬

ଉଡିଯିବ ବିହଗ ବିଚାରା ଆଉ ଏକ ଗାଡିଆ ଆଶାରେ
କି ନେବ ସାଥୀରେ ତାର ଖୋଜି ଅବା ଡେଣାକୁ ପସାରେ । ।୭

କାଦୁଅ ଶିଉଳି ଆଉ କଇଁମୂଳ ମୃଣାଳର ମାତ୍ରା
ପାଥେୟ ନେଇ କି ନୂଆଁକରି ଆରମ୍ଭିବ ଜୀବନର ଯାତ୍ରା । ।୮

ଅନାମୀ ଗାଡ଼ିଆ ସେଇ ରହିଗଲା ବୁଡ଼ି ବଢ଼ିର ଭିତରେ
ଉଡ଼ିଗଲା ଜୀବନ ବିହଗ କେଉଁ ଦିଗେ କେ ଚାହିଁଲା ଥରେ? । ।୯

■ ■ ■

# ଭଲପାଇବାର ଇତିକଥା

ଅମାପ ତାପରେ ଯେବେ ଜଳିଯାଏ ଶଇଳ ହୃଦୁ,
କୋହ ତାର ଲୁହ ହୋଇ, ହୋଇଥାଏ ଜମା;
ସାଗରେ ଫଳିତ ହୋଇ ଉତଳାଏ ଗିରିର ଦରଦ,
ସାଗର ପଠାଏ ମେଘେ ତା ସମବେଦନା । ।୧

ଜଳଦ ବରଦ ହାତେ ଆଶ୍ଳେଷଇ ଶଇଳ ଶରୀର,
ଜମାଥିବା ଲୁହ ସାରା ଯାଏ ଝରିଝରି;
ସରିତା ସେ ପ୍ରସରିତା ଘେନି ଅବା କୂଳ ଭରା ନୀର,
ନୀର ଛଳେ ଗୀର ସେ କି କୃତଜ୍ଞତା ଧରି । ।୨

ଶଇଳ ସାଗର ମଧ୍ୟେ ସରିତା ସେ ସହଜ ମାଧ୍ୟମ,
ଭାଷା ପ୍ରତିଭାଷା ଲାଗି ଅବା ଦୂରଭାଷ;
ଜଳଧିରେ ଜଣାଉଛି ଗିରି ସଂବେଦନା ଅବିରାମ,
ପରବତେ ପଠାଉଛି ପାରାବାର ପ୍ରାସ । ।୩

ଏ ଭଲ ପାଇବା ଦେଖି ତଥାପି ମୁଁ କହେଁ "ପାଏଁ ଭଲ",
ଗଣେ କି ମୋ ଭଲ ପାଇବାରେ କେତେ ସ୍ୱାର୍ଥ?;
ସ୍ନେହ ମୋର ଦେହ ପାଇଁ ହୁଏ ଖାଲି ସହଜ ସରଳ,
ଅନ୍ୟେ କେବେ ଭଲପାଇ ନାହିଁ ମୁଁ ଯଥାର୍ଥ । ।୪

'ମା[illegible]ର ମୁଁ ଦିନେ ଭଲ ପାଉଥିଲି ସେଦିନ ଅତୀତ,
କ୍ଷୀର ଓ ଆଦର କେତେ ପାଉଥିବା ଯାଏ;

ସେ ଭଲ ପାଇବା କିସ? ଅନ୍ୟ କା'ର 'ମାଆ' ନିପୀଡ଼ିତ
ଦେଖି ଆଖେ କେବେ ମୋର ଲୁହ କି ଜକାଏ? ।।୫

ଭଲପାଇବାର ବହିଟିରୁ ମୁହିଁ ପୃଷ୍ଠା ପୃଷ୍ଠା ଚିରି,
ବିତରିଛି ପୁଅଝିଅ ଆଉ ନିଜ ନାରୀ;
ଯେଉଁମାନେ ପ୍ରତିଦାନେ ଦେବେ ମୋର ଆଶା-ପାତ୍ର ଭରି,
ସଦା ଜୀବନ-ଯାତ୍ରାରେ ରହି ସହଚାରୀ ।।୬

କେତେ ପୁଅ କେତେ ଝିଅ କେତେ କୁଳନାରୀ ହିଆମାନ,
ଜାଳିଯାଏ ହତାଶାର ଯେତେ ହୁତାଶନ;
ମୋ ହୃଦୁରେ ସେମାନଙ୍କୁ କେବେ ହେଲେ ମିଳେ ନାହିଁ ସ୍ଥାନ,
ମୋ ଭଲ ପାଇବା ଲଭେନି କି ଅବସାନ ।।୭

ଶଇଳ ବିଦ୍ରୂପ କରେ ସାଗର ବି ହୁଏ କି ଖତେଇ,
ନିର୍ବୋଧ ମୁଁ ନିର୍ବେଦ ମୁଁ ବୁଝିପାରେଁ ନାହିଁ;
ଭଲପାଇବାର ନାମେ ସ୍ୱାର୍ଥସେବି ଜୀବନ ବିତେଇ
ତୁଚ୍ଛ ଭଲ ପାଇବାର ଇତିକଥା ଗାଇ ।।୮

■ ■ ■

## ନିଛାଟିଆ ତରୁତଳେ ଏକୁଟିଆ ଏ ନାରୀକି ଦେଖି

ରାଜୁଅଛି ରଜୁ ରାଜପଥ ସଂସ୍କୃତିର ପରଂପରା ପରି,
ପିଠିରେ ତା ବିସଂଖ୍ୟ ବାହନ ଅଗଣନ ଗଣ କୋଳେ ଧରି ।।୧

ପଥଧାରେ ପାଦପ-ନିବହ ନେତ୍ର-ପତ୍ର କରି ଉନ୍ମୀଳନ,
ନିରେଖନ୍ତି ଯାନ-ଯାତ୍ରା, ବାସ୍ତର ସେ ମହା ଆସ୍ଫାଳନ ।।୨

ଯାନ-ବିଚାଳନ-ଚକ୍ର ସାଥେ ନିଜ ଭାଗ୍ୟଚକ୍ର ବିନିବେଶି,
ହାତେ ଧରି; କେଉଁ ଯାତ୍ରୀ ଭାବେ ନିଜଠୁ କେ ଭାଗ୍ୟବାନ ବେଶୀ? ।।୩

ଜୀବ-ଯାନ ତନୁଟିକି କିଏ କେତେ ଦୁଃଖେ ନେଉଛି ଘୋଷାରି,
ଯାନ ତଳେ କେ ଦିଏ ଜୀବନ ତରୁ ଦେଖେ ନୟନ ପ୍ରସାରି ।।୪

ରାଜପଥେ ଶାଖୀର ସମାଜ ସାକ୍ଷୀ ସମ ଉଭା ପଥ-ତୀରେ,
ଲୋତକର ଧନ ଧରି ଉଭା, ଦେଖୁଛନ୍ତି, ଏହି ଯୁବତୀରେ ।।୫

ପ୍ରତୀଚୀର କୋଳେ ଯାଏ ରବି, ତରୁକୋଳେ ଆସେ ଏହି ନାରୀ;
ହସି ହସି ଗଲା ସିନା ସୂର୍ଯ୍ୟ, ବା'ରି ନୁହେଁ ଏହା ଆଖିବାରି ।।୬

କାହାରେ ବା ଭଲ ପାଇଥିଲା ଅନ୍ୟ କା'ରେ ହୋଇଗଲା ବାହା?
ଲେଲିହାନ ମନର ଦହନ ନ ବୁଝିଲେ ତାର ବାପ ମାଆ? ।।୭

କିଏ ଅବା ଏହା ସାଥେ କଲା ଭଲ ପାଇବାର ଅଭିନୟ
ତେଜିଗଲା ଏ ସରଳା ନାରୀ ଜାଣି ଅବା ଗରଭ ଉଦୟ? ।।୮

ଶାଶୁଘରେ ଚାହୁଁଥିଲେ ଅବା ଯେଉଁତକ ସବୁ ଯଉତୁକ,
ଆଣି ନ ପାରିଲା ବୋଲି, ପତି ତାର ମୋଡୁଥିଲା ବେକ? ।।୯

ନିଛାଟିଆ ପଥେ ତରୁତଳେ ଏକୁଟିଆ ଏ ନାରୀକି ଦେଖି
କିଏ ଜଳେ କାମର ଅନଳେ, କିଏ ଲୁହ ନ ପାରଇ ରଖି ।।୧୦

କାନ୍ଦଇ ଏ ବାମା(ଆହା) ଲୁହଛଳେ ବହିଯାଏ ସାରା ତା ଜୀବନ,
କାନ୍ଦେ ସୀତା, କାନ୍ଦଇ ସାବିତ୍ରୀ, କାନ୍ଦିଚାଲେ କୋରାନ ପୁରାଣ ।।୧୧

କାନ୍ଦୁଅଛି ମେରୀ ମାତା ଆଉ କାନ୍ଦୁଅଛି ଟେରେସା ଜନନୀ,
କାନ୍ଦେ ମାଆ ଜାତି ଅନେକର କନ୍ୟା ବହୁଜନର ଭଗିନୀ ।।୧୨

ପଥତୀରେ ଏଇ ତରୁତଳେ ଆତୁର ଏ ତରୁଣୀ କି ଚାହିଁ,
ମଣିଷ ଭିତରେ ଥିବା ପଶୁମାନେ ପରା ଉଠୁଛନ୍ତି ଚେଇଁ ।।୧୩

ଦୁର୍ଗାପୂଜା ପରେ ଲକ୍ଷ୍ମୀପୂଜା ସରିଅଛି ମହା ଆୟୋଜନେ,
ସରସ୍ୱତୀ ପୂଜା ହେବ ଏବେ ଲାଗିଲେଣି ଏ ଦେଶର ଜନେ ।।୧୪

■ ■ ■

# ମୁଁକାରର ମୋକ ଖୋଲି ଏ ଲଗନେ ଦେଖ ଆଜି ଉଲଗ୍ନ ଅସ୍ମିତା

ଜଳିଜଳି ସଳିତାଟି ଫେରିଫେରି ଥରେ ଥରେ ଚାହୁଁଛି ଲେଉଟି,
ହଜି ହଜି ଯାଉଥିବା ନିଜ ଘରେ ଖୋଜି ଖୋଜି ନେବ ବା ସାଉଁଟି । ।୧

ଥରଥର ଶିଖା-ଆଖେ ବାରବାର ମରମର ମମତା ଉଖାରି
ସରି ସରି ଆସୁଥିବା ଦେହ ଶେଷ ପାଶେ ଆସେ ଓଟାରି ଓଟାରି । ।୨

ବୁଣି ବୁଣି ଯେ ଆଲୁଅ କଳା କଳା ଅନ୍ଧକାର ଆଞ୍ଜୁଡି ଆଞ୍ଜୁଡି,
ମନେ ମନେ ମନାସଇ ଠୁଳାଇବ ପଛେ ପଛେ ବାହୁଡ଼ି ବାହୁଡ଼ି । ।୩

ପାରେ ନାହିଁ ପାରେ ନାହିଁ ଯେଉଁ ସବୁ ଯିବାକଥା ଯାଇଛି, ଯାଇଛି;
ସଳିତା, ଜଳି ତା ଦେହ କେଉଁଆଡେ ଉଭେଇଲା ଜାଣେନା, ଯା'ଇଛି । ।୪

ନିଜ ତନୁ ବିନିମୟେ ରାଶି ରାଶି ଆଲୁଅ ସେ ପରିଶିଛି ପରେ,
ଜପି ଜପି ନିଜ ନାମ ଚାପି ହୁଏ ନିଜ ଗଉରବେ ନିଜ ପରେ । ।୫

ସରି ସରି ଆସୁଥିବା ତେଲଟିକ କହି କହି ଯାଉଥାଏ ଚାଲି
ହେ ସଳିତା! ଜଳୁଥିଲା କିଏ? କିଏ ଅବା ଦେଉଥିଲା ଜାଳି? । ।୬

କିଏ ଜାଳେ? ନୀରବରେ ନିରତରେ ସୂର୍ଯ୍ୟ ଚନ୍ଦ୍ର ଗ୍ରହ ଆଉ ତାରା,
ପର୍ବତର ପାର୍ବତ୍ୱ ନିଝାରି କେ ବୁହାଏ ନଦେ ଜଳଧାରା? । ।୭

ବାୟୁର କେ ବାୟବତ୍ୱ, ଜଳର ଜଳତା ଆଉ ଅଗ୍ନିର ଅଗ୍ନିତା?
ମୁଁକାରର-ମୋକ ଖୋଲି ଏ ଲଗନେ ଦେଖ ଆଜି ଉଲଗ୍ନ ଅସ୍ମିତା । ।୮

■ ■ ■

# ଚାହେଁ ଖାଲି ସବୁଦିନ ରହିବାକୁ ଛୁଆ

ଘାସ-ବଣେ କେତେ ଫୁଲ ଫୁଟିଲାର ପରି
ଗାଁ ଖୁଲିରେ ଖେଳେ ରତ ପିଲା;
ଗୋଲ ଗୋଲ ଚୀନାମାଟି ବାଟି କେ ଗଡ଼ାଏ
ଗଡ଼ାଏ କେ ଗାଣ୍ଠୁଆ ମୁଣ୍ଡଲା ।।୧

ପରିତ୍ୟକ୍ତ ଗୋଲାକାର ଚକମାନ ଧରି,
ଦଉଡନ୍ତି ଯେଉଁ ଛୁଆମାନେ,
ଆନନ୍ଦର ରାଜପଥେ ଆତ୍ମହରା କେତେ,
ବଡ଼ମାନେ କେ ବୁଝେ ତା ମାନେ? ।।୨

ପଡ଼ି ଉଠି ଦଉଡିଛି କେଉଁ ଛୁଆ ଅବା
ଗୋଲାକାର ପେଣ୍ଡୁଟିଏ ଧରି,
ଦେଖିନୁହେ ବୟସର ଶୁଖିଲା ଆଖିରେ
ସୁଖ-ସରେ ରହୁଛି ପହଁରି ।।୩

କେଉଁ ମାଆ ଆସି ନିଜ ଛୁଆ ନାକ ପୋଛେ,
କିଏ ଦେହୁ ଧୂଳି ଦିଏ ଝାଡ଼ି
କିଏ ଆସି ସ୍ନେହମିଶା ରାଗ-ଆବରଣେ
ଅନୁରାଗ ଦିଏ ବା ଅଜାଡ଼ି ।।୪

ନିରପତ୍ୟ ବାପାମାଆମାନେ ଅଜାଣତେ
ପୋଛି ପୋଛି ନିଜ ଆଖି ନୀର
ତାଙ୍କର ବି ଛୁଆଟିଏ ଥିଲେ ଏଇମିତି
ଖେଳୁଥାନ୍ତା ଏଇ ଅବନୀର ।।୫

X X X

ମହା ମହା ପିଣ୍ଡବାନ ଗ୍ରହ-ପେଣ୍ଡୁମାନ
କିଏ ସିଏ ମହା ଆକାଶରେ,
ଗଡ଼ାଇ ଗଡ଼ାଇ କରେ କେତେ ଗୋଲାକାର
ଦିନରାତି ଖେଳ ତା ନ ସରେ । ।୬

ନିର୍ବୟସ ସିଏ ଯା'ରେ ଯୁହାରଇ ଜରା
କର ଯୋଡ଼ି ରହେ ମହାକାଳ
ବଡ଼ମାନେ ବି ତ ବୁଝି ପାରନ୍ତି ନି କେବେ
ଶାଶ୍ୱତ ତା ଶଇଶବ ଖେଳ । ।୭

ତାହାର ଜନମ କଥା ଜାଣେନାହିଁ ସିଏ,
ଜାଣେନା ତା କିଏ ବାପାମାଆ;
ଜାଣିବାକୁ ଚାହେଁ ନାହିଁ କେବେ ଚାହେଁ ଖାଲି
ରହିବାକୁ ସବୁଦିନ ଛୁଆ । ।୮

ଧନ ସବୁ ଧୂଳି ଭଳି ଦେଖେ ଛୁଆପରି,
ଭିତର ବାହାର ତା'ର ଏକ;
ଭିତରେ ସେ କିଛି ଥାଇ, ବାହାରରେ
ନ ଦେଖାଏ ଅନ୍ୟ କିଛି ଭେକ । ।୯

ତରଳ, ତା ସରଳତା, ସବୁକାଳେ
ଉଛୁଳଇ କୋମଳ ମତିରେ;
ବରଷଇ ସବୁଠାରେ ଯହିଁ ଦେଖ,

ଗ୍ରହ ତାରା ଆଉ ଧରତୀରେ । ।୧୦
ଛଳହୀନ, ମଳହୀନ, ଆଳହୀନ ମନ
ଛୁଆପରି କେତେ ଅକପଟ,
ମାନ ନାହିଁ, ବିଚାରରେ ଆନ ନାହିଁ, ସିଏ
ସବୁଦିନେ ନିନାଥ ନିପଟ । ।୧୧

ଯାହାକୁ ସେ ଛୁଆପରି ନିଜପରି ଦେଖେ,
ତାହାଠାରେ ରସିଯାଏ ପରା,
ରସ ତା'ର ଯେ ଚାଖିଛି ଥରେ, କହୁଥାଏ
ଏତେ ସୁଖ କେଉଁ ରସେ ଭରା? ।୧୨

ନିଜ ଛୁଆପିଲା ଦେହେ ତାକୁ ଯେବେ
କିଏ କେବେ ଆଣେ ଉତୁରାଇ,
ନିରପତ୍ୟ ବାପାମାଆମାନେ! ତାକୁ
ଯଦି ପାର କେବେ ଆପଣାଇ? ୧୩

ସେଇଦିନ ଏ ଜଗତେ ଛୁଆ ଖେଳ ପରି,
ଲୁହରେ ବି ସୁଖଦେବ ଭରି;
ନୁହେ ଖ୍ରୀଷ୍ଟ ଆଲ୍ଲା କୃଷ୍ଣ ରାମ ଶିବ; ଛୁଆ
ଖାଲି ସିଏ ଛୁଆ ବିଶ୍ୱମ୍ଭରୀ । ।୧୪

■ ■ ■

# ବନ୍ଦୀଘର ମୋ ତୀର୍ଥ ପରମ

ଅପରାଧ ମୋର ଅପସାରିବାକୁ
ଆସିଛି ମୁଁ ଏଇ ବନ୍ଦୀଘରେ,
ପଳାୟନ ପାଇଁ ଅୟନ ଖୋଜିଲେ
କିଏ ପୁଣି ଆଣି ବାନ୍ଧି ଭରେ? ।

ନନ୍ଦିତ୍ର ମୁହିଁ ବନ୍ଦିତ ମୁହିଁ
ନିନ୍ଦିତ ନେଇ ଜୀବନ ଭାର,
କ୍ରନ୍ଦନ କଲେ ଖଣ୍ଡନ କରେ
କାହିଁ ବନ୍ଧନ ଦୁର୍ନିବାର? ।।୨

କାରାଗାର ତେଇଁ ବାରବାର ମୁହିଁ
ପଳାଇବାର ବା ଶକ୍ତି କାହିଁ?
ସାରା କାରବାର କାରାଗାରେ ତେଣୁ
ରହିଗଲା ମୋର ଭର୍ତ୍ତି ହୋଇ ।।୩

କାରାଗାର ନେଇ ପରିଚୟ ଦେଲି;
"କାରାବାସ ମୋର ଦୀର୍ଘ ହେଉ"
ଇଷ୍ଟରେ ମୋର ନିତ୍ୟ ମାଗିଲି
ଦୃଢ଼ତା ମୋ କାରା-କାଛ ନେଉ ।।୪

ବନ୍ଧୁ ଯେ ଅନୁସନ୍ଧାନ କରେ
କିପରି ଅଛି ମୋ ବନ୍ଦୀଘର,

ଯିବାକୁ ଚାହିଁଲେ ଅନ୍ୟରେ କହେ
ଯିବାର ଦୁଆର ବନ୍ଦ କର । ।୫

ବନ୍ଧୁ ପରମ ବନ୍ଧୁର ମୋର
ପଥରେ ସତରେ ହସ୍ତ ଧରି
ବନ୍ଧନ ଫେଇ ନେଇଯିବା ପାଇଁ
କହଇ ନିଜକୁ ନ୍ୟସ୍ତ କରି । ।୬

ତାହାକୁ ଦେଖିଲେ ମନେ ହୁଏ ମୋର
ନିଜ ଘର ଏହା ନୁହେରେ ନୁହେ;
ସୁନ୍ଦର ମୋର ଘର ସେ ସୁଦୂର
ବନ୍ଧୁ ପରମ ଯେଉଁଠି ରୁହେ । ।୭

ବନ୍ଦୀଘର ମୋ ମନ୍ଦିର କରି
ପାରିଲେ ସେ ଘର ଦୁଆର ଖୋଲେ,
ଶାଶ୍ୱତ ସିଏ ବନ୍ଧୁ ଆସିଲେ
ମନ୍ଦିରେ ବସି ଆଳାପ ମେଲେ । ।୮

ମନ୍ଦିର ହେଲେ ଏ ଘରୁ ସେ ଘର
ବେଶୀ ଦୂର କେବେ ନୁହେରେ ନୁହେ,
ବନ୍ଧୁ ଆଳାପ ବନ୍ଧନ ଖୋଲି
ସେଠାରେ ଶୀଘ୍ର ଥୁଏରେ ଥୁଏ । ।୯

ବନ୍ଦୀ ଘରରେ ବାନ୍ଧି ହୋଇଛି
ଏ ଘର ଛାଡ଼ିବା ଇଚ୍ଛା ନାହିଁ,

ଏଇ ଘର ମୋତେ ଭଲ ଲାଗେ କେତେ
ଏ ଘର ଛାଡ଼ିଲେ ରକ୍ଷା କାହିଁ? ।।୧୦

ବନ୍ଦୀଘରର ଯୋଗ୍ୟତା ପାଇଁ
ଛନ୍ଦି ହୋଇଛି କର୍ମ-ଜାଲେ
ମନୋରମ ମୋ ହର୍ମ୍ମ୍ୟର କଥା
ମନେ ପଡ଼ିଲେ ମୋ ମର୍ମ୍ମ ଜାଳେ ।।୧୧

ଭ୍ରାନ୍ତି ଭିତରେ ଶାନ୍ତି ଖୋଜିଛି
ଚାଲିଛି ପଥ ଅନ୍ତ ନାହିଁ
ମିଥ୍ୟା ମଝିରେ ସତ୍ୟ ଖୋଜିଛି
ଭ୍ରାନ୍ତ କେବଳ ଭ୍ରାନ୍ତ ହୋଇ ।।୧୨

ଅନ୍ତରେ ଥାଇ ସାନ୍ତର ମୋର
ପରମ ବନ୍ଧୁ ମୁରୁକି ହସେ
"ବନ୍ଦୀଘର ମୋ ତୀର୍ଥ ପରମ
ତହିଁରେ ହାୟ! ମୁଁ ନିରତେ ରସେ" ।।୧୩

■■■

# ଗାଉଥିବି ଶୂନ୍ୟତା ସହିତ ମୋର ଶ୍ରୀ ଶୂନ୍ୟ-ସଂହିତା

କେତେଦିନୁ ଚାଲିଅଛି ମୁହଁ ଚାହାଁଚାହିଁ ଆଉ ଆଖି ଠରାଠରି;
ଏକପାଖେ ଧରା, ଆଉ ଆନ ପାଖେ ତାରା ଶଶି ରବି ଆଦିକରି । ।୧

କେ କାହାରେ କେତେ ଭଲପାଏ ମହାକାଶ ପରା ପାରେ ନାହିଁ ମାପି
ଆହୁରି ପ୍ରଶାନ୍ତ ଆଉ ଗଭୀର ବି, ନିଜେ ଯେତେ ଦୂର ଅଛି ବ୍ୟାପି । ।୨

କରେ କର ଛୁଆଁ ଛୁଇଁ ହୋଇ ଆପଣାନ୍ତି ଆହା ଅସରା ଆନନ୍ଦ
ଧରା ଆତ୍ମହରା ନାଚେ ନିଜ ତାଳେ ଉନ୍ମନା ସେ ହରାଇ ନି ଛନ୍ଦ । ।୩

କିଏ କାହା ପାଶେ ବସି ଅବା ହେବ ଟିକେ ଗେଲ କାହିଁ ଅବକାଶ?
ନିଜେ ନିଜ ଆସନରେ ଭିଡ଼ା, ମୁକୁଳି ନ ଦିଏ କାହା ମହାପାଶ । ।୪

ନାହିଁ ଟିକେ ହଲଚଲ କେ ଗୁଛିଛି କେଉଁ ସୂତ୍ରେ କେ ନ ପାରେ ଦେଖି
ଭଲ ପାଇବାକି ହୁଏ ନାହିଁ? କହ କେହି କାହା ଆଶ୍ଳେଷ ନ ମାଖି । ।୫

ଏ ଧରଣୀ ଅନୁସରି ମହାଶୂନ୍ୟେ ସୀମାୟିତ ଅସରା ସରଣୀ
ଅନ୍ତରୀକ୍ଷ ଅନ୍ତେ ଅଛି କିସ? ଚାହିଁଲେ ବି ସିଏ ନ ପାରଇ ଜାଣି । ।୬

କେଉଁଠାରେ ପଡ଼ିବ ସେ କେବେ ଯଦି ହୋଇଯାଏ ନିଜେ କକ୍ଷଛଡ଼ା
ଭାରହୀନ ଦିଗହୀନ ଘୁରି ଘୁରୁଥିବ ଅବା ହୋଇ ଲକ୍ଷ୍ୟହରା । ।୭

ବିତିଅଛି ବହୁଯୁଗ ମହାଶୂନ୍ୟେ ଓହଳି ଓହଳି ଆଜିଯାଏ
ଧରାକହେ ମହାଭୟେ ଏଇ ମୋର ସତ୍ତା ଆଜି ହଜି ହଜି ଯାଏ । ।୮

ଭାରଶୂନ୍ୟ ମହାଶୂନ୍ୟେ ରହିବାକୁ ଭାରମାତ୍ର ଏକ ହିଁ ସମ୍ଭାର
ସବୁଜାଇ ବସ୍ତ୍ର ମୋର ଥିଲା ତେଣୁ ଭାରଯୁକ୍ତ ଗଛ ଲତା ବାର । ।୯

ଦୁଃଶାସନ ଦୂରକଲା ଦୁକୂଳ ମୋ ଦେହୁ, ମୁକୁଳିଲେ ସବୁ ଲାଜ
ଭାରର ସମତା ପାଇଁ ଗରଭେ ମୋ ଥୁଆ ଥିଲା କେତେ ଭାରୀ ଚିଜ । ।୧୦

ସେ ସବୁ ନ ବୁଝି ମୋ ସନ୍ତାନେ ଭାରୀ ଜଳ ସାଥେ ଭାରୀ ଧାତୁ ନେଇ
ଆବାହନି ମହାହବ ତିଆରିଲେ ବିନାଶକ ଅସ୍ତ୍ର ମହାଦାହୀ । ।୧୧

ସେ ଦହନେ ହେବି ଲୀନ ଧୂଆଁ ହୋଇ ଶୂନ୍ୟ ମୁହିଁ ଅବନୀ-ବନିତା
ମହାଶୂନ୍ୟେ ଗାଉଥିବି ଶୂନ୍ୟତା ସହିତ ମୋର ଶ୍ରୀ ଶୂନ୍ୟ-ସଂହିତା । ।୧୨

■ ■ ■

## ଯାହାକୁ ମୁଁ ଭଲପାଏଁ ବେଶୀ
## ପାଏଁ ନାହିଁ ପରିଚୟ ତାର

କାହାକୁ ମୁଁ ଭଲପାଏ ବେଶୀ?'
ଭଲ ପା'ନ୍ତି କେଉଁମାନେ ମୋତେ?'
ଜିଜ୍ଞାସାର ଯଜ୍ଞାନଳେ
ଭାବନାର ଅନେକ ଆହୁତି ।
ଆଗେ ଉଭା କେତେ ପ୍ରିୟ ଭାଷୀ
ମାଆ ପତ୍ନୀ ଦୁହିତା ସହିତେ
ପୁତ୍ର ବନ୍ଧୁ ଜ୍ଞାତି ମେଳେ
କଳ୍ପନାର ଦେବତା ଦେବତୀ । ।୧

ସେମାନଙ୍କ ଜୀବନ-କେଦାରେ
ଅହରହ ବୁଲେ ଚରିଚରି
ମନଭରା ସୁଖର ଆଶାରେ
କ୍ଷୁଧାୟିତ ଏଇ ମୋର ସତ୍ତା ।
ରହି ରହି ଆହରଣ କରେ
ଯାହା ପାରେ ସେମାନଙ୍କୁ ଚିରି
ତୁଷ୍ଟି ପାଇଁ ପୁଷ୍ଟି ପାଇ ଫେରେ
ପାଏ ଭଲ ପାଇବାର ବ୍ୟଥା । ।୨

ସତ୍ତା ମୋର ବହି ଦେହ-ଖୋଳ
ଦେହ ଦେହ ବୁଲି ଖୋଜିଚାଲେ

ଶାଗ କିଆରୀରେ ବୁଲେ ଯଥା
ଖାଦ୍ୟ ଖୋଜି ଶାଗୁଆ ପତଙ୍ଗ ।
କି ପାଏ? ସେ ନିଜେ ହୁଏ ଭୋଳ,
ପ୍ରାଣ ପ୍ରାଣ ଘୁରି ଘୁରି ବୁଲେ
ପିନ୍ଧି ପରା ପ୍ରାଣର କୁରୁତା
ମନେ ମାଖି ମନମାନା ରଙ୍ଗ । ।୩

ସୁଖ ଆଉ ଆନନ୍ଦର ରସ
ସନ୍ଧାନରେ ପ୍ରିୟ ସତ୍ତା ମୋର
ଦରାଣ୍ଡଇ ଯେଉଁସବୁ ପାତ୍ର
ଭଲପାଇ ବସେଁ ସେ ସବୁକୁ ।
ନିଜକୁ ମୁଁ କରଇ ନିଃଶେଷ
ମାନି ମୋ ସତ୍ତାର ଇଚ୍ଛା ଘୋର
ଦେଖେଁ ନାହିଁ ସୁଖ ଲେଶ ମାତ୍ର
ସୁଖ ଆଶେ ଶୁଖେ ସିନା ବୁକୁ । ।୪

ସେ ସତ୍ତା ମୋ ଅତି ପ୍ରିୟତମ
ପ୍ରିୟ ମୋର ତାହାର ଯେ ପ୍ରେୟ
'ମୁଁ' 'ମୁଁ' ନାମେ ଡାକେ ଦିବାନିଶି
ଖୋଜିବୁଲେଁ କାହିଁ ତାର ଘର?
ଦେହ ଖୋଜି, ଖୋଜିବୁଲେଁ ପ୍ରାଣ,
ମନେ, ଜ୍ଞାନେ, ପାଏଁନା ମୁଁ ହାୟ !
ଯାହାକୁ ମୁଁ ଭଲପାଏଁ ବେଶୀ
ପାଏଁ ନାହିଁ ପରିଚୟ ତାର । ।୫

■ ■ ■

# ଶଗଡ଼ ଯାତ୍ରୀ ମୁଁ ମୋର ଶଗଡ଼ର ଚିନ୍ତା

ଖାଲ ଢିପ ବହୁତ ଗୁଡ଼ିଏ
ଆଉ କିଛି ଗଡ଼ାଣି ଉଠାଣି
ଗୁନ୍ଥା ହୋଇ ଲମ୍ବିଥିବା ଏଇ ସଡ଼କରେ;
ଚାଲିଅଛି ଶଗଡ଼ଟି ମୋର
ଯୋଚା ଯେଉଁ ବଳଦ ଯୋଡ଼ିଟି
ଅତୀବ ଅମଣ ଏକ
ଅମାନିଆଁ ଛନଛନ ଅନ୍ୟ ।

ବଳଦଙ୍କ ରଶିମାନ କେବେଠୁ ଢୁଗୁଲା,
ସମ୍ଭାଳି ହୁଏନା ତାଙ୍କୁ,
କେତେଦିନୁ ହଜିଛି ପାଞ୍ଚଣ ।
ଗାଡ଼ି କାହିଁ ପଡ଼ିଯିବ ଖାତେ
କାହିଁ ଚକ ଯିବ ଅବା ଫିଟି,
ଆତଙ୍କର ମହୁମାଛିମାନେ
ସବୁବେଳେ କରନ୍ତି ଦଂଶନ ।

ଗାଡ଼ି ମଧ୍ୟେ ବସିଥିବା ସ୍ଥାନୁ
ପଛକୁ ମୁଁ ନିରେଖେ ଲେଉଟି
ପଡ଼ିପଡ଼ି ଆସୁଅଛି
ଗୁଳାପରେ କା'ର ପାଦଚିହ୍ନ;
ପାଦ ତା'ର ଦିଶେ ନାହିଁ ସିନା;

ଶଗଡ଼ର ଦଣ୍ଡା କିଏ
ଧରିଥିଲା ପରି ଜଣାପଡ଼େ
ମାତ୍ର ତାର ହାତ ଦିଶେ ନାହିଁ ।

ମୋ ଆଖିକି ପାଏ ନାହିଁ
କିଏ ସେହି ଅବା,
କିନ୍ତୁ ତା'ର ଆଖି ଘୁରେ
ଚକପରି ମୋର ଚାରିଦିଗେ ।
'କିଏ ସିଏ?'
ଅଜଣା ଦିନରୁ ଏହି ପ୍ରଶ୍ନବାଚୀ ଏକ
ଘେନି ମୁଁ ଆସିଛି
ଏହି ସଡ଼କକୁ ସରବସ୍ୱ କରି,
ଦେଖିଲେ ତାହାକୁ ମୁହିଁ
ହେବି ଦୁଇପଦ ଦୁଃଖସୁଖ ବୋଲି,
କେତେକେତେ ଭାବନାକୁ କରିଛି ଚର୍ବଣ
ଥରଥର କେତେ ରୋମନ୍ଥନ,
ଆଗେ ପଛେ ଅନାଇ ଅନାଇ
ଖୋଜିଅଛି ଏକଡ଼ ସେକଡ଼ ।

ସେ ବିଚାରା ସେଇ ଶଗଡ଼ରେ
ବସିଅଛି ମୋ ଆଡ଼କୁ ପଛକରି ପରା;
ଚାହିଁବାକୁ ଚେଷ୍ଟା କଲେ
ହସିଦିଏ ମୁରୁକି ମୁରୁକି,
ଶଗଡ଼ ଯାତ୍ରୀ ମୁଁ ମୋର ଶଗଡ଼ରେ ଚିନ୍ତା ।

■ ■ ■

# ସେ ଅବସ୍ଥା ସୁଖର କି ଦୁଃଖର ବି ନୁହେଁ

ଆମେ ଦୁଇ,
ଜଣେ ଅନ୍ୟ ଜଣକର ଛାଇ,
ବନ୍ଧୁ ଆମେ ବନ୍ଧନ ନ ଥାଇ,
ଯାଉଥିବା ଏକ ଯାନେ ସହଯାତ୍ରୀ ରହି,
ଅନେକ ପଥର ଯାତ୍ରା କରୁଁ ଏକ ହୋଇ । ।୧

ପାଖାପାଖି,
ଥାଇ ସଦା ସେ ଥାଏ ନିରେଖି,
ସିଏ ମୋର ସବୁ କାମେ ସାକ୍ଷୀ,
କାନର ମୋ କାନ ଆଉ ଆଖିର ବି ଆଖି,
ଖାଇବାକୁ ଦେଲେ କେବେ ଦେଖେନାହିଁ ଚାଖି । ।୨

କେତେ ଚିଜ,
କେତେ ଯତନରେ କରି ସଜ,
କାଲି ନ ଖାଇଲା ନାହିଁ, ଆଜ
ଖାଇବ ବୋଲି ଖଟାଏଁ ଶକତି ମୋ ନିଜ,
ସେ ଛୁଏଁନା ମୁହିଁ ଖାଇଚାଲେଁ ନାହିଁ ଲାଜ । ।୩

ସେ ଭୋଜନ,
ନେବା ପାଇଁ ହେବ କାରମନ,
କେ ଗିଳିବ ମୋହ ଛଡା ଅନ୍ୟ?
ମାଛିପରି ଇଚ୍ଛାମାନେ କେତେ ଭଣ ଭଣ
ସାଲୁବାଲୁ ଲାଳସାର କୀଟ କେତେ କଣ? । ।୪

ଯେତେବେଳେ,
ଲଙ୍କା ଖାଇ ପାଟି ମୋର ଜଳେ
ପିତା ଖାଇ ନିତି ଥୁ ଥୁ କରେ
ବମନ କରେ ବା କେବେ ଅତି ଭୋଜନରେ,
ଆକୁଳରେ ତାହାରେ ମୁଁ ଅନୁନୟ କରେ । ।୫

ଏକ ଦିନ,
ତନ୍ଦ୍ରା ନୁହେଁ, ନୁହେ ଜାଗରଣ,
ମନେ ଅଛି ନ ଥିଲା ସପନ,
ଦୂରେ ଦୂରେ ଥିଲେ ମୋର ଆପଣାତ୍ୱ ଗଣ,
ସୁନା ପିଲାଟିଏ ପରି ବାଧ୍ୟ ଥିଲା ମନ । ।୬

ସେତେବେଳେ,
ଇଚ୍ଛାମାନେ ହଜି ଯାଇଥିଲେ,
ଲାଳସା ବି ନ ଥିଲେ ଖୋଜିଲେ,
ଆମେ ଦୁହେଁ ଖାଉଥିଲୁଁ କେତେ ହରଷରେ,
ମରିଚ ବି ଖାଇ କାହିଁ ପାଟି ତ ନ ଜଳେ । ।୭

ତା'ରେ ଚାହେଁ
ତାହାପରେ ନିଜକୁ ମୁଁ ପାଏଁ;
ତାକୁ ଯେବେ ଖୋଜିବାକୁ ଯାଏଁ,
ମୋହଠାରେ ସିଏ ଆହା ଉଙ୍କିମାରୁଥାଏ,
ସେ ଅବସ୍ଥା ସୁଖର କି ଦୁଃଖର ବି ନୁହେଁ । ।୮

■ ■ ■

# କସ୍ତୁରି-କୁରଙ୍ଗ କାହିଁକି କଲି କସ୍ତୁରି?

ଆନନ୍ଦ-କସ୍ତୁରି-ଗନ୍ଧେ ଆମୋଦିତ ସଦା ମୋର ମନ;
ସେ ଗନ୍ଧ ପାଇବି ବୋଲି ବନ ବୁଲି, ଭୁଲିଛି ଜୀବନ । ।୧

ସ୍ତର ସ୍ତର ଭାସିଆସେ ଦୁସ୍ତର ସେ କସ୍ତୁରିର ଗନ୍ଧ,
ଆଘ୍ରାଣର ଲିପ୍ସା, ତାର ସନ୍ଧାନରେ କରିଦିଏ ଅନ୍ଧ । ।୨

'ଏ ବନରେ ଘାସ ନାହିଁ' 'ସେ କାନନେ କେତେ ଯେ କିରାତ';
ଏ ବନ ସେ ବନ କରି ବୁଲିଛି ମୁଁ ବନାନୀ ବହୁତ । ।୩

ସଞ୍ଜ କଲା କେତେ ଦିବା, ସକାଳିଲା କେତେ କେତେ ନିଶା,
ଅବଲୀଳା କ୍ରମେ ଏଇ ସାବଲୀଳ କସ୍ତୁରିର ନିଶା । ।୪

ପାଦଖସି ପଥରରେ ମୋର ଦେହ ମନ ହୋଇଛି ପଥର,
ସବୁଥର ସମ ଆଶା ମିଳିଯିବ ପରା ଏଇଥର । ।୫

ମୋ ମଧ୍ୟେ କସ୍ତୁରି ଥାଇ କସ୍ତୁରିରେ କରାଏ ସନ୍ଧାନ,
ଯାହା ଦେଖେଁ ତାହାଠାରେ କରେଁ ମୁହିଁ କସ୍ତୁରିର ଜ୍ଞାନ । ।୬

କେତେ ବସ୍ତୁ ଆଦରିଛି କେବଳ ମୁଁ କସ୍ତୁରିର ଭ୍ରମେ,
ଗ୍ଲାନିରେ ମୁଁ ମାନିନାହିଁ, ଗଣିନାହିଁ ଅଗଣନ ଶ୍ରମେ । ।୭

ସୁରଭି-ରହିତ କାଳେ ହେବ ମୋର ଗତିପଥ ଘୋର,
ସୁରଭି ବୁଜୁଳା କିଏ ବାନ୍ଧିଥିଲା କାନିରେ ବା ମୋର । ।୮

ସୁରଭିତ କରିଥାନ୍ତି ଗନ୍ଧହୀନ ଦେଖି କେଉଁ ବନ,
ହେଲାନାହିଁ, ରହିଲି ମୁଁ ସବୁବେଳେ କସ୍ତୁରି କୃପଣ । ।୯

ନ ଜାଣିବା-ଫରୁଆରେ ବନ୍ଦ କଲି ସୁରଭି ବିସ୍ମରି,
କେ କହିବ? 'କସ୍ତୁରି କୁରଙ୍ଗ କାହିଁ କି କଲି କସ୍ତୁରି' । ।୧୦

■ ■ ■

# ସତ୍-ଚିତ୍-ଆନନ୍ଦର ମୁଁ କୁଆଡ଼େ ସମ୍ୟକ ସମାହାର

କଥକ ମୁଁ ନିଜକଥା ନିଜେ ଶୁଣେ, ଶୁଣେନାହିଁ ଗଛଲତା କଥା କହିବାର;
ପଥର ମୁଁ ପଥରର ବଥା ମାନ ଗଣେ ନାହିଁ; ହାତୁଡ଼ି ମୋ ପଡ଼େ ବାରବାର । ।୧

ଲୁହଝାରେ ଉଦ୍ଭିଦ-ପୁରୁଷ ଆଉ ଅଗ୍ନିକଣା ଦେଇ ଫୁଟେ ପାଷାଣର ରୋଷ,
ଚେତନାର ମୁଁ ସର୍ବାଧିକାରୀ, ଅନ୍ୟ କା'ର ଚେତନାରେ ନାହିଁ ମୋ ବିଶ୍ୱାସ । ।୨

ଖୋଳି ତାଡି ମାଡ଼ି ଦଳି ଯାଏଁ ମୁହିଁ, ମାଟି ନିତି ଫାଟି ପଡ଼େ ବେଦନା-ବିଧୁରା;
ନିଶ୍ଚେତ କରି ମୁଁ ଦେଖେଁ ସଲିଳରେ, ଚେତନାର୍ଦ୍ର କରେ ମୋତେ ହେଲେ ଚୈତ୍ୟହରା । ।୩

ମୋ ସତ୍ତାର ପଥଧାରେ ସତ୍-ତ୍ୱ ମାନେ ଚାହିଁଥାନ୍ତି, କି କରୁଣ ଚାହାଣିଟା ମାନ;
କାଖେଇ ପାରେନା ଆଖି ସେ ସବୁରେ, ମାଖିଥାଏ ପଡାଭରି କେତେ ଅଭିମାନ । ।୪

ଅବଗାହି ପାରେଁନାହିଁ ସତ୍-ପ୍ରବାହରେ ବହେ ଯାହା ମହୀ ମହାକାଶ ହୋଇ,
ଆହା! ସତ୍ତା ନେଇ ଅହମିକା ମୋର, ସତ୍‌ର ତ ଆହରଣ କେବେ କରିନାହିଁ । ।୫

ଅସରା ଅସରା ହୋଇ ଅସରା ଆନନ୍ଦ ଧାରା ବରଷଇ ଚରାଚର ସାରା;
ପତରର ହାତପାତି ଗଛଲତା; ଫୁଲ କରି ପସାରଇ ଆନନ୍ଦ ପସରା । ।୬

ସାଉଁଟେ ସାଗର ତା'ରେ ଲହରୀର କରେ, ସରିତା ବି ନ ପାରେ ପାଶୋରି;
ପ୍ରଚାରନ୍ତି ପରବତେ ପରସ୍ତ ପରସ୍ତ ସେ ଆନନ୍ଦ ପଡିଅଛି ଝରି । ।୭

ଅକଳନ ସେ ଆନନ୍ଦ ଧାରା ସ୍ୱରୀଭୂତ କାକଳି କି କରେ ଆକଳନ;
ଆନନ୍ଦ ଖୋଜିବା ଆଳେ ନିତି କରେଁ ନିରାନନ୍ଦ କେତେ ସଂକଳନ । ।୮

ସତ୍ ସୁମରି ନି, ଆଉ ଚାହିଁନାହିଁ ଚିତ୍, କରିଅଛି ଆନନ୍ଦର ଆନବ୍ୟବହାର;
ତଥାପି ମୁଁ କହିଚାଲେଁ, 'ସତ୍ ଚିତ୍ ଆନନ୍ଦର ମୁଁ କୁଆଡେ ସମ୍ୟକ ସମାହାର' । ।୯

■ ■ ■

# ଆସ ଆସ ଈଶ୍ୱରଙ୍କୁ ଦେଖିଯିବା ବାରେ

ଆସ ଆସ ଦେଖିବାର ଲୋକେ ଈଶ୍ୱରଙ୍କୁ ଦେଖିଯିବା ବାରେ;
ଭିଡ଼ ଆଉ ଭିଆଅନା ଗୀର୍ଜା, ମସ୍‌ଜିଦ୍‌, ଦେବାଳୟ ଦ୍ୱାରେ । ।୧

ନିଜ ଦେହୁ ନିଗାଡ଼ନା ଶକ୍ତି ଈଶ୍ୱରଙ୍କୁ ଦେହଟାଏ ଦେଇ,
ସର୍ବଦେହୀ କି କରିବ ତୁମ ମନଦିଆ ଦେହଟାଏ ନେଇ? । ।୨

ଫୁଲତୋଳା ଭୋଗବଢ଼ା କହ ଆଉ ସତେ ଲାଗୁଛି କି ଭଲ?
ମାଗୁଣି-ଢାକୁଣି ତଳେ ତାକୁ ଚାହିଁବାଟା କେତେ କଲବଲ । ।୩

ସୁମନ-ସୁଷମା ଭରି ମନ ମାନ ତା ଚରଣେ ଦିଅ ହେ ବଢ଼ାଇ,
ବାସନାର ଧୂପକାଠି ସବୁ ତା ଆଗରେ ଦିଅ ହେ ଜଳାଇ । ।୪

ଭୋଗିବାର ଇଚ୍ଛାମାନ ଆଗେ ଭୋଗବାଢ଼ି କର ସମର୍ପଣ,
ରୂପ ତାର ଦରଶନ ପାଇଁ ମାଜିନିଅ ମନର ଦର୍ପଣ । ।୫

ଈଶ୍ୱରଙ୍କୁ ବନ୍ଦୀ କରି ରଖି ଅନୁରାଗ-ଦ୍ୱେଷ-ଫରୁଆରେ
କାହା ଦରଶନ ପାଇଁ ଆମେ ଧାଡ଼ିବାନ୍ଧୁ ଦେଉଳ ଦୁଆରେ? । ।୬

ଶକତିର ନିକିତିରେ ନିଜେ କତିକରେ ତୋତେ ଆରକତି
ରଖି ସେ ନିରେଖିଥାଏ ସମତାରେ ତୋର କେତେ ଅନୁରକ୍ତି । ।୭

ମାତ୍ର ତୁହିଁ ଉଡୁ ଅବାହୁଡ଼ା ଅହମିକା-ବାହନେ ବହନ
ପାର୍ଶ୍ୱରେ ପରିଣତ କରେ, 'ମୁଁ'କାରର ଦୋହରା ଦହନ । ।୮

ସ୍ୱାର୍ଥ-ସୁରଲିପି ନେଇ ଅର୍ଥହୀନ ପ୍ରାର୍ଥନାର ସବୁତକ ଭାଷା
ସେ ବୁଝେ, ଛୋଟିଆ 'ମୁଁ'ଟି ପାଇଁ କେବଳ ତୋ କୁଶଳ ଜିଜ୍ଞାସା । ।୯

ଦୟନୀୟ ତୋ ଭିତରେ ଥାଇ ନିଥରେ ସେ ଲାଗେ ହସିବାରେ
ଆସ ଆସ ଚକ୍ଷୁଷ୍ମାନମାନେ ଦେଖିଯିବା ଈଶ୍ୱରଙ୍କୁ ବାରେ । ।୧୦

■ ■ ■

# ଖୋଜୁଛି ମୁଁ କାହାକୁ ବା ନିଜେ ସତେ
# ସବୁବେଳେ ରହିଛି ତ ହଜି

ଅବାହୁଡା ଦିନମାନେ ଚାଲିଯାନ୍ତି, କାହିଁ ବାନ୍ଧି ରଖି ହୁଏନି ତ,
ସେଇପରି ପିଲାଦିନ ମୋର ଅତି ଅଜାଣତେ ହୋଇଲା ଅତୀତ । ।୧

ଗଡ଼ିଲା ସେ ଦିନଗୁଡ଼ି ଗୋଟାଇବା କେତେ ଭଲଲାଗେ କହିନୁହେଁ,
ଭିତର-ଆକୁଳା ଭାବ ସବୁକାଳେ ଅବିକଳ ବାହାରେ କି ମୁହେଁ? । ।୨

ବାଲିରେ ବି ହୁଏ ଘର, ଭାତ, ତୁଣ ଦରକାରୀ ଯା ସବୁ ଜିନିଷ
ଆଁନମନା ନ ଥାଏ ତ ଆଜିପରି ଧନମନା ରସ ପିଇ ଭିତର ମଣିଷ । ।୩

ଧୂଳିଘର, ରନ୍ଧାବଢ଼ା, ବିଭାଘର ସବୁ ଯାକ ଘଡିକେ ସାଉଁଟି;
ଏସବୁ ତ ଘଡିକର, ଖୋଜେ ଅବା ସବୁଦିନ ପାଇଁ ମୋ କେଉଁଟି? । ।୪

ନୂଆଁକରି ଦେହ-କୋଠରୀକି ଆସିଥାଏ ଭାବ ମୁହାଁ ମହା ଭଗବତ୍ତା
ଏଠାକାର ଖଳିଆ ଓ ମଳିଆ ପାଣିରେ ବୁଡ ପାରି ନ ଥାଏଟି ସତ୍ତା । ।୫

ପରହୀନ ଡେଣା ନେଇ ଚୁପ୍‌ଚାପ୍ ବସିଥାଏ ମନ-ବିହଙ୍ଗମ
ବୁଲି ବୁଲାଇ ନ ଥାଏ ମୋତେ ଅଗଣନ ପଥ ଗହନ ଦୁର୍ଗମ । ।୬

ଭାବନାର ଖିଅମାନ ମୋର ଟିକେ ହେଲେ ସେବେ ନ ଥିଲା ଅଡୁଆ
ନିଆଁ ପାଣି ସାପ ସବୁ ଆପଣାଇ ନିଜେ କେବେ ନ ଥିଲି ଡରୁଆ । ।୭

ଦେହ-ସରବସ୍ୱ ନୋହି ବାହାର ଫୁଙ୍ଗୁଳା ଆଜ ଭିତର ମୁକୁଳା
ଆଜି ହାୟ ! ବାହାରେ ଘୋଡଣି ଯେତେ ତା'ଠୁ ବେଶୀ ଭିତରେ ଶିକୁଳା । ।୮

ବାଦ ର ବାଦଲ ଦଳ ଥିଲେ ଦୂରେ, ଚେତନାର ସୁରୁ ସୂରୁଜଟି
ବୟସର ଦିଗ୍‌ବଳୟ ତଳୁ ନିରୁତା ହସରେ ଆସୁଥିଲା ଉଠି । ।୯

ବହୁଦିନୁ ଖୋଜୁଥିଲି କା'ରେ? ନ଼ଥିଲା କି ଭାଜି ମୋର ଖୋଜିବା ଆଗ୍ରହ?
ଲୁଚକାଳି ଖେଳେ ତେଣୁ ନିଜେ ଦେଖେଁ ନିଜକୁ ମୁଁ କେତେ ଗହଗହ । ।୧୦

କାମ କାଠିନ୍ୟରେ ଆଜି ଭାରାକ୍ରାନ୍ତ ମୋର ସବୁ ଯେତେ ଖୋଜାଖୋଜି
ଖୋଜୁଛି ମୁଁ କାହାକୁ ବା ନିଜେ ସତେ ସବୁବେଳେ ରହିଛି ତ ହଁଜି । ।୧୧

■ ■ ■

- *ଖଳିଆ ପାଣି - ବର୍ଷା ସମୟରେ ବୋହୁଥବା କାଦୁଅ ପାଣି*
- *ସୁରୁ - ସାନ, ଛୋଟ*

# ମରିବିନି ମୁଁ ଅମରୀ ଲତା

ଅନିଳର ଖେଳା ସେ ଯେ ବଇଁଶୀ ଗଳାରେ ସୁରଲୋଭୀ-ସୁର ଚହଲାଇ,
କ୍ଲେଦହାରୀ ସ୍ୱେଦହାରୀ ସିଏ ଫଗୁଣରେ ତରୁଲତା ତନୁ ଦୋହଲାଇ । ।୧

ପରଖରା ଖରାରେ ସେ ଦେହଜଳା-ଝାଉ, ବରଷାର କୋହଲା ପବନ,
ପିଠିରେ ତା ବାରିଦ-ବୁଜୁଳା ଗତିରେ ତା ଫୁଟୁଥାଏ ବିଜୁଳି-ସୁମନ । ।୨

ଶରତର ମେଘ ଚାଲୁଣିରେ ଛାଣିଛାଣି ଆଣିଦିଏ ସୁରୂପ କିରଣ,
କାଶଫୁଲ-ପତାକା ହଲାଇ କରୁଥାଏ ସ୍ୱକୃତିର ସ୍ୱୀକୃତି ସ୍ମରଣ । ।୩

ଅଣୁଜୀବୁ ମହାଦ୍ରୁମ ଯାଏ ପ୍ରଶ୍ୱସନେ କରିଥାଏ ପ୍ରାଣ ପ୍ରଣୟନ;
ଆପାତାଳ ଅତଳ ଆକାଶ ଅବ୍ୟାହତ ଆପଣାକୁ କରେ ଆନୟନ । ।୪

ଅଗଣନ ବୀତ-ରଣ ପାର୍ଥଗଣେ ବାତ୍ୟା, ବିଶ୍ୱରୂପ କରେ ବିତରଣ,
ବ୍ୟାକୁଳିତ ଚାହେଁ ନିଜ ସ୍ଥିତି ସବୁଠାରେ କରିବାକୁ ସମାନୀକରଣ । ।୫

ମାତ୍ର ମନ-ସରବସ୍ୱ ମଣିଷ ମୁଁ, ସଦା ସୁଧାଶନ ସୁଆସନ ଆଶୀ,
ସର୍ବସ୍ଥ ସତ୍ତାରେ ଚାହେଁ କରିବାକୁ ମୋର ଏକକର କାରାଗାରବାସୀ । ।୬

ସତ୍ତାରେ ମୋ ଟେକାଟେକି କରି ମନ କେବେ ହସୁଥାଏ ପ୍ରାଣ ଉଛୁଳାଇ,
ଆରପାଖେ ସେ ସତ୍ତାରେ ଅବା ଗରିବି ଗୋଇଠା ମାରେ ଗୋଡାଇ ଗୋଡାଇ । ।୭

ଏଇ 'ମୁହିଁ' ଯିଏ, ସିଏ ଅବା ଥାଏ ନା କି? ନିରନ୍ତର ଶରୀର-ସଦନେ,
ଚକିତ, ଥକିତ କେବେ ହୁଏ ନାହିଁ 'ମୁହିଁ', ଚାହିଁବାରେ ନିରଶ୍ରୁ-ନୟନେ । ।୮

ବିଭାବସୁ ବିଭାବୃତ ନେତ୍ର ବିଲୋକଇ ସାରା ବିଶ୍ୱ ସଦା ବିଭାମୟ
ଚେତନାର ପ୍ରତିଚକ୍ଷୁ  ପାଇ ମୁଁ କାହିଁକି ନ ଦେଖିବି ଚିତ୍ ନିରାମୟ । ।୯

ପ୍ରାଣ-ଉପବନେ ଧରେ ମନ-ଗଛମାନେ ଭଲ ଭଲ ଭାବନାର ଫୁଲ
ସେ ସବୁ ସାଉଁଟି କେବେ କରନ୍ତି ମୁଁ ମାଳାମାନ ଅତୁଳ ଅମୂଲ । ।୧୦

ସେଇ ମାଳା ମାନ ନେଇ ବୁଲନ୍ତି ମୁଁ ଜଗତର ସବୁ ନଭେ ଜଳେସ୍ଥଳେ
ଲମ୍ବାଇ ଦିଅନ୍ତି ପରା ଚରାଚର ସାରା ପ୍ରାଣୀ ଆଉ ନିଷ୍ପ୍ରାଣର ଗଳେ । ।୧୧

ସମସ୍ତଙ୍କ 'ମୁଁ' ମାନେ ମିଶି ଛୋଟିଆ ମୋ 'ମୁଁ' ସାଥେ ସତେ ହେଉଥାନ୍ତେ ଗେଲ,
ସ୍ନେହ ଦିଆନିଆ ଛାଡି କିଛି କରିବାକୁ କାହା ପାଇଁ ନ ଥାଆନ୍ତା ବେଳ । ।୧୨

ଏଇମିତି ମୁହୂର୍ତ୍ତର ଲାଗି ଅନନ୍ତ ସମୟ ପଛେ ରହିବି ଅନାଇ
ତା ଆଗରୁ ମୁଁ ଅମରୀଲତା ମରିବି ନି, ମରିବାକୁ କେ ପାରିବ ଚାହିଁ? । ।୧୩

■■■

# ହାତ ପାହାନ୍ତାରେ ମୋର ଆଗରେ ଅମୃତ

ଅନେକ ଅନେକ ପଥ ଚାଲିଛି ମୁଁ କାହା ହାତ ଧରି,
କାହା କଣ୍ଠେ କରିଛି ମୁଁ କେତେ କେତେ ରାଗ ଆଳାପନ,
କିଏ ପାଏ ଭୟ ଆଉ ସେ ଭୟରେ ଉଠେ ମୁଁ ଶିହରି,
ନିଜେ ଲୁହ ଝାରେଁ କେତେ ନ ଜାଣି ସେ କାହା ବିଳପନ । ।୧

ଅଙ୍କାବଙ୍କା ରାସ୍ତାରେ କା ଚାଲିବାରେ ହୋଇଅଛି ବାଧ୍ୟ,
ସରିଗଲା ବାଟକୁ ମୁଁ ଆରମ୍ଭିଛି କାହା ନିର୍ଦ୍ଦେଶରେ,
ନାଚିଛି ମୁଁ ଲାଜହୀନ (ସଦା) ଶୁଣି କା'ର ଅନାବନା ବାଦ୍ୟ,
ଅଭିନୟ କରେଁ ନିତି ଭରି ହୋଇ କାହାର ବେଶରେ । ।୨

'ମୋକ'ରେ କି 'ମୁଁ' କହି ବାଙ୍କିଛି ମୁଁ ତାହାରି ମୋଡରେ,
କାହା ପରିଚୟେ ଭୁଲେଁ ପରିତେଜି ନିଜ ପରିଚିତି ।
ମୋଡିହୁଏଁ, ଯୋଡିହୁଏଁ କାହାର ସେ ଅନେକ ଯୋଡରେ,
ସ୍ୱଚ୍ଛନ୍ଦ ନୋହିଛି କଦା ବାନ୍ଧିହୋଇ କା' ଛନ୍ଦରେ ନିତି । ।୩

ପାଟ ମୁହିଁ ପଟ ସାଥେ ବଳା ହୋଇ ଦଉଡିରେ ହଜାଏଁ, ନିଜତା
ସୁବର୍ଣ୍ଣର ଶୁଆ ଅବା ମାଟିଘଟ ପଞ୍ଜୁରିରେ ମୁହିଁ
ସମସ୍ତଙ୍କୁ ଅତିକ୍ରମି ଯିବା ପରା ଅଟେ ମୋ ଯୋଗ୍ୟତା
ରହିଗଲି ହାୟ। ମୁହିଁ ବହୁଦିନ ଅତିକ୍ରାନ୍ତ ହୋଇ । ।୪

ପାରେ ନାହିଁ ଦେଖି ଆହା ଆଖିମାନ ସଦା ନିଦାକୀର୍ଣ୍ଣ,
ହାତ ପାହାନ୍ତାରେ ମୋର ଅଛି ପରା ଆଗରେ ଅମୃତ,
ଉଖୁଲିବ ଦଉଡି କି ପାଟ ହେବ ପଟ ଠାରୁ ଭିନ୍ନ,
କେତେକାଳ ଅନ୍ତରାଳେ କାହିଁ ମୁହଁ ମାରେ ସେ ମୁହୂର୍ତ୍ତ । ।୫

■ ■ ■

# ପାଥେୟ ମୋ ଜୀବନ-ଯାତ୍ରାରେ

ବନ-ବିହଗର ଗୀତ କେତେ ଭଲ ଲାଗେ, ସେ ଗୀତର କିଛିଟା ବି ହୋଇ,
ଶୁଣେ ଯିଏ ତା ଭିତରେ ପଶି, ହୋଇଯାନ୍ତି, ତା ଖୁସିରୁ କାଣିଚାଏ ମୁହିଁ ।।୧

ସୁମନର ସୁରଭି ସହିତ ସୁଷମାରେ ନିତି ନିତି ହୋଇ ଏକାକାର
ହଜାଇ ନିଜକୁ ନିଜେ ଖୋଜିଲେ ବି ମୋତେ ନ ମିଳନ୍ତା ମୋହର ମୁଁ କାର ।।୨

ସାଗରୁ ସାଉଁଟି ଆଉ ଆହରିଣ ଆକାଶର ଦେହୁ ଚେନାଏ ନୀଳିମା
ପୋଛି ଆଣି ତରୁ ଲତା ସହ ଘାସର ଜିମାରେ ଥିବା କିଛି ସବୁଜିମା ।।୩

କିଛି କିଛି କରି ଆହରଣ ଧବଳତା ଜ୍ୟୋତିକର-ନିକରଙ୍କ କରୁ
କରାୟତ୍ତ କରି କିବା କିଞ୍ଚିତ କାଳିମା ଉଆଁସିଆ ଅନ୍ଧକାର ଘରୁ ।।୪

ସେ ସବୁକୁ ମିଶାଇ କି ସତେ କରନ୍ତି ମୁଁ ରଙ୍ଗ ଏକ ବିଚିତ୍ର ମହାନ
ତା ଭିତରେ ବୁଡ଼ି ବୁଡ଼ି ସାରନ୍ତି କି ମୋର ମହନୀୟ ଶାରୀର ସ୍ନାହାନ ।।୫

ମୋ ନିଜର ରଙ୍ଗ ଯାହା ଲିଭିଯାନ୍ତା, ନ ଆସନ୍ତା ଆଉ ସେ ଉକୁଟି
ଧୋଇଲେ ମାଜିଲେ ସତେ ଶତବାର ଆଉ କେବେ ନ ପାରନ୍ତା ଉଠି ।।୬

ମୋ ନିଜର ରଙ୍ଗ ସଙ୍ଗେ ପରିଚୟ ମୋର କେତେ ଶୀଘ୍ର ପାଇଯାନ୍ତା ଲୟ
ଉତ୍‌ଥାନର ଉତ୍କଣ୍ଠା ସହିତେ ଲିଭିଯାଇ ପାରନ୍ତା କି ପତନର ଭୟ? ।।୭

ବୁଲୁଥାନ୍ତି ନିରଙ୍ଗ ନିସଙ୍ଗ ଭୋପାଳରୁ ହିରୋସିମା ନାଗାସାକି ଯାଏ
ମଣିଷତା ଅନିମେଷ ବେଦନାର ଗୀତି ଯେଉଁଠାରେ ନିତି ନିତି ଗାଏ ।।୮

ଯାଆନ୍ତି ବି ତହିଁ ଯେଉଁଠି ଦୀନତା ହାଣି ଖାଏ ଜୀବୀର ଜୀବନ
ଜରା ଗିଳି ଜୀବ-ତନୁ କରଇ ପାକୁଳି ଛାଡ଼ି ଛାଡ଼ି ଧଳାଧଳା ଫେଣ । ।୯

ଚିତାହୁଏ ଯେଉଁଠାରେ ଅଳପ ବୟସୁ ଜଳି ଜଳି ଜଠରର ଜୁଇ
ଆଳାପର ଯେଉଁଠାରେ ବେଦନାର ବୀଣା ରୋଗ-ହଣା ବିଳାପକୁ ନେଇ । ।୧୦

ସମାଜୀ ଜୀବନ ମାନ ମଣୁଥାଏ ଯହିଁ ନିଜକୁ ବା ନିତି ନିଃସହାୟ
ସେହି ସବୁଠାରେ ଥା'ନ୍ତି ରହି ଜୀବନଟା ମାତ୍ର ଯହିଁ ଖାଲି ହାୟ ହାୟ । ।୧୧

ସେ ଭିତରେ ପଶି ପରା ପିଉଥାନ୍ତି ସଦା ଲୁହାଣିଆ ଲୁଣିଆଁ ଦରଦ
ଉନ୍ମାଦ ମୁଁ ରହୁଥାନ୍ତି ଖାଲି ସବୁ ଭୁଲି ପିଇ ପିଇ ପୀଡ଼ନର ମଦ । ।୧୨

ସୁଖ ଆଉ ଦୁଃଖ ମଧ୍ୟେ ଥିବା ଗାର ଟିକ ଲିଭିଯାନ୍ତା ସଂପୂର୍ଣ୍ଣ ମାତ୍ରାରେ
ସେଇ ଅନୁଭୂତି ନେଇ ପାଆନ୍ତି ନାହିଁ କି ପାଥେୟ ମୋ ଜୀବନ ଯାତ୍ରାରେ । ।୧୩

■ ■ ■

# ପୃଷ୍ଠବନ୍ଧ

ଓଡ଼ିଶାର ସାରସ୍ୱତ ଓ ସାଂସ୍କୃତିକ ଜଗତରେ ଜଣେ ନିରଳସ , ନିଷ୍ଠାପର ସାଧକ ହେମଚନ୍ଦ୍ର ଆଚାର୍ଯ୍ୟ। ଜନ୍ମ ବରଗଡ଼ ଜିଲ୍ଲାର ଗର୍ଭଣା ଗାଁରେ। ସରକାରୀ ଚାକିରି କଲାବେଳେ ସେ ଗାଁ ଛାଡ଼ି ସହରି ହୋଇ ଯିବାର ଅବସର ପାଇଛନ୍ତି। ତା' ହୋଇଥିଲେ ହୁଏତ ସେ ସାନ ସହରରେ ରହିଥାନ୍ତେ; ହୁଏତ ବଡ଼ ସହରରେ ବି ରହିଥାନ୍ତେ; କ୍ଷମତାର କେନ୍ଦ୍ର ସହରରେ ବି ରହିଥାନ୍ତେ। ମାତ୍ର ତାହା ତାଙ୍କୁ ସ୍ୱୀକାର ହୋଇନାହିଁ। କୋଡ଼ିଏ ବର୍ଷରୁ ସାମାନ୍ୟ ଊର୍ଦ୍ଧ୍ୱ ସମୟ ଚାକିରି କଲାପରେ ଇସ୍ତଫା ଦେଇ ଗାଁ କୋଳକୁ ଫେରି ଆସିଛନ୍ତି। ଫଳରେ ତାଙ୍କର ଜନ୍ମଭୂମି ଓ କର୍ମଭୂମି ମଧ୍ୟରେ ଫରକ ନାହିଁ। ୧୯୬୬ରୁ ଆଜିଯାଏ ସେ ପୂର୍ଣ୍ଣତଃ ଜଣେ ଗାଁର ମଣିଷ। ଚାଷ ତାଙ୍କର ଜୀବିକା। ବିଲରେ ନିଜେ ହଳ ନକଲେ ବି ତାଙ୍କ ବୃତ୍ତି କ'ଣ ବୋଲି ପଚାରିଲେ ଉତ୍ତର ହେବ- କୃଷିକର୍ମ। ଓଡ଼ିଶାର ବରଗଡ଼ ଓ ଛତିଶଗଡର୍ ରାୟଗଡ଼ ସୀମାବର୍ତ୍ତୀ ଏକ ଉପାନ୍ତ ଗାଁ ଗର୍ଭଣାରେ ଦୀର୍ଘ କେତେ ଦଶନ୍ଧି ଧରି ସେ ନିରନ୍ତର ଲେଖୁଛନ୍ତି-କାବ୍ୟ,କବିତା, ନାଟକ, ଭଜନ, ଅନୁବାଦ ଓ ପ୍ରବନ୍ଧ। ପୃଷ୍ଠାରେ ଗଣିଲେ ମୋଟ ରଚନା କେତେ ହଜାର ହେବ ବେଧହୁଏ। ସମ୍ବଲପୁରୀ ରଚନାମାନ, ଯଥା 'ସତର ସତୀ ବୃନ୍ଦାବତୀ', 'ନୁନୀ, 'କଥାନୀ ଲେଖେଁ ଲାଗସି', 'କଥାନି ସତ ସତାନି', ଏବଂ 'ରାମରାହା' ପ୍ରକାଶିତ। ଓଡ଼ିଆ ଲେଖା ମଧ୍ୟରେ ୧୯୫୦ ଦଶକରେ 'ମହାରଥୀ କର୍ଣ୍ଣ'(ନାଟକ) ଏବଂ ୧୯୮୫ରେ 'ଶବରୀ ସନ୍ଦେଶ' ମାତ୍ର ପ୍ରକାଶିତ। ଅନ୍ୟସବୁ ଓଡ଼ିଆ ଲେଖା ଅପ୍ରକାଶିତ। 'ଗୀତି ଗାଥା' ନାମରେ କେତୋଟି କ୍ଷୁଦ୍ର ପୌରାଣିକ କାବ୍ୟ ଏବଂ ଆଧୁନିକ କବିତାର ଏହି ଛୋଟିଆ ପ୍ରକାଶନଟିକୁ ଓଡ଼ିଆ ସାହିତ୍ୟରେ ତାଙ୍କୁ ଯତ ସାମାନ୍ୟ ପରିଚିତି ଦେବା ନିମନ୍ତେ ଏକ ଲଘୁ ଉଦ୍ୟମ ରୂପରେ ଦେଖାଯାଇପାରେ।

ହେମଚନ୍ଦ ବାବ ନିରନ୍ତର ଲେଖିଛନ୍ତି। ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଜଗତରେ ସେ ଏକ ଅତି ପରଚିତ ନା। ଅନ୍ୟୁନ କୋଡ଼ିଏଟି ଗ୍ରନ୍ଥାଗାରରେ ସାହିତ୍ୟ ଅନୁଷ୍ଠାନ ତାଙ୍କୁ ସମ୍ମାନିତ ଏବଂ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କର 'ରାମରାହା' ପାଇଁ ତାଙ୍କୁ 'କୋଶଳ ବାଲ୍ମୀକି' ପଦବୀ ଦିଆଯାଇଛି। ପଶ୍ଚିମ ଓଡ଼ିଶା ଲୋକ ଜନାକାର ମୁହଁରେ ତାଙ୍କ ରଚିତ ସମ୍ବଲପୁରୀ ଗୀତ ଓ ଓଡ଼ିଆ କାବ୍ୟର ବହୁତ ବ୍ୟାଖ୍ୟାନ ଶୁଣିବାକୁ ମିଳେ।

[illegible] ୮୦୦୦୦ରୁ [illegible]।

୨୦୦୧ରେ ତାଙ୍କ ରଚିତ ୭୦୦ ପୃଷ୍ଠାର 'ରାମରାହା' କୁ ଏହି ବିଶ୍ୱ ବିଦ୍ୟାଳୟ ପ୍ରକାଶିତ କରିଛି । ୮୨ ବର୍ଷ ବୟସରେ ଏବେବି ସେ ନିୟମିତ ପଢୁଛନ୍ତି ଏବଂ ଶଯ୍ୟାଶାୟୀ ହେବାସତ୍ତ୍ୱେ ଲେଖୁଛନ୍ତି । ଆଉ କିଛି ନହେଲେ ଆଜିର ପିଢ଼ି ପାଇଁ ତାଙ୍କଭଳି ସୃଜନଶୀଳ ବ୍ୟକ୍ତି ଜଣେ କେତେବଡ଼ ପ୍ରେରଣାର ଉତ୍ସ ତାହା ସହଜରେ ବୁଝିହୁଏ ।

ଦୁଃଖର କଥା ଏହି ପ୍ରତିଭାସମ୍ପନ୍ନ ସାରସ୍ୱତ ସାଧକଙ୍କର ଯେଉଁ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରାପ୍ୟ- ତାହା ତାଙ୍କୁ ପ୍ରଦାନ କରା ଯାଇନାହିଁ । ଓଡ଼ିଶାର ପ୍ରତିଷ୍ଠିତ ଓ ସମ୍ଭ୍ରାନ୍ତ ଅନୁଷ୍ଠାନ ଗୁଡ଼ିକ ତାଙ୍କପ୍ରତି ଯଥେଷ୍ଟ ନ୍ୟାୟ ପ୍ରଦର୍ଶନ କରିନାହାନ୍ତି ।

ହେମଚନ୍ଦ୍ର ଆଚାର୍ଯ୍ୟଙ୍କ ଆଉ ଏକ ବିଶେଷତ୍ୱ ହେଲା ଯେ ସୃଜନଶୀଳ କାମ କରିବା ବାହାନାରେ ତାଙ୍କର ଚାଷକାମ ଗୌଣ ହୋଇନାହିଁ, ଗାଈ ବଳଦଙ୍କ ଚିନ୍ତା ଦୂର ହୋଇନାହିଁ । ମରୁଡ଼ି ପ୍ରପୀଡ଼ିତ ପଦମପୁର ସବ୍‌ଡ଼ିଭିଜନର ସେ ଚାଷୀ । ଅଭାବ ଅନଟନ ତାଙ୍କର ଚିର ସାଥୀ । ବଡ଼ ପରିବାର । ହେଲେ ଏସବୁ ତାଙ୍କ ପ୍ରତିଭାର ବିସ୍ତାରରେ ପ୍ରତିବନ୍ଧକ ହୋଇନାହିଁ ।

ଗାଁର ପ୍ରଭାବରେ ତାଙ୍କର ଶବ୍ଦଶକ୍ତି ବେଶ୍ ସହଜ ଓ ସବଳ । ତାଙ୍କର ଶବ୍ଦ ଭଣ୍ଡାରର ବ୍ୟପକତା କେତେ- ତାହା ତାଙ୍କ କାବ୍ୟ କବିତା ଗୁଡ଼ିକୁ ପଢ଼ିଲେ ବୁଝିହେବ । 'ଶବରୀ - ସନ୍ଦେଶ' କାବ୍ୟରେ ତାଳବ୍ୟ 'ଶ'କୁ ପ୍ରତ୍ୟକ ପଦର ଆଦ୍ୟ ପ୍ରାନ୍ତରେ ରଖି ସେ ୨୫ଟି ସର୍ଗ ଲେଖିଛନ୍ତି । ଯମକ, ଯତିପାତ-କାହାରି ଉଣା ନାହିଁ ତାଙ୍କ ରଚନାରେ । ଶବ୍ଦ ବ୍ୟବହାରର ଏ ଯେଉଁ କସରତରେ ଭାବ ତାଙ୍କର ଝୁଣ୍ଟି ପଡ଼ିନି । ଛନ୍ଦବଦ୍ଧତା ସାଙ୍ଗରେ ପୌରାଣିକତା ତାଙ୍କ ରଚନାର ଏକ ବୈଶିଷ୍ଟ୍ୟ । ଏଥିରେ ରହିଥିବା 'ପାଥେୟ ମୋ ଜୀବନ ଯାତ୍ରାରେ' କୁ ବାଦ୍ ଦେଲେ ଅନ୍ୟ ଲେଖାମାନ -'ଶ୍ରବଣ କୁମାର', 'ଶକ୍ତିବିଦ୍ଧ ରାମ', 'ଅଭିଶପ୍ତ ପରୀକ୍ଷିତ' ଏବଂ 'ବ୍ରହ୍ମା ବି ବ୍ରହ୍ମଙ୍କୁ ଚିହ୍ନିଲେ ନାହିଁ'-ପୌରାଣିକ ଉପାଖ୍ୟାନରୁ ନିଆଯାଇଛି ।

ଏକଥା ସତ ଯେ ପୌରାଣିକତା ଏବଂ ଛନ୍ଦବଦ୍ଧତା ଆଜିର କବିତାର 'ଫେସନ' ନୁହେଁ । ତେଣୁ ତାକୁ ନିଜର ସମ୍ପଦ ବୋଲି ବିଚାର କରୁଥିବା ସର୍ଜନାକାରଙ୍କୁ ଯେ ଆଧୁନିକ କାବ୍ୟକାରମାନେ ସୁଦୃଷ୍ଟିରେ ଦେଖିବେ ନାହିଁ- ଏହା ଅନୁମାନ କରିହୁଏ । ଏହାସତ୍ତ୍ୱେ ହେମଚନ୍ଦ୍ର ବାବୁ ନିଜ ଆଦର୍ଶରେ ଦୃଢ଼ । 'ଫେସନ'ର ପ୍ରତିକୂଳରେ ଯାଇ ସେ ମାତ୍ର ଚାଳିଶ ବର୍ଷ ବୟସରେ ସରକାରୀ ଚାକିରିରୁ ଇସ୍ତଫା ଦେଇଛନ୍ତି, ସହରରୁ ଯାଇ ଗାଁରେ ରହିଛନ୍ତି । ରାଜନୀତିରେ ମଧ୍ୟ ସମାଜବାଦୀ ଦଳରେ ରହି ସ୍ରୋତର

ପ୍ରତିକୂଳରେ ଯିବାର ନିଜ ଇଚ୍ଛାକୁ ସୁସ୍ପଷ୍ଟ କରିଛନ୍ତି । ସେ ଏଭଳି ଜଣେ ଅନନ୍ୟ ସ୍ରଷ୍ଟା ଯେ ଆମ ସାହିତ୍ୟର ପରମ୍ପରା ଓ ଐତିହ୍ୟକୁ ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ । ସେ ନିଜେ ସ୍ଥିର ନିଶ୍ଚିତ ଯେ ପୌରାଣିକ ଭାବନା ରଚନାର ସାମାଜିକ ପ୍ରାସଙ୍ଗିକତାକୁ ଊଣା କରେ ନାହିଁ । ତାଙ୍କ ମତରେ, ବରଂ ଛନ୍ଦବଦ୍ଧତା ଗୀତି କବିତାର ଶୃତିମଧୁରତାକୁ ବଢ଼ାଇଦିଏ । ପୁଣି, ଶବ୍ଦ ସାଗରକୁ ଆୟତ୍ତ କରିବା ବି ଏକ ସାହିତ୍ୟିକ ସାଧନା; ପୁରାଣ ବି ଏକ ପାରମ୍ପରିକ ସମ୍ପଦ । ତାକୁ ଉପେକ୍ଷା କରି ଜନ ସାହିତ୍ୟ ସୃଷ୍ଟି କଠିନ ନିଶ୍ଚୟ । ଆଜିର ସାହିତ୍ୟରେ ଉପେକ୍ଷିତ ହେଉଥିବା ପୌରାଣିକ କଥାବସ୍ତୁ ଏବଂ ଛନ୍ଦବଦ୍ଧତା ଆଦି ଯେ ଆଗାମୀ ଦିନରେ ଜନ ଆଦୃତି ଲାଭକରିବନାହିଁ ସେକଥା କହି ହେବନି । ତେଣୁ, ସୃଜନଶୀଳ କଳାକାର କଦାପି 'ଫେସନ'ର ଦାସ ନ ହୋଇ ବରଂ ସ୍ରୋତର ପ୍ରତିକୂଳରେ ଯାଇ ନିଜର ଅନନ୍ୟତାକୁ ମହତ୍ତ୍ୱ ଦେବାକଥା ! ଶେଷରେ ଏତିକି କହିବା ଯଥେଷ୍ଟ ହେବ ଯେ ହେମଚନ୍ଦ୍ର ଆଚାର୍ଯ୍ୟଙ୍କର 'ଗୀତିଗାଥା'କୁ ପଢ଼ିଲେ ମନେହଏ ଶ୍ରୀ ଆଚାର୍ଯ୍ୟ ଏମିତି ଜଣେ କବି ଯାହାଙ୍କର ଆଧୁନିକ କବିତାରେ ପରମ୍ପରା ଉପେକ୍ଷିତ ହୋଇନାହିଁ ସାଙ୍ଗରେ ପୌରାଣିକ କାବ୍ୟରେ ସାମାଜିକ ପ୍ରାସଙ୍ଗିକତା ଓତଃପ୍ରୋତଃ ହୋଇ ରହିଛି । ତାଙ୍କର ସୃଜନଶୀଳତା ଓ ଗଭୀର ଭାବ ଆମର ପାଠ୍ୟ ହେଉ-ଏହାହିଁ ମୋର ଆଶା ଓ ବିଶ୍ୱାସ ।

**ଡ଼କ୍ଟର ବିଜୟାନନ୍ଦ ସିଂହ**
**ମାନସିଂହ ପାଟଣା, କଟକ**